
-25

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ

❋ ପଞ୍ଚମ ପୁଷ୍ପ ❋ ଷଷ୍ଠ ପାଖୁଡ଼ା ❋ ପଞ୍ଚବିଂଶତମ ସଂଖ୍ୟା ❋

ସଂପାଦକ : କେଶବଦାସ ବୃନ୍ଦାବନ

ପ୍ରକାଶକ : ଧୀରେନ୍ଦ୍ର ବେହେରା, ସାଧାରଣ ସଂପାଦକ
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍
କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରଣ : ଇନ୍ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ ।

ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ତ୍ୱ ସଂରକ୍ଷିତ ॥

❋ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ ❋ ତ୍ରିଚତ୍ୱାରିଂଶତ୍ ❋ ଅଙ୍ଗଭେଟ ମାସ ❋ ରକ୍ଷାବନ୍ଧନ ପୂର୍ଣ୍ଣିମା ❋

# ସ୍ୱପ୍ରକାଶ ପ୍ରକୃତି

❋ ପଞ୍ଚମ ପୁଷ୍ପ ❋

ଷଷ୍ଠ ପାଖୁଡ଼ା

ପଞ୍ଚବିଂଶତିତମ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ଦ୍ୱିତୀୟ ମହକ କେଶବାବ୍ଦ - ୫୨, ବ୍ୟାସ ପୂର୍ଣ୍ଣିମା ୨୦୦୭ ମଇ ୨


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଅନାମ ଭଜନ | ୨ |
| ଶ୍ରୀପଦ ମହିମା | ୩ |
| ତୁମେ ମୋ ନୟନମଣି | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ଚରମର ଚିନ୍ତନ : ଏ ପାଖୁଡ଼ାରେ | ୭ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ (ଗନ୍ଧାଂଶ) : | ୧୦ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୩ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି | ୧୯ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୧ |
| ଜିଜ୍ଞାସା : ଜିଜ୍ଞାସୁ : | ୨୪ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୮ |
| କେଶବ କୈବଲ୍ୟ କଣିକା | ୩୧ |
| କଲ୍ୟାଣ ଦେଲି ତୋତେ | ୩୩ |
| ପୁରାଣ ପୃଷ୍ଠାରୁ : ଗନ୍ଧାଂଶର ମୀମାଂସାଖଣ୍ଡ | ୩୭ |
| ମାଳିକା ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା | ୪୦ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୪୨ |
| ଶୈବ୍ୟା କାବେରୀ ତୀର୍ଥ ପ୍ରତିଷ୍ଠା | ୪୪ |
| ଆଶ୍ରମ ସନ୍ଦେଶ | ୫୦ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।

୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।

୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।

୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।

୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।

୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢନ୍ତୁ ଓ ସାଇତି ରଖନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।


# ଅରୁଣସ୍ତମ୍ଭ

## ମଙ୍ଗଳାଚରଣ

ହେ କେଶବ ! ମମଗୁରୁ ଯଦୁନାଥ ସୁତ
ଗନ୍ଧାଦିଭି ସୁପରିଲେପିତ ସର୍ବଗାତ୍ରମ୍ ।
ଜ୍ଞାନାମୃତୈର୍ହରସିବୈ ତମସା ମେ ନିତ୍ୟମ୍
ରକ୍ଷାଂ କରୋତୁ ଭଗବନ୍ ସଚରାଚରସ୍ୟ ॥

## ଶ୍ରୀ ପଦ ବନ୍ଦନା

ଶ୍ରୀପଦ ପଙ୍କଜ କରେ ବନ୍ଦନ ।
ଘେନା କର ପ୍ରଭୁ ଯଦୁନନ୍ଦନ ॥୧॥
ଶ୍ରୀପଦ କମଳ ପ୍ରେମରେ ଭରା ।
ଜୀବଙ୍କୁ ବିତରେ ପ୍ରେମ ମଦିରା ॥୨॥
ଶ୍ରୀପାଦପଦ୍ମ ଅଭୟ ପସରା ।
ଜୀବ ତରିଯାଏ ଲଭିଣ ଧାରା ॥୩॥
ଶ୍ରୀପଦାରବିନ୍ଦ ଆଶ୍ରୟସ୍ଥଳ ।
ଜୀବ ଲଭେ ତହୁଁ ଅଗାଧ ବଳ ॥୪॥
ଶ୍ରୀପଦ କମଳ ଦିଏ ଶରଣ ।
ଜୀବଙ୍କର କରେ ଦୁଃଖ ହରଣ ॥୫॥
ଶ୍ରୀପଦ ବୁଝଇ ଅନ୍ତର ଭାଷା ।
ଶ୍ରୀପଦ ଦିଅଇ ସର୍ବ ଭରସା ॥୬॥
ଶ୍ରୀପଦ ପଙ୍କଜ ଶକତି ଭରା ।
ଶ୍ରୀପଦ କମଳ ଦୁଃଖ ପାଶୋରା ॥୭॥
ଶ୍ରୀପଦ ଦିଅଇ ନୂତନ ଆଶା ।
ଶ୍ରୀପଦ ଦେଖାଏ ନୂତନ ଦିଶା ॥୮॥
ଶ୍ରୀପଦରେ ଠୁଳ ମୁକ୍ତି ପସରା ।
ଶ୍ରୀପଦରୁ ଝରେ ନୂଆ ଇସାରା ॥୯॥
ଶ୍ରୀପାଦପଦ୍ମର ଶକ୍ତି ଅମାପ ।
ଶ୍ରୀପଦ ହରଇ ଜୀବ ତ୍ରିତାପ ॥୧୦॥
ଶ୍ରୀପଦର ଖେଳ ଅଟଇ ଲୀଳା ।
ଶ୍ରୀପଦ ସଂସାର ସାଗରେ ଭେଳା ॥୧୧॥
ଶ୍ରୀପଦରେ ଲୟ ରଖ୍ ନିରତ ।
ଶ୍ରୀପଦକୁ ଚିନ୍ତେ ଅନବରତ ॥୧୨॥
ଶ୍ରୀପଦ କମଳ ଚିର ନମସ୍ୟ ।
ଶ୍ରୀପଦରେ ଥୁଆ ସର୍ବ ରହସ୍ୟ ॥୧୩॥
ଶ୍ରୀପଦ ଉଦକ ଅଟେ ଅମୃତ ।
ଶ୍ରୀପଦ ହରଇ ସର୍ବ ଦୁଷ୍କୃତ ॥୧୪॥
ଶ୍ରୀପଦ ନାବରେ ପଦ କାଣ୍ଡାରୀ ।
ଶ୍ରୀପଦ ପଙ୍କଜେ ଶରଣ ନେଲି ॥୧୫॥
ଶ୍ରୀପଦ ବିତରେ ଜୀବ ମୁକତି ।
ଶ୍ରୀପଦ କରାଏ ଚରମ ପ୍ରାପ୍ତି ॥୧୬॥
ଶ୍ରୀପଦ ଜୀବର ଅଭୟ ସ୍ଥଳ ।
ଶ୍ରୀପଦ କାଟଇ ବିସ୍ମୟାନଳ ॥୧୭॥
ଶ୍ରୀପଦରେ ଅଛି ଜୀବ ଜୀବନ ।
ଶ୍ରୀପଦ ପାଇଁ ଭକତ ଉଛନ୍ନ ॥୧୮॥
ଶ୍ରୀପଦରେ ଠୁଳ ଭକତି ବୀଜ ।
ଶ୍ରୀପଦ ଧ୍ୟାନରେ ବଢ଼ଇ ଓଜଃ ॥୧୯॥
ଶ୍ରୀପଦରେ ଅଛି ସକଳ ଚାବି ।
ଶ୍ରୀପଦ ଚାହିଁଲେ ନାଚଇ ଛବି ॥୨୦॥
ଶ୍ରୀପଦେ ଭରିଛି ଅନନ୍ତ କୃପା ।
ଶ୍ରୀପଦ ଭଜୁଛି ନାମ ଅଜପା ॥୨୧॥
ଶ୍ରୀପଦେ ଦାସର ଏତିକି ଅଳି ।
ଶ୍ରୀପଦ ନୟନେ ଉଠୁ ଉଛୁଳି ॥୨୨॥




## ଅନାମ ଭଜନ

ଆଖିରେ ନାଚୁଛି    ସାକ୍ଷୀଟିଏ ହୋଇ
ପକ୍ଷୀଟିଏ ମନୋରମ ।
ନାଚୁଥିବା ଯାଏ    କୁଳଚନ୍ଦ୍ରମାରେ
ନ ଛୁଇଁବ କାଳଯମ ॥୦॥
ନାହିଁ ନାମଧାମ    ଅରୂପ ଅନାମ
ନାହିଁ ଇନ୍ଦ୍ରି ନାହିଁ ଯୋନୀ,
ନିଶି ଦିବସରେ    ତୋ ପୁର ମଧ୍ୟରେ
ଖେଳୁଅଛି ତୋତେ ଘେନି;
ତା'କୁ ନ ଲୋଡ଼ିଲୁ    ତା'କୁ ନ ଚିହ୍ନିଲୁ
ଭ୍ରମି ହେଉ କରି ଭ୍ରମ ॥୧॥
ଦୁଇକୂଳ ହିତ    କରେ ସମାହିତ
ଅକୂଳରେ ବାସ ତା'ର,
ଦୁଇ ନିଆଁ ଧରି    ଦୁନିଆଁ ବିହରି
ସଂସାରେ ନ କରେ ଘର;
ବିଷମ ଏ ପଥ    ସୁଖେ ଚଳେ ରଥ
କେ' ଅଛି ତାହାର ସମ ॥୨॥
ଧରିଥିବୁ ରସି    ଦିବାନିଶି କଷି
ବସିଯିବୁ ନାହିଁ ଧନ,
ମୂଳ ଲାଗିଥିଲେ    ମଜୁରିଟି ମୂଳେ
କରିବୁରେ ଗଣ୍ଠିଧନ;
ହିସାବ ନିକାଶ    ନକରି ପ୍ରକାଶ
ଜପୁଥିବୁଟି ଅ-ଉ-ମ ॥୩॥

# ଶ୍ରୀପଦ ମହିମା

ଗୁରୁ ପଦ୍ମ ଚରଣ
ମନ, କରୁଥା ସଦା ସ୍ମରଣ ରେ ..... (୦)
ବରଜି ବିଷୟା ଅନିତ୍ୟ ରସ
ସେ ପଦ୍ମଚରଣ ମହିମା ଯଶ
କରରେ ରସନା ଅବିରତ ଦିବା
ରଜନୀ ନିରତେ ଗାନରେ..... (୧)
ରେ ଚିତ୍ତ, ଲଗାଅ ସେ ପଦେ ଧ୍ୟାନ
ପାଇବୁ ଯେବେ ତୁ ମୁକତି ଧନ
ଢ଼ାଳି ସବିନୟ ଭକତି ପ୍ରଣତି
ରେ ଶିର, ହୁଅ ତୁ ଧନ୍ୟରେ ..... (୨)
ସେ ପଦ ଯୁଗଳ କଲେ କରୁଣା
ଦୂରେ ଯିବ ସବୁ ଭବ ଯାତନା
ସାଷ୍ଟାଙ୍ଗ ପ୍ରଣାମ କରି ନିବେଦନ
ସେ ପଦେ ନିଅ ଶରଣରେ..... (୩)
ରେ ମନ, ଏକଥା ହେତୁରେ ରଖ
ଚରମ ପ୍ରାପତି: ଚରମ ଲକ୍ଷ୍ୟ । (୩ଥର)
ବେଗୁ ମଜ୍ଜି ଯାଆ ସେ ଚରଣେ ମନ,
ହେବ ତୋ ଲକ୍ଷ୍ୟ ପୂରଣରେ .... (୪)

# ତୁମେ ମୋ ନୟନମଣି

ସବୁ ପାଇବାର ପାଇବା ହେ ତୁମେ
ତୁମେ ମୋ ନୟନ ମଣି ।
ପଲକେ ପଲକେ ନାଚ ମୋ ନୟନେ
ଆହେ ପ୍ରଭୁ ଚିନ୍ତାମଣି ।।ଘୋଷା ।।
ବିଷୟାର ବିଷ ନିଃଶ୍ୱାସର ନିଶା
ଛଡ଼ାଇ ପାର ନିମିଷେ ।
ଅମୀୟ ପଥରେ ଘେନି ଯାଅ ମୋତେ
ବୁଡ଼ାଇ ଅମୃତ ରସେ ।
ମନଫୁଲ ମୋର ହୃଦୟ କୁସୁମ
ତୋଳି ଦେଉଅଛି ଜାଣି ।।୧।।
ଦାରାସୁତ କନ୍ୟା ମମତାର ବନ୍ୟା
ଲୋଡ଼ାନାହିଁ ଲୋଡ଼ା ମୋର ।
ତୁମରି ସେନେହ ବନ୍ଧନ ଡ଼ୋରିରେ
ବାନ୍ଧିରଖ ରାଧାବର ।
ଆହେ ବାସୁଦେବ ମୋ ପ୍ରଭୁ କେଶବ
ଦିଅ ନିଅ ଗଣି ଗଣି ।।୨।।
ତୁମେ ଧନଜନ ତୁମେ ବୁଦ୍ଧିଜ୍ଞାନ
ତୁମେ ମାନ ସନମାନ ।
ତୁମେ ହିଁ ମିଳନ ବିରହ ହିଁ ତୁମେ
ତୁମେ ପୁଣି ଅଭିମାନ ।
ତୁମେ ତ ଜୀବନ ତୁମେ ହିଁ ତ ମୃତ୍ୟୁ
ପ୍ରବହି ଆସ ଉଜାଣି ।।୩।।

# ମୁଖଶାଳା

## ସମ୍ପାଦକୀୟ

ଜୀବ ତା' କର୍ତ୍ତବ୍ୟରୁ ଭ୍ରଷ୍ଟ ହେଲେ, ସଙ୍ଗେ ସଙ୍ଗେ ତା'କୁ ଦଣ୍ଡ ଭୋଗିବାକୁ ପଡୁଛି । ଦଣ୍ଡ ସ୍ୱରୂପ ମାୟାର ତାଡ଼ନା ସହିବାକୁ ପଡୁଛି । ଜୀବ ସ୍ରଷ୍ଟାପୁରୁଷଙ୍କୁ ଭୁଲି, ତାଙ୍କ ସୃଷ୍ଟିରେ ଆସକ୍ତ ହୋଇ ପଡୁଛି । ନିତ୍ୟକୁ ଛାଡ଼ି ଅନିତ୍ୟ ପଛରେ ଧାଉଁଛି । ସ୍ମରଣ ରଖିବାକୁ ହେବ ଯେ, ଭଗବତ୍ ଭଜନ ବ୍ୟତୀତ ଅନ୍ୟ କାମରେ ସମୟ କଟାଇବା ଦ୍ୱାରା ଜୀବ ଆପଣା ଜୀବନକୁ ହିଁ ନଷ୍ଟ କରେ । ଏହା ଏକ ପ୍ରକାର ଆତ୍ମହତ୍ୟା ବ୍ୟତୀତ ଅନ୍ୟ କିଛି ନୁହେଁ । ମନୁଷ୍ୟ ଶରୀର ଲାଭର ଉଦ୍ଦେଶ୍ୟ ବଡ଼ ସୁନ୍ଦର ଭାବରେ ଜଗନ୍ନାଥ ଦାସ ଭାଗବତରେ କହିଅଛନ୍ତି :

''ଦୁର୍ଲ୍ଲଭ ମଣିଷ ଶରୀର । ନରକ ନିସ୍ତାରଣ ଦ୍ୱାର ॥''

ମନୁଷ୍ୟ ଦେହଧରି ପ୍ରଭୁଭଗବାନଙ୍କର ଶୁଭନାମ ନିରନ୍ତର ଭଜନ କଲେ, ଏହି ଦେହରେ ନରକ ନିସ୍ତାରଣ ହୋଇଥାଏ । ଏହା ବ୍ୟତୀତ ନରକ ନିସ୍ତାରଣର ଯେତେ ପ୍ରକାର ଉପାୟ ଅଛି, ସେ ସବୁ ଯଥେଷ୍ଟ ନୁହଁନ୍ତି । ଚଣ୍ଡିରେ ଉଲ୍ଲେଖ ଅଛି:

''ଜ୍ଞାନୀନାମପି ଚେତାଂସି ଦେବୀ ଭଗବତୀ ହିସା ।<br>
ବଳାଦାକୃଷ୍ୟ ମୋହାୟ ମହାମାୟା ପ୍ରଯଚ୍ଛତି ॥''

ଜ୍ଞାନୀମାନଙ୍କର ଚିତ୍ତ ମଧ୍ୟ ମାୟାଗ୍ରସ୍ତ ହୁଏ । ସେମାନେ ମଧ ମାୟାରେ ପଡ଼ନ୍ତି । ତେଣୁ ଭଗବଦ୍ ଭଜନ, ବୀଜମନ୍ତ୍ର ମନନ ଓ ମାନସ ଜପ ନ କଲେ, ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ, ଜୀବ ଓ ଶରୀର ଲାଭକରି ଜୀବ ଆତ୍ମଘାତୀ ସାଜି ପ୍ରତିଟି ଅମୂଲ୍ୟ ମୁହୂର୍ତ୍ତରେ ଆତ୍ମହତ୍ୟାହିଁ କରିଚାଲେ, ଚାଲିଛି । ଭାଗବତକାରଙ୍କ ଭାଷାରେ :

''ସର୍ବ ଶରୀର ମଧ୍ୟେ ସାର । ଦୁର୍ଲ୍ଲଭ ନର କଳେବର ॥<br>
ସୁଲଭ ନାବ ରୂପ ଘାଟେ । ବନ୍ଧନ ଭବ ସିନ୍ଧୁ ତଟେ ॥<br>
ଏ ନାବେ ଗୁରୁ କର୍ଣ୍ଣଧାର । ମୁହିଁ ଅନୁକୂଳ ସମୀର ॥<br>
ଏମନ୍ତ ନାବ ଥାଉଁ କୂଳେ । ଯେ ବା ନ ତରେ ଭବଜଳେ ॥<br>
ସେ ନର ହୀନ ମୂଢ଼ମତି । ତାହାକୁ ବୋଲି ଆତ୍ମଘାତୀ ॥''

ତେଣୁ ମାୟା ବନ୍ଧନରୁ ରକ୍ଷା ପାଇବାର ଏକମାତ୍ର ଉପାୟ ପ୍ରଭୁଙ୍କର ପୁଣ୍ୟନାମ ଭଜନ, କୀର୍ତ୍ତନ, ପ୍ରଭୁଦତ୍ତ ବୀଜମନ୍ତ୍ରର ମନନ ଓ ମାନସଜପ, ପ୍ରଭୁଙ୍କର ଆଜ୍ଞା ଆଦେଶ ନିର୍ବିଚାରରେ ପାଳନ ଏବଂ ପ୍ରଭୁଙ୍କର ସେବା ଓ ସୁଖ ନିମନ୍ତେ ଆତ୍ମନିବେଦନ । ଏହାହିଁ ଜୀବର କର୍ତ୍ତବ୍ୟ । ଶ୍ରୀମଦ୍ ଭାଗବତରେ ଅଛି ପରା :

''ଏ ମନ କୃଷ୍ଣପାଦେ ଦେଲେ । ସେ ମାୟା ନ ଲାଗଇ ଭଲେ ॥''

ସ୍ଥୂଳଜଗତରେ ମାୟା ସଂକଟ ଓ ତଜ୍ଜନିତ ପାପରୁ ଉଦ୍ଧାର ପାଇବା ନିମନ୍ତେ ଟୀକା ଗୋବିନ୍ଦ ଚନ୍ଦ୍ରରେ ଯୋଗୀ ବିପ୍ର ଦାସ ଜୀବକୁ ଚେତାଇ ଗାଇ ଯାଇଛନ୍ତି:

''ଆହେ ଦୀନବନ୍ଧୁ ଏହି ସଂକଟରୁ ମୋତେ ଉଦ୍ଧାର କରିବ ।
ତୁମ୍ଭ ପଦ୍ମପାଦେ ସେବା ନିରନ୍ତରେ ରହି ଅଧମକୁ ଦେବ ॥
ଅଭୟ ଚରଣ ଭିନ୍ନ ମୋ ଶରୀର ନ ରୁଚଇ ଆନ କିଛି ।
ଦାସଦୋଷ କ୍ଷମା ନକଲେ ମହିମା ଦେଖିବି କିରୂପେ ଖ୍ୟାତି ॥
ବାରେ ତୁ ସଦୟ ନ ହେଲେ କି ଆଉ ବଞ୍ଚି ରହିବ ଜୀବନ ।
ଯାହା ଇଚ୍ଛା ତୋର ରହିଛି ଚରଣେ କର କରୁଣା ନିଧାନ ॥
ନିତ୍ୟେ ତୁମ୍ଭ ନାମ ସ୍ମରଣ କରିବି ନ ହେବ କେବେ ପାଶୋର ।
ଏହି ଆଜ୍ଞା ମୋତେ ପ୍ରସନ୍ନେ ଦେବଟି ଆହେ ପ୍ରଭୁ ଚକ୍ରଧର ॥''

ଶ୍ରୀମଦ୍‌ଭଗବଦ୍ ଗୀତାର ଅଷ୍ଟମ ଅଧ୍ୟାୟର ଚତୁର୍ଦ୍ଦଶ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହନ୍ତି :

''ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ॥''

ଅର୍ଥାତ୍: ହେ ପାର୍ଥ, ଅନନ୍ୟ ଚିତ୍ତ ହୋଇ ଯେ ମୋତେ ନିତ୍ୟ ନିରନ୍ତର ସ୍ମରଣ କରନ୍ତି ଅର୍ଥାତ୍ ମୋର ନାମ ଓ ମନ୍ତ୍ର ଭଜନ, ମନନ କରନ୍ତି, ସେହି ସଦା ସ୍ମରଣଶୀଳ ଯୋଗୀ ପକ୍ଷରେ ମୁଁ ସୁଲଭ ହୁଏ । ଅନ୍ୟମାନଙ୍କ ପକ୍ଷରେ ନୁହେଁ ॥

ଗୋସ୍ୱାମୀ ତୁଳସୀ ଦାସଙ୍କ ଭାଷାରେ :

''କାମିହି ନାରୀ ପିଆରି ଜିମି ଲୋଭିହି ପ୍ରିୟ ଜିମି ଦାମ୍ ।
ତିମି ରଘୁନାଥ ନିରନ୍ତର ପ୍ରିୟ ଲାଗହୁ ମୋହି ରାମ୍ ॥''

ଅର୍ଥାତ୍: ହେ ରଘୁନାଥ, ହେ ରାମ, ତୁମେ ନିରନ୍ତର ମୋର ପ୍ରିୟ, ଯେପରି ଜଣେ କାମୁକ ପୁରୁଷର ପ୍ରିୟ ଜଣେ ସୁନ୍ଦରୀ ନାରୀ ଓ ଟଙ୍କା ପଇସାଦି ସମ୍ପତ୍ତି ଜଣେ ଲୋଭୀର ପ୍ରିୟ ହୋଇଥାଏ, ତୁମେ ସେହିପରି ମୋର ପ୍ରିୟ ॥

କେବଳ ପ୍ରଭୁଙ୍କର ନାମ ହିଁ ଭଗବାନଙ୍କର ସ୍ୱରୂପ ସମ୍ବନ୍ଧରେ ଜୀବଗଣଙ୍କୁ ଏକ ଧାରଣା ଦେଇଥାଏ । ନାମ କୀର୍ତ୍ତନ ଓ ମନ୍ତ୍ର ମନନ ବ୍ୟତୀତ ପ୍ରଭୁଙ୍କର ସ୍ୱରୂପ ନିର୍ଣ୍ଣୟ କରିବା ଅସମ୍ଭବ । ଏହା ଅଭ୍ୟାସ ନ କରି ଯେଉଁମାନେ ପ୍ରଭୁଙ୍କର ସ୍ୱରୂପ ସମ୍ପର୍କରେ

ନାନାଦି କଥା କହନ୍ତି, ସେମାନେ ମିଥ୍ୟାଚାରୀ, କପଟୀ ଏବଂ ଛଳନାଯୁକ୍ତ ଭଣ୍ଡ ବ୍ୟତୀତ ଅନ୍ୟକିଛି ନୁହଁନ୍ତି । ମହାତ୍ମା ତୁଳସୀ ଦାସ ଅତି ସୁନ୍ଦର, ମଧୁର, ମନୋଜ୍ଞ ଭାଷାରେ ଏ ସମ୍ପର୍କରେ କହନ୍ତି :

''ଦେଖିଅ ରୂପ ନାମ ଅଧୀନା । ରୂପ ଜ୍ଞାନ ନହିଁ ନାମ ବିହୀନା ॥

ରୂପ ବିଶେଷ ନାମ ବିନୁ ଜାନେଁ । କରତଲ ଗତ ନ ପରାହିଁ ପହିଚାନେଁ ॥''

ଶ୍ରୀମଦ୍‌ଭାଗବତରେ ଏହି ଭାବଧାରାକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରନ୍ତି ମୁନୀଶ୍ରେଷ୍ଠ ବ୍ୟାସଦେବ :

ମୟ୍ୟର୍ପିତାତ୍ମାନଃ ସଭ୍ୟ ନିରପେକ୍ଷସ୍ୟ ସର୍ବତଃ ।

ମହାତ୍ମନା ସୁଖଂ ଯରତ୍ କୁତଃ ସ୍ୟାଦ୍ ବିଷୟାତ୍ମନାମ୍ ॥''

ଅର୍ଥାତ୍: ଯେଉଁ ଭକ୍ତ ମୋଠାରେ ନିଜର ହୃଦୟ ଅଭିନିବେଶ କରି ବିଷୟସଂସାରର ସକଳ କାମନା ବାସନା ତ୍ୟାଗ କରିଛି ଏବଂ ଆତ୍ମାଭିନିବେଶର ସହିତ ମୋ ମାଧ୍ୟମରେ ପରମାନନ୍ଦ ଲାଭ କରୁଅଛି; ତାହା ବିଷୟ ସଂସାରରେ ନିମଜ୍ଜିତ ଜୀବଗଣ ସେହି ଭକ୍ତ ସଦୃଶ କିପରି ବା ଲାଭ କରି ପାରିବେ ? ସଂସାର ପ୍ରତି ଉଦାସୀନ ନ ହୋଇ ଛଳନା କପଟାଚାର ଓ ମିଥ୍ୟାଚାର ଦ୍ୱାରା ଭଗବତ୍ ଉପଲବ୍ଧି କଦାଚ କରାଯାଇପାରେ ନାହିଁ । ଅନନ୍ୟଚିତ୍ତର ଅର୍ଥ ଏଠାରେ ପ୍ରଣିଧାନ ଯୋଗ୍ୟ । ଈଶ୍ୱର/ଠାକୁର ସେବା ଛାଡ଼ି ଇତର ସେବାରେ ମନବଳାଇ ଶସ୍ତା ସୁନାମ, ଖ୍ୟାତି, ଯଶ, ପ୍ରଶଂସା ପାଇଁ ପାଗଳପ୍ରାୟ ବ୍ୟକ୍ତିର ଯେ ଈଶ୍ୱର ଉପଲବ୍ଧି ହୁଏ, ଏହା ଅବଶ୍ୟ ଅବିଶ୍ୱାସନୀୟ ॥

ଏହି ପରିପ୍ରେକ୍ଷୀରେ ସନ୍ଥ କବୀର କହନ୍ତି :

''ସାଁସୌ ସାଁ ସା ନାମ ଜପୁ, ଅରୁ ଉପାୟ କଛୁ ନାହିଁ ॥''

ଶ୍ୱାସପ୍ରଶ୍ୱାସର ତାଳେ ତାଳେ, ହୃତ୍‌ସ୍ପନ୍ଦନର ତାଳେ ତାଳେ, ନାଡ଼ିସ୍ପନ୍ଦନର ତାଳେ ତାଳେ ଠାକୁରଙ୍କର ପ୍ରଦତ୍ତ ବୀଜମନ୍ତ୍ରର ମାନସ ଜପ ବ୍ୟତୀତ ଅନ୍ୟ କୌଣସି ଉପାୟରେ ପ୍ରଭୁଙ୍କର ପାଦପଦ୍ମରେ ମନ ନିବେଶ ସମ୍ଭବ ନୁହେଁ । ଅଳମତି ବିସ୍ତରେଣ ! ଶ୍ରୀ କେଶବ ସମର୍ପଣମସ୍ତୁ !!

**-ସଂପାଦକ, 'ଚରମ' ॥**

ନିର୍ମାୟା ପୁରୁଷ ସେ ଯେ ନିର୍ମାୟାରେ ବାସ ।
ରୂପ ରେଖରେ ନଥାଇ ଅଦୃଶ୍ୟରେ ଦୃଶ୍ୟ ॥
ଅଜ୍ୟୋତିରେ ଜ୍ୟୋତି ସେହୁ ଅବିଦ୍ୟାରେ ବିଦ୍ୟା ।
ଅକାଳରେ କାଳ ବୋଲି ଜାଣିବ ସୁସିଦ୍ଧା ॥

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ :

## ଭକ୍ତି (୪)

**ଭଜ୍+କ୍ତିନ୍=ଭକ୍ତି** । ଅର୍ଥାତ୍: ପରମ ପ୍ରେମାସ୍ପଦଙ୍କର ଗୁଣ ଓ ଲୀଳା ଭଜନ କରିବା ହିଁ ଭକ୍ତି । ନାରଦ ଭକ୍ତିସୂତ୍ର କହେ : **'ସା କସ୍ମୈଚିତ୍ ପରମା ପ୍ରେମରୂପା'** । ପରମ ପ୍ରେମାସ୍ପଦଙ୍କ ପ୍ରତି ପରମ ପ୍ରେମଭାବକୁ ହିଁ ଭକ୍ତି କୁହାଯାଏ । ଶାଣ୍ଡିଲ୍ୟ ସୂତ୍ର ଅନୁସାରେ ଭଗବାନ ଠାକୁରଙ୍କଠାରେ ଯତ୍‌ପରୋନାସ୍ତି ଅନୁରକ୍ତିର ନାମ ଭକ୍ତି । ଏହା ରାଗାତ୍ମିକା, ଅହୈତୁକୀ ଓ ମୁଖ୍ୟା- ଏହି ତିନି ସ୍ତରରେ ପର୍ଯ୍ୟବସିତ ।

ଅଭିଳଷିତ ପ୍ରେମାସ୍ପଦଙ୍କ ପ୍ରତି ଅତ୍ୟନ୍ତ ଗାଢ଼ ଆବେଗକୁ ରାଗ କୁହାଯାଏ । ଠାକୁରଙ୍କ ପ୍ରତି ଏହି ରାଗମୟୀ ଭକ୍ତିକୁ ହିଁ ରାଗାତ୍ମିକା ଭକ୍ତି କୁହାଯାଏ । ପ୍ରାଣୀର ଅନ୍ତଃକରଣରେ ଏହି ପ୍ରକାର ଭକ୍ତିର ଉଦୟ ହେଲେ, ତା'ର ହୃଦୟ ଆପେ ଆପେ ବିନା ଚେଷ୍ଟାରେ ଠାକୁରଙ୍କୁ ପାଇବା ପାଇଁ ବ୍ୟାକୁଳ ହୁଏ ।

ଅହୈତୁକୀ ଅର୍ଥାତ୍ ଅନ୍ୟ ଅଭିଳାଷଶୂନ୍ୟ । ଯେଉଁ ଭକ୍ତିରେ ଭଗବାନ ଠାକୁରଙ୍କୁ ଲାଭ କରିବା ବ୍ୟତୀତ ଅନ୍ୟ ଅଭିଳାଷ ନ ଥାଏ, ଏପରିକି ମୁକ୍ତି ପାଇଁ ମଧ୍ୟ ବ୍ୟାକୁଳତା ନ ଥାଏ; କୌଣସି ଲକ୍ଷ୍ୟ, ଉଦ୍ଦେଶ୍ୟ,କାମନା, ବାସନା ନରଖି ନିର୍ମଳମନରେ ପ୍ରାର୍ଥନା କେବଳ ସେହି ପଦ୍ମପାଦରେ ଢ଼ାଳିଦିଏ; ତାହାକୁ ଅହୈତୁକୀ ଭକ୍ତି କୁହାଯାଏ ।

ମୁଖ୍ୟା ଭକ୍ତି ମଧ୍ୟ ଠିକ୍ ସେହିପରି । କୌଣସି ହେତୁ, କାରଣ ବା ବିଚାର ନରଖି ' ଠାକୁରଙ୍କୁ ଭକ୍ତି କରୁଛି ବୋଲି ଠାକୁରଙ୍କୁ ମୁଁ ଭକ୍ତିକରେ, ଏ ଭକ୍ତି କରିବା ପଛରେ କୌଣସି ଇଚ୍ଛା ବା ଆକାଂକ୍ଷା ନାହିଁ, ମୁଁ କିଛି ତାଙ୍କ ଠାରୁ ପାଇବାକୁ ମନ କରେନା, ସବୁକିଛି ତାଙ୍କୁ ଦେଇ ମୁଁ ପରମ ସନ୍ତୋଷ ଓ ଚରମ ଆନନ୍ଦ ଲାଭ କରେ' -ଏହି ସୂତ୍ରରେ ଭକ୍ତିର ନାମ ମୁଖ୍ୟା ଭକ୍ତି ।

ଭଗବାନ ଠାକୁରେ କହନ୍ତି : ' ଯେ ମୋ ଠାରେ ଆତ୍ମସମର୍ପଣ କରିଛି, ସେ ମୋ ବ୍ୟତୀତ ଆଉ କୌଣସିଥିରେ ଅଭିଳାଷ ରଖେ ନାହିଁ । ପଦପଦବୀ, ମାନସମ୍ମାନ, ଉଚ୍ଚଆସନ, ଫୁଲମାଳ, ଭଲବାସ, ଭଲବସନ, ଭଲଭୋଜନ, ପୁତ୍ର, ଧନ, ଜ୍ଞାନ, ଏପରିକି ମୁକ୍ତି, ମୋକ୍ଷ, ନିର୍ବାଣ ବା ଚରମ ପ୍ରାପ୍ତି ସେ ଲୋଡ଼େ ନାହିଁ । ସେ କେବଳ ମୋତେ ହିଁ ଚାହେଁ, ମୋ ସୁଖରେ ସୁଖୀ ହୁଏ । ସେ ମୋର ପ୍ରିୟତମ ଭକ୍ତ ଅଟେ ।

ଭକ୍ତରାଜ ରାମପ୍ରସାଦ କହିଛନ୍ତି : ସବୁକିଛିର ମୂଳ ହେଉଛି ଭକ୍ତି । ଏପରିକି ମୁକ୍ତି ତା'ର ଦାସୀ ।

''ଯଦି ଭବତି ମୁକୁନ୍ଦେ ଭକ୍ତିରାନନ୍ଦସାନ୍ଦ୍ରା ।
ବିଲୁଠତି ଚରଣାବ୍ଜେ ମୋକ୍ଷସାମ୍ରାଜ୍ୟ ଲକ୍ଷ୍ମୀଃ ।।''

ଅର୍ଥାତ୍ ମୁକୁନ୍ଦ (ଠାକୁର କେଶବଚନ୍ଦ୍ର)ଙ୍କଠାରେ ଯାହାର ପ୍ରଗାଢ଼ଭକ୍ତି ଜାତ ହୁଏ, ତା'ର ଚରଣପଦ୍ମ ଲାଭକରିବା ପାଇଁ ମୋକ୍ଷରୂପକ ଅତୁଳ ସାମ୍ରାଜ୍ୟର ଲକ୍ଷ୍ମୀ ମଧ୍ୟ ଲାଳାୟିତ ହୋଇଥାଆନ୍ତି । ଭକ୍ତି ବା ଭକ୍ତ ମୁକ୍ତିଲାଭ ପାଇଁ ଆକାଂକ୍ଷିତ ହୁଏ ନାହିଁ । ମୁକ୍ତି ନିଜେ ଭକ୍ତିର ପଦାଶ୍ରୟ ଖୋଜେ । ଯେଉଁ ପ୍ରକାର ଭକ୍ତି ପାଖରେ ମୋକ୍ଷ ପଦ ସୁଦ୍ଧା ତୁଚ୍ଛ, ସେହି ପ୍ରକାର ଭକ୍ତିକୁ ଅହୈତୁକୀ ଭକ୍ତି କୁହାଯାଏ ।

ପୁରାଣପୃଷ୍ଠା ଅନୁଶୀଳନ କଲେ ଜଣାଯାଏ ଯେ, ପ୍ରହ୍ଲାଦଙ୍କ ମନରେ ପ୍ରଥମେ ଅହୈତୁକୀ ଭକ୍ତିର ଆବିର୍ଭାବ ହୋଇଥିଲା । ସେ ଦିବାନିଶି କୃଷ୍ଣନାମ ଜପକରନ୍ତି । କାହିଁକି ସେ କୃଷ୍ଣନାମ ଜପୁଛନ୍ତି , ପଚାରିଲେ ସେ ନିଜେ ତା'ର ଉତ୍ତର ଦେଇପାରନ୍ତି ନାହିଁ ।

ଧ୍ରୁବଙ୍କ ହୃଦୟରେ କିନ୍ତୁ ପ୍ରଥମେ ହୈତୁକୀ ଭକ୍ତିର ଉଦୟହୋଇ ପରେ ସେଥିରୁ ଅହୈତୁକୀ ଭକ୍ତିର ସଂଚାରହେଲା । ଧ୍ରୁବ ପ୍ରଥମେ ରାଜପଦପ୍ରାପ୍ତି ଲକ୍ଷ୍ୟରେ ତପସ୍ୟା ଆରମ୍ଭ କରିଥିଲେ । ଭଗବାନ ଆଶାପୂରକ, ଭକ୍ତବାଞ୍ଛା କଳ୍ପତରୁ- ଏହି ସ୍ଥିର ଓ ଦୃଢ଼ ବିଶ୍ୱାସ ରଖି ସେ ତପସ୍ୟା ଆରମ୍ଭକଲେ । ଭଗବାନ କୃପାକଲେ, ସେ ପିତା ଉତ୍ତାନପାଦଙ୍କ ଅପେକ୍ଷା ଉଚ୍ଚତର ଆସନର ମର୍ଯ୍ୟାଦା ପାଇବେ ବୋଲି ପରମଭକ୍ତିରେ ସେ ଭଗବାନ ଠାକୁରଙ୍କୁ ଡ଼ାକିଥିଲେ । ଏପରି ଜପତପ କରୁକରୁ କ୍ରମଶଃ ତାଙ୍କର ଭକ୍ତିଭାବ ବୃଦ୍ଧିପ୍ରାପ୍ତ ହେଲା । ଭକ୍ତିକ୍ରମେ ଏତେ ଗାଢ଼ତର ହେଲା ଯେ, ଅବଶେଷରେ ଭଗବାନ ଠାକୁର ଯେତେବେଳେ ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ ବରଦାନ କରିବାର ଅଭିପ୍ରାୟ ପ୍ରକାଶ କଲେ, ଧ୍ରୁବ ବରଲାଭର ଆକାଂକ୍ଷା ସେତେବେଳକୁ ବିସ୍ମୃତ ହୋଇଯାଇଥିଲେ ଓ ଭକ୍ତିଭାବ ଗଦ୍‌ଗଦ୍ କଣ୍ଠରେ ଗାଇ ଉଠିଲେ :

''ସ୍ଥାନାଭିଳାଷୀ ତପସା ସ୍ଥିତୋଽହମ୍ । ତ୍ୱଂ ପ୍ରାପ୍ତବାନ୍ ଦେବ ମୁନୀନ୍ଦ୍ର ଗୁହ୍ୟମ୍ ॥

କାଚଂ ବିଚିନ୍ୱନ୍ନପି ଦିବ୍ୟରତ୍ନମ୍ । ସ୍ୱାମିନ୍ କୃତାର୍ଥୋଽସ୍ମି ବରଂ ନ ଯାଚେ ॥'' (ଭକ୍ତି ସୁଧୋଦୟ ॥)

ଅର୍ଥାତ୍ : ପଦାଭିଳାଷୀ ହୋଇ ମୁଁ ତପସ୍ୟା କରିଥିଲି ସତ୍ୟ କିନ୍ତୁ ହେ ଦେବ ! ଆଜି ମୁଁ ପାଇଛି କ'ଣ ? କେତେ ଯୋଗୀ ମୁନି ତପସ୍ୱୀ ତପଶ୍ଚରଣ କରି ଯାହାକୁ ପାଇପାରନ୍ତି ନାହିଁ; ସେହି ତୁମକୁ ମୁଁ ପାଇପାରିଛି । କାଚ ଟୁକୁରାଟିଏ ଖୋଜୁ ଖୋଜୁ ମୁଁ ଆଜି ଦିବ୍ୟରତ୍ନ ପାଇଛି । ପ୍ରଭୁ, ମୁଁ କୃତାର୍ଥ ହୋଇଛି । ମୋର ଆଉ କାଚଟୁକୁରାଟି ଦରକାର ନାହିଁ ॥

ଭକ୍ତିସାଧନର ଏହାହିଁ ଅପୂର୍ବ ପରିଣତି । ଭକ୍ତିସାଧକର ଭକ୍ତି ପରିପକ୍ୱ ହେଲେ ହିଁ ହୈତୁକୀ ଭକ୍ତି କୁଆଡ଼େ ଲୁଚି ଛପି କାଳସ୍ରୋତରେ ଭାସିଯାଏ । ତା' ସ୍ଥାନରେ ପରାନୁରକ୍ତି ଅହୈତୁକୀ ଭକ୍ତି ସହସ୍ରଧାରାରେ ଭକ୍ତର ସମଗ୍ର ହୃଦୟ ପ୍ଲାବିତ କରିଦିଏ । ଅନେକେ ହୁଏତ ଭକ୍ତିର ଏହି ଉଚ୍ଚ ଆଦର୍ଶ ଦେଖି ଭାବିବେ - ତେବେ ଆଉ କ'ଣ ଭକ୍ତ ହେବାର ଉପାୟ ନାହିଁ ? ଏପରି ହତାଶ ହେବାର କୌଣସି କାରଣ ନାହିଁ । ଉଚ୍ଚ ଶ୍ରେଣୀର ଭକ୍ତିଭାବ ଲାଭ କରିବା ପାଇଁ ନିମ୍ନସ୍ତରର ଭକ୍ତିପଥ ଅବଲମ୍ବନ କରିପାରିଲେ ଓ ସେହି ପଥରେ ଧୈର୍ଯ୍ୟର ସହିତ ନିରବଚ୍ଛିନ୍ନ ଭାବରେ ଚଳିଯାଇପାରିଲେ, କ୍ରମେ ଯଥାସମୟରେ ସାଧକ ପ୍ରକୃତ ଭକ୍ତିର ଅଧିକାରୀ ହୋଇପାରିବେ ॥

ଶ୍ରୀମଦ୍‌ଭାଗବତର ଏକାଦଶ ସ୍କନ୍ଧରେ ଭଗବାନ କହିଛନ୍ତି - ଯାହାଙ୍କର ପ୍ରକୃତ ବୈରାଗ୍ୟ ଜ୍ଞାନ ନ ଜନ୍ମି ମଧ୍ୟ ସଂସାରର ବିଷୟା ଆସକ୍ତି ନାହିଁ; ମାତ୍ର ମୋଠାରେ ସାମାନ୍ୟ ଶ୍ରଦ୍ଧା ଜନ୍ମିଅଛି , ଭକ୍ତିଯୋଗ ସାଧନ ତାଙ୍କରି ପ୍ରତି ସିଦ୍ଧିପ୍ରଦ ଅଟେ ।

ଶାସ୍ତ୍ର, ତତ୍ତ୍ୱ, ତର୍କ ଉପରେ ଗୁରୁତ୍ୱ ଦେବା ବୈଧୀ ଭକ୍ତି ପର୍ଯ୍ୟାୟ । ଏହାଦ୍ୱାରା ହୃଦୟରେ ଅନୁରାଗ, ପ୍ରେମ,ମମତା ଓ ଶ୍ରଦ୍ଧା ଉଦ୍ରେକ ହେବା ସମୟ ସାପେକ୍ଷ । କାରଣ ବା ହେତୁ ଅବଲମ୍ବନ କରି 'ଠାକୁରେ ମୋତେ ଏହା ଦେଇଛନ୍ତି, ତାହା ଦେଇଛନ୍ତି, କେତେ ଆପଦବିପଦରୁ ରକ୍ଷା କରିଛନ୍ତି, ଆଗାମୀ କାଲି ମଧ୍ୟ ରକ୍ଷା କରିବେ, ତାଙ୍କପରି ଦୟାମୟ, କୃପାସାଗର ଆଉ କିଏ ଅଛି ?' ବୋଲି କହିହୋଇ ଭକ୍ତିକଲେ; ତାହାକୁ ହୈତୁକୀ ଭକ୍ତି କୁହାଯାଏ । ଅତ୍ୟନ୍ତ ନିମ୍ନସ୍ତରର ଭକ୍ତିକୁ ଗୌଣୀଭକ୍ତି କୁହାଯାଏ । ଗୌଣୀ ଭକ୍ତିଭାବରେ ପ୍ରାଣୀ ଠାକୁରଙ୍କ ପାଖରେ ନାନାବିଧ ବାସ୍ନା ବାସନା, କାମନା ଆଦି ରଖି ପ୍ରାର୍ଥନା କରି ଆଶିଷ ଓ କଲ୍ୟାଣ ଭିକ୍ଷା କରେ ।

ଗୁଣ ଭେଦରେ ଗୌଣୀଭକ୍ତି ତିନି ପ୍ରକାର : ସାତ୍ତ୍ୱିକୀ, ରାଜସୀ ଓ ତାମସୀ । ତାମସୀ ଭକ୍ତି ହିଁ ନିମ୍ନତମ ସ୍ତରର ଭକ୍ତି, ମାତ୍ର ଏଥିରୁ କାଳକ୍ରମେ ରାଜସୀଭକ୍ତି ଓ ରାଜସୀ ଭକ୍ତିରୁ ସାତ୍ତ୍ୱିକୀ ଭକ୍ତିର ଉଦୟ ହୁଏ । ପରେ ସାତ୍ତ୍ୱିକୀ ଭକ୍ତି ମୁଖ୍ୟା ଭକ୍ତିରେ ପରିଣତ ହୁଏ । ମୁଖ୍ୟା ଭକ୍ତି ହିଁ ଶ୍ରେଷ୍ଠ ଭକ୍ତି । ମୁଖ୍ୟା ଭକ୍ତି ପରିପକ୍ୱ ହେଲେ ଅହୈତୁକୀ ଭକ୍ତି ଓ ପର୍ଯ୍ୟାୟକ୍ରମେ ରାଗାନୁଗା ଭକ୍ତିରେ ପର୍ଯ୍ୟବସିତ ହୋଇଥାଏ । ଏହା ଭକ୍ତିସାଧନର ଶ୍ରେଷ୍ଠତମ ସୋପାନ ଓ ଉଚ୍ଚତମ ସ୍ତର ଅଟେ ॥



## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !  ''ଜ୍ୟୋତିଃ ସଂହିତା'ରୁ ଉଦ୍ଧୃତାଂଶ''

***ଆଭିଧାନିକ ଅର୍ଥରେ 'ସଂହିତା' କହିଲେ, ବେଦର ଶାଖା ଓ ମନୁ, କପିଳ ଆଦି ପ୍ରଣୀତ ଧର୍ମ ଶାସ୍ତ୍ରକୁ ହିଁ ବୁଝାଯାଏ । ବ୍ୟବହାରିକ ଅର୍ଥ 'ସଂହିତା' ବୋଇଲେ, ସମ୍ବିଧାନ ବା ଆଚରଣ ବିଧିକୁ ହିଁ ବୁଝାଯାଏ । ମାତ୍ର ମହାପୁରୁଷ ଅଚ୍ୟୁତଙ୍କ ସୃଷ୍ଟିସମ୍ଭାର ମଧ୍ୟରେ ଦ୍ୱାଦଶ ସଂହିତା ଏକ ମିଶ୍ରିତ କାବ୍ୟ-ଶାସ୍ତ୍ର କହିଲେ ସତ୍ୟର ଅପଳାପ ହେବ ନାହିଁ । ଏହା ବହୁଭାବରେ ସଂସାରୀ ମନୁଷ୍ୟ ଓ ଭକ୍ତଜନଙ୍କର ଆଚରଣ ବିଧି ନିୟନ୍ତ୍ରଣ ଉଦ୍ଦେଶ୍ୟରେ ରଚିତ ମହାମୂଲ୍ୟ ଗ୍ରନ୍ଥଚୟ । ମହାପୁରୁଷ ଅଚ୍ୟୁତଙ୍କ ବିରଚିତ ଦ୍ୱାଦଶ ସଂହିତା ମଧ୍ୟରୁ 'ଜ୍ୟୋତିଃ ସଂହିତା' ଅନ୍ୟତମ । ମାତ୍ର ଏକାଅଶୀ (୮୧)ଟି ପଦରେ ଏହା ରଚିତ । ତନ୍ମଧ୍ୟରୁ ''ଚରମ''ର ଏହି ପାଖୁଡ଼ାରେ ମାତ୍ର ବାର (୧୨) ଗୋଟି ପଦ ଉଦ୍ଧୃତ ହୋଇଅଛି । ଏଥର ପଢ଼ନ୍ତୁ :***

ଆସନ ଭିଡ଼ି ନିର୍ଭୟେଣ ବସ ।
ଅମନ ମନ୍ଦିରେ ପେଲାଇ ପଶ ॥୫୪॥

ଜ୍ୟୋତିଃବ୍ରହ୍ମ ଗୋଟି ମନରେ ଧ୍ୟାଅ ।
ପ୍ରାଣ ପବନକୁ ଧିରେ ଚଳାଅ ॥୫୫॥

ଜ୍ୟୋତିଃବ୍ରହ୍ମ ଗୋଟି ଉଦୟ ହୋୟେ ।
ଶ୍ୱେତ ପୀତ ନୀଳ ଲୋହିତ ଶୋହେ ॥୫୬॥

ଅଖଣ୍ଡ ମଣ୍ଡଳ ପ୍ରକାଶ ହେବ ।
ବ୍ରହ୍ମଜ୍ୟୋତିଃକୁ ହୋ କରତୁ ଠାବ ॥୫୭॥

ପରତେ ହେବୁ ହୋଇଲେ ସୁଜାଣ ।
କହିଲୁ କୁମର ତୋତେ ଫେଡ଼ିଣ ॥୫୮॥

ଯେମନ୍ତେ ବାବୁ ଦିନୁଦିନ ସାଧ ।
ଦିବ୍ୟ ଭୁବନ ଯେ ନୋହିବ ରୋଧ ॥୫୯॥

ଯେମନ୍ତ ଜ୍ୟୋତିଃ ବ୍ରହ୍ମ ହେବ ସାଧି ।
ଦିନକୁ ଦିନ ଯେ ଲଗାଅ ଖେଦି ॥୬୦॥

ଶୁକ୍ଳପକ୍ଷ ଚନ୍ଦ୍ର ଯେହ୍ନେ ପ୍ରକାର ।
ସାଧନା ସେହି ପ୍ରକାରେଣ ଧର ॥୬୧॥


ଦିନକୁ ଦିନ ସାଧନା ଯେ କରେ ।
ସମ୍ପୂର୍ଣ୍ଣ ଚନ୍ଦ୍ର ହୋଇବ ପ୍ରଭାରେ ॥୬୨॥

ପୂର୍ଣ୍ଣ ହୋଇବ ଯେ ଜ୍ୟୋତିଃ ମଣ୍ଡଳ ।
ଛେଦନ ହୋଇବ ପାପ ସକଳ ॥୬୩॥

ଏମନ୍ତ ସାଧନା କଲେରେ ବାବୁ ।
ସମ୍ପୂର୍ଣ୍ଣ ଜ୍ୟୋତିଃବ୍ରହ୍ମକୁ ଦେଖିବୁ ॥୬୪॥

ଯେତେବେଳେ ତୁ ଇଚ୍ଛା କରିବୁ ।
ଜ୍ୟୋତିଃ ଅଙ୍ଗରେ ଲୀନ ହୋଇଯିବୁ ॥୬୫॥

ଉଦ୍ଧୃତାଂଶର ବ୍ୟାଖ୍ୟା ଏହି ପାଖୁଡ଼ାର ''ରତ୍ନବେଦୀ''ର ୪୦ ପୃଷ୍ଠାରେ ପଢ଼ିବାକୁ ପାଇବେ ।



# ପୁରାଣ ପୃଷ୍ଠାରୁ ଗଳ୍ପଟି

*ପ୍ରତିଭାପନ୍ନ ପୁରାଣକବି ମହାଦେବ ଦାସ ଜଣେ କାବ୍ୟିକ ବିସ୍ମୟ । କବିଙ୍କ ବିରଚିତ 'ମାର୍କଣ୍ଡେୟ ପୁରାଣ' ମୂଳ ପୁରାଣର ଏକ ବ୍ୟତିକ୍ରମ କହିଲେ, ଅତ୍ୟୁକ୍ତି ହେବ ନାହିଁ । ବସ୍ତୁତଃ ମହାଦେବ ଦାସ ପୁରାଣ କବି ଭାବରେ ଯେ ଏକ କାବ୍ୟିକ ବ୍ୟତିକ୍ରମ ଓ ବିସ୍ମୟ, ଏଥିରେ ସନ୍ଦେହ ନାହିଁ । କବିଙ୍କର ଭାଷା ଅନେକତ୍ର ସରଳ ଓ ଭାବୋତୀର୍ଣ୍ଣ । ସୂକ୍ଷ୍ମ ଚାତୁର୍ଯ୍ୟୋକ୍ତି ଭିତରେ ଦର୍ଶନ ଓ ତତ୍ତ୍ୱର ଗୁମ୍ଫନ ତାଙ୍କୁ ଜଗନ୍ନାଥ ଦାସଙ୍କ ପରି ସମ୍ମାନିତ କରି ପାରିଛି । ମହାଦେବ ଦାସ ଜଗନ୍ନାଥ ଦାସଙ୍କର ଭାଷା ଓ ଭାବକୁ ଛନ୍ଦେଇ ନେଇଛନ୍ତି କହିଲେ, ସତ୍ୟର ଅପଳାପ ହେବନାହିଁ କହିଲେ ଚଳେ, ଉଭୟଙ୍କର ଭାଷା ଓ ଶୈଳୀ ମଧ୍ୟରେ ପାର୍ଥକ୍ୟ ପ୍ରାୟ ଜଣାପଡ଼େ ନାହିଁ ।*

*ଆଖ୍ୟାନ ଶୁଣାଇବା ପୁରାଣର ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ପୁରାଣର ଉଦ୍ଦେଶ୍ୟ ସାମାଜିକ ଜାଗରଣ । ସମାଜର କଲ୍ୟାଣ ନିମନ୍ତେ ପୁରାଣର ସୃଷ୍ଟି । ଆଖ୍ୟାନ ଅନ୍ତର୍ଗତ ଯୌଗିକ ତତ୍ତ୍ୱର ପରିଶୀଳନରେ ପୁରାଣ ପାଠର ସାର୍ଥକତା । ପୁରାଣର ଏହି ମହାନଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ''ଚରମ''ର ଏ ପାଖୁଡ଼ାରେ ଆମର ଅର୍ଘ୍ୟ-*

## ବ୍ରହ୍ମବୈବର୍ତ୍ତ ପୁରାଣ : ପ୍ରକୃତିଖଣ୍ଡ: (ଦ୍ୱିତୀୟ ଖଣ୍ଡରୁ ଉଦ୍ଧୃତ) :

## ସୁରଭୀ ଉପାଖ୍ୟାନ

**ନା**ରଦ ନାରାୟଣ ସମ୍ବୋଧନ କରି ସୁରଭୀର ଜନ୍ମ କଥା ଦୟାକରି କହିବାକୁ ପ୍ରାର୍ଥନା କଲେ :

ନାରାୟଣ ଦେବର୍ଷି ନାରଦଙ୍କର ମହତ୍ ଇଚ୍ଛା ଶୁଣି ସନ୍ତୋଷ ପ୍ରକାଶ କରି କହିଲେ- ହେ ତପୀଶ୍ରେଷ୍ଠ ! ସୁରଭୀର ଜନ୍ମ କଥାଦିର ସବିଶେଷ ବିବରଣ ମୁଁ ତୁମକୁ ଶୁଣାଉଛି । ଏହା ପଢ଼ିଲେ ବା ଶୁଣିଲେ ସଂସାରୀମାନଙ୍କର ସର୍ବପାପ ମୋଚନ ହୁଏ । ଏ କଥା ଅତ୍ୟନ୍ତ ମନୋରମ ଏବଂ ଶ୍ରୀକୃଷ୍ଣଙ୍କ ମହିମା ସହିତ ସୁରଭୀର ଗୁଣ ଶ୍ରବଣକଲେ ପ୍ରାଣୀର ଜଗତ ଜଞ୍ଜାଳରୁ ମାୟା ଅପସରି ଯାଏ ।

ସୁରଭୀ ହେଉଛନ୍ତି ଗୋମାତାଙ୍କର ଅଧିଷ୍ଠାତ୍ରୀ ଦେବୀ ଓ ଗୋମାତାଙ୍କ ଜନନୀ । ଗୋମାତା ସୁରଭୀ ବହୁ କ୍ଷୀର ପ୍ରଦାୟିନୀ ଅଟନ୍ତି । ସର୍ବାଗ୍ରେ ଗୋଲୋକ ନଗରରେ ତାଙ୍କର ସୃଷ୍ଟି । ଦେବୀ ସୁରଭୀ ପୂର୍ବେ ବୃନ୍ଦାବନରେ ଜନ୍ମିଥିଲେ । ତୁମ ସନ୍ନିଧାନରେ ତାହାର ବିବରଣୀ କହୁଅଛି । ଏହି ଉପାଖ୍ୟାନ ଶୁଣିଲେ ଶ୍ରୋତାମାନଙ୍କର ମହାପୁଣ୍ୟ ହୁଏ ।

ଦିନେ ରାଧାକାନ୍ତ ଶ୍ରୀକୃଷ୍ଣ ପ୍ରେମମୟୀ ରାଧା ଓ ଗୋପାଙ୍ଗନାମାନଙ୍କ ସହିତ ବୃନ୍ଦାବନରେ ପରମ କୌତୁକ ଓ ଚରମ ଆନନ୍ଦରେ କାଳଯାପନ କରୁଥିଲେ । ଏହି ସମୟରେ ଇଚ୍ଛାମୟ ଠାକୁର ଶ୍ରୀକୃଷ୍ଣ କ୍ଷୀର ପାନ ପାଇଁ ଇଚ୍ଛାଯୁକ୍ତ ହେଲେ । ଏହି ଇଚ୍ଛାରୁ ଗୋପତି ଶ୍ରୀପତି ନିଜର ବାମ ପାର୍ଶ୍ୱରୁ ଗାଭୀରୂପା ବତ୍ସଯୁକ୍ତା ଅତି କ୍ଷୀରବତୀ ସୁରଭୀଙ୍କୁ ସୃଷ୍ଟିକଲେ । ଶ୍ରୀକୃଷ୍ଣଙ୍କର ସଖା ଶ୍ରୀଦାମ ସୁରଭୀଙ୍କୁ ରତ୍ନଭଣ୍ଡାର ଦୋହନ କରି କ୍ଷୀର ସଞ୍ଚିଲେ । ଏହି କ୍ଷୀର ଅମୃତଠାରୁ ମଧ୍ୟ ଅଧିକ ସୁସ୍ୱାଦୁ ଓ ଏହା ପାନ କଲେ ପ୍ରାଣୀ ଅମର ହୁଏ, ମନୁଷ୍ୟ ନୀରୋଗ ହୋଇ ଜରା ଓ ମରଣରୁ ରକ୍ଷା ପାଏ । ରତ୍ନପାତ୍ରରେ ସଞ୍ଚିତ ସୁରଭୀଙ୍କ ଅମୃତତୁଲ୍ୟ କ୍ଷୀର ଗୋପେଶ ଶ୍ରୀକୃଷ୍ଣ ପାନ କଲେ ଏବଂ ସେହି ଦିନଠାରୁ ଶ୍ରୀହରି ବିଶେଷ ଭାବରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରିୟ ହୋଇଗଲେ । ରତ୍ନ ଭାଣ୍ଡରେ ସଞ୍ଚିତ ଦୁଗ୍ଧ ଭୂମିରେ ପଡ଼ିବାରୁ ତାହା ଗୋଲୋକରେ ପ୍ରସିଦ୍ଧ କ୍ଷୀରସରୋବରରେ ପରିଣତ ହେଲା । ଏହି କ୍ଷୀର ସରୋବର ଦୀର୍ଘ ଏବଂ ପ୍ରସ୍ଥରେ ଶହେଯୋଜନ ପର୍ଯ୍ୟନ୍ତ ବିସ୍ତୃତ ଅଟେ । ତହିଁରେ ଗୋପୀଗଣ ଆନନ୍ଦରେ କ୍ରୀଡ଼ା କରନ୍ତି । ଶ୍ରୀରାଧାଙ୍କ କ୍ରୀଡ଼ା ଭବନ ଅତ୍ୟନ୍ତ ସୁଶୋଭିତ ଏବଂ ଈଶ୍ୱରଙ୍କ ଇଚ୍ଛାରୁ ତାହା ରତ୍ନମଣ୍ଡିତ ଅଟେ । କାମଧେନୁ ସୁରଭୀ ଗୋରୂପରେ ବତ୍ସା ସହିତ ଶ୍ରୀକୃଷ୍ଣଙ୍କ ଇଚ୍ଛାରୁ ତାଙ୍କରି ବାମ ପାର୍ଶ୍ୱରୁ ବୃନ୍ଦାବନରେ ଜନ୍ମଲାଭ କରିଥିଲେ । ସେହି ସୁରଭୀର ଲୋମକୂପରୁ ଲକ୍ଷ ଲକ୍ଷ କୋଟି କୋଟି ସଂଖ୍ୟାରେ ଗୋମାତାମାନେ ଜନ୍ମଲାଭ କଲେ । ସେମାନଙ୍କର ବତ୍ସାଦିରେ ଜଗତରେ ଗୋବଂଶ ବିସ୍ତାର ଲାଭ କଲା ।

ପରମାତ୍ମନ ଶ୍ରୀକୃଷ୍ଣ ବୃନ୍ଦାବନରେ ସୁରଭୀଙ୍କୁ ପୂଜା କରୁଥିଲେ । ପରବର୍ତ୍ତୀ କାଳରେ ଗୋମାତା ପୂଜନ ଭକ୍ତିପୂତ ମନରେ ଦେବୀ ସୁରଭୀଙ୍କୁ ପୂଜା କରୁଥିଲେ । ହେ ଦେବର୍ଷି ! ବେଦର ନିୟମାନୁସାରେ ଗୋ ମାତା ପୂଜାବିଧି, ଧ୍ୟାନ, ସ୍ତବ ଓ ମୂଳମନ୍ତ୍ର ଶୁଣ ।

ଷଡ଼ାକ୍ଷରମନ୍ତ୍ର ଏକଲକ୍ଷଥର ଜପ କଲେ ତାହା ସିଦ୍ଧ ହୁଏ । ହେ ତପୋଧନ ! ଯଜୁଃବେଦୋକ୍ତ ଧ୍ୟାନ ଶୁଣ । ସର୍ବାକାମକ୍ରୋଡ଼ା ଋଦ୍ଧିଦ, ବୃଦ୍ଧିଦ, ମୁକ୍ତି ରାଧା ସହଚରୀ ଶ୍ରୀଧନଦାରମା ଗବାଦି ଜନନୀ ଗାଭୀ ଅଧିଷ୍ଠାତ୍ରୀ ଦେବୀ ଅଯୋନୀ ସମ୍ଭୂତା ପୂଜ୍ୟା ପବିତ୍ର ସ୍ୱରୂପା କାମଦା ବିଶ୍ୱପୂଜ୍ୟା ବରଦା ସୁଖଦା ମହାଦେବୀ ସୁରଭୀ-ମୁଁ ତୁମ୍ଭଙ୍କୁ ଭଜୁଅଛି । ବ୍ରାହ୍ମଣ ଭକ୍ତିର ସହିତ ଘଟରେ ବା ଧେନୁମସ୍ତକରେ ସୁରଭୀଙ୍କୁ ପୂଜା କରିବା ଉଚିତ୍ । ଶ୍ରୀରାଧା ଯେପରି ଭାବରେ ଦିନେ ସୁରଭୀର ପୂଜା କରୁଥିଲେ, ସେହିପରି ଭାବରେ ଯେଉଁ ବ୍ୟକ୍ତି ସୁରଭୀର ପୂଜାକରନ୍ତି ସେ ମଧ୍ୟ ପୃଥିବୀରେ ପୂଜ୍ୟ ହୁଅନ୍ତି ।

ଥରେ ବିଷ୍ଣୁ ବରାହ କଳ୍ପରେ ସୁରଭୀର କ୍ଷୀର ମାୟାରେ ହରଣ କରିଥିଲେ । ଫଳରେ ତ୍ରିଭୁବନରେ କ୍ଷୀର ଟୋପାଏ ହେଲେ ମିଳିଲା ନାହିଁ । ଦେବତାଗଣ ମହାଚିନ୍ତାରେ ପଡ଼ିଲେ । ଶେଷରେ ସମସ୍ତେ ମିଶି ବ୍ରହ୍ମାଙ୍କ ନିକଟକୁ ଆସି ପ୍ରାର୍ଥନା କଲେ । ବ୍ରହ୍ମାଙ୍କ ଆଜ୍ଞାରେ ଇନ୍ଦ୍ର ଆଦି ଦେବଗଣ ଭକ୍ତି ସହକାରେ ସୁରଭୀର ସ୍ତବ ଗାନ କଲେ-

''ନମୋ ଗୋ ସୁରଭୀ ଦେବୀ ଭୁବନ ପାଳିକେ
ଗାଭୀ ଅଧିଷ୍ଠାତ୍ରୀ ଦେବୀ ଜଗତ ଅମ୍ବିକେ ।
ନମୋ ରାଧାପ୍ରିୟ କମଳାଂଶ ନିରୂପମା
କୃଷ୍ଣପ୍ରିୟା ଗୋମାତା ଗରିଷ୍ଠା ସର୍ବୋତ୍ତମା ।
ନମଃ କଳ୍ପବୃକ୍ଷାସମା ସମସ୍ତଙ୍କ ଶ୍ରେଷ୍ଠା
ଧନ ଲକ୍ଷ୍ମୀ ବୃଦ୍ଧିକର ସମସ୍ତଙ୍କ ଜ୍ୟେଷ୍ଠା ।

ନମୋ ଗୋ ଶୁଭଦା ଶୁଭକୀର୍ତ୍ତିଦା ଯଶୋଦା

ଧର୍ମଦା ପୁଣ୍ୟଦା ତୁମ୍ଭେ ବହୁଧନପ୍ରଦା ।''

ଗୋ-ଜନନୀ ସୁରଭୀ ଏହି ସ୍ତବଶୁଣି ସନ୍ତୁଷ୍ଟ ହେଲେ ଏବଂ ବ୍ରହ୍ମଲୋକରେ ଆବିର୍ଭୂତା ହେଲେ । ମହେନ୍ଦ୍ରଙ୍କୁ ଇଚ୍ଛା ରୂପ ଫଳ ପ୍ରଦାନ କରି ସନାତନୀ ସୁରଭୀ ଗୋଲୋକ ବୃନ୍ଦାବନରେ ଥିବା ନିଜ ନିକେତନକୁ ଗମନ କଲେ । ସୁରଭୀଙ୍କ ବରଲାଭ କରି ଆନନ୍ଦିତ ମନରେ ଦେବତାମାନେ ମଧ୍ୟ ନିଜ ନିଜ ସ୍ଥାନକୁ ଗଲେ । ସମଗ୍ର ବିଶ୍ୱ ଦୁଗ୍ଧ ପରିପୂର୍ଣ୍ଣ ହେଲା ଏବଂ ସଂସାରରେ ଦୁଗ୍ଧ ସମ୍ପଦ ବଢ଼ିଗଲା । ଦୁଗ୍ଧଜାତ ଘୃତରେ ବହୁ ଯାଗଯଜ୍ଞ ହେଲା ଏବଂ ଦେବଗଣ ଅପ୍ରମିତ ଯଜ୍ଞ ଭାଗ ଲାଭକଲେ ।

ହେ ନାରଦ ! ସୁରଭୀର ସ୍ତବ ଭକ୍ତିର ସହିତ ଯେଉଁ ବ୍ୟକ୍ତି ପାଠ କରେ ସେ ସଂସାରରେ ଗୋଧନ ଓ ପୁତ୍ରଲାଭ କରେ । ଗୋବୃତ୍ତରେ ଯେଉଁ ବ୍ୟକ୍ତି ଯଜ୍ଞାନୁଷ୍ଠାନ କରନ୍ତି ସେ ଇହଲୋକରେ ସୁଖ ଭୋଗ କରନ୍ତି ଓ ପରଲୋକରେ ଶ୍ରୀକୃଷ୍ଣଙ୍କର ସନ୍ନିଧାନ ଲାଭ କରନ୍ତି ।

✡✡✡

ଅମୃତର ଧାରା ଝରାଇ ହାତରୁ
ଚାହିଁଛି ତୋତେ ମାଧବ ।
ବିଷପାନ କରି ତା ନାମକୁ ଭୁଲି
ସୁଧା ଖୋଜୁ କିଏ ଦେବ ?

କାଳସୂତ୍ର ଖେଳ ହେଲାଣି ପ୍ରବଳ
ଥଳକୂଳ ଆଉ ନାହିଁ ।
ଗୁରୁସେବି ମନ ସ୍ଥିର କର ଧନ
ନୋହିଲେ ରହିବୁ କାହିଁ ?

ଗଛାଂଶର ମୀମାଂସା ଖଣ୍ଡ ରତ୍ନବେଦୀର ୩୭ ପୃଷ୍ଠାରେ ପଢ଼ିବାକୁ ପାଇବେ ।

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ



# ମୋହ

*ଅଗଣିତ ଅନୁଗତ ଜିଜ୍ଞାସୁ ଭକ୍ତ/ପାଠକ/ ପାଠିକା ପରମକୃପାଳୁ ଠାକୁରଙ୍କର ଦର୍ଶନ ତତ୍ତ୍ୱ ମଧ୍ୟରୁ 'ଚରମ' ପୃଷ୍ଠାରେ ସ୍ଥାନୀତ "ମୋହ" ପ୍ରସଙ୍ଗରେ ଆନ୍ତରିକତାର ସହିତ ଆଗ୍ରହ ପ୍ରକାଶ କରୁଥିବା ଏକ କଲ୍ୟାଣକର ଲକ୍ଷଣ । ବାସ୍ତବତଃ ସଂସାର ଯାତ୍ରା ପଥରେ/ସାଧନା ପଥରେ ଏହି ଅଧ୍ୟାୟ ଅନବଦ୍ୟ ଅବଦାନ ସ୍ୱତଃ ସର୍ବଜନବିଦିତ । ବହୁ ଶଙ୍କା /ଆଶଙ୍କା/ସନ୍ଦେହ/ସଂଶୟର ଅବସାନ ଘଟାଇ ଆତ୍ମପରୀକ୍ଷା ନିରୀକ୍ଷା ମାଧ୍ୟମରେ ଜିଜ୍ଞାସୁ ପାଠକ/ ପାଠିକା/ ଅନୁଗତ/ ଭକ୍ତ/ଶିଷ୍ୟ/ ସାଧକ/ ସାଧିକା ମାନଙ୍କୁ ଜୀବନଚର୍ଯ୍ୟା ଓ ସାଧନା ପଥରେ ଅଗ୍ରଗାମୀ କରାଇ, ଆତ୍ମାନନ୍ଦର ନିକଟବର୍ତ୍ତୀ କରାଇ, "ଆମର ଲକ୍ଷ୍ୟ : ଚରମପ୍ରାପ୍ତି" ପଥରେ ପଥିକ କରାଇବାରେ ଏ ଅଧ୍ୟାୟର ଅବଦାନ ଅବଶ୍ୟ ସ୍ୱୀକୃତ । "ଚରମ" ପୃଷ୍ଠାରେ ଏହି ନିୟମିତ ଧାରାବାହିକ ଅଧ୍ୟାୟର ଏ ସଂଖ୍ୟାରେ ନିବେଦନ -*

## ❋ ଧ୍ୱସ୍ତସାନ୍ତ : ନିର୍ଅଁତସାନ୍ତ ଓ ପ୍ରତୀକ ମୋହ ❋

**ଶିଷ୍ୟ ଉବାଚ :**

ଧ୍ୱସ୍ତସାନ୍ତ ମୋହ ବିଷୟ । କୁହନ୍ତୁ ଦେବ ଦୟାମୟ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ପ୍ରାଣୀର ସାଧନା ସୋପାନ । ଠାରୁ ଆରମ୍ଭ ଏହାଜାଣ ॥<br>
ସ୍ଥୂଳ ଧ୍ୟାନ ଧାରଣା ଠାରୁ । ଆରମ୍ଭ କରି ଏ ଉତ୍ତାରୁ ॥<br>
ପ୍ରାଣାୟାମର ଧୀ ମଣ୍ଡଳ । ଚକ୍ର ପୂର୍ଣ୍ଣାଙ୍ଗ ଅବିକଳ ॥<br>
କରି ଯେ ଦେହ ତ୍ୟାଗ କରେ । ସେ ଧ୍ୱସ୍ତ ସାନ୍ତ ମୋହ ଧରେ ॥<br>
ଏହି ମୋହରେ ପ୍ରାଣୀ ଅଙ୍ଗ । ପ୍ରାଣାୟାମ ଯୋଗ ପୂର୍ଣ୍ଣାଙ୍ଗ ॥<br>
କରିଣ ଇହଲୀଳା ସାରେ । ଅଧିକ ଉଠି ସେ ନ ପାରେ ॥

ଆର୍ଦ୍ରସାନ୍ତ ମୋହ ପ୍ରସଙ୍ଗରେ ଜିଜ୍ଞାସୁଶିଷ୍ୟର ଜିଜ୍ଞାସା ବା ଜାଣିବାର ଇଚ୍ଛା ପ୍ରକାଶିତ ହେବାପରେ ଗୁର୍ବାଗଂଜନ ମୋହର ପଞ୍ଚଦଶ (୧୫) ପ୍ରକରଣ ଧ୍ୱସ୍ତସାନ୍ତ ମୋହ ବିଷୟରେ ଜାଣିବାପାଇଁ ଆକାଂକ୍ଷା ପ୍ରକାଶ ପୂର୍ବକ ଶିଷ୍ୟ ଦୟାମୟ ପ୍ରଭୁଙ୍କ ସନ୍ନିଧାନ ରେ ପ୍ରାର୍ଥନା କରନ୍ତେ, କରୁଣାସାଗର ଶ୍ରୀଗୁରୁସ୍ୱାମୀ କହନ୍ତି :

ପ୍ରାଣୀର ସାଧନାର ପ୍ରଥମ ସୋପାନରୁ ଅର୍ଥାତ୍ ସ୍ଥୂଳ ଧ୍ୟାନ ଧାରଣାଠାରୁ ଆରମ୍ଭକରି ପ୍ରାଣାୟାମର ଧୀ- ସାନ୍ତ ମଣ୍ଡଳ ଚକ୍ର ପୂର୍ଣ୍ଣାଙ୍ଗ କରି ପ୍ରାଣାୟାମ ଯୋଗ ଶେଷକରି, ଯୋଗମାର୍ଗରେ ଅଧିକ ଅଗ୍ରସର ହୋଇ ନ ପାରି ଦେହତ୍ୟାଗ ଅବସ୍ଥାକୁ ଧ୍ୱସ୍ତସାନ୍ତ ମୋହ କୁହାଯାଏ । ସାଧାରଣତଃ ଯୋଗମାର୍ଗରେ ମୁଖ୍ୟତଃ ଆଠଗୋଟି ସୋପାନ ପ୍ରଧାନ । ତେଣୁ ଏହାକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ସେହି ଆଠଗୋଟି ସୋପାନ ହେଉଛି - ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି । ଜୀବ

ଯୋଗମାର୍ଗରେ ଗତିକରି ଏହି ଅଷ୍ଟାଙ୍ଗଯୋଗର ଅଷ୍ଟସୋପାନ ମଧ୍ୟରୁ ପ୍ରଥମ ଚାରିଗୋଟି ସଂପୂର୍ଣ୍ଣରୂପେ ଆୟତ୍ତକରି ପୂର୍ଣ୍ଣାଙ୍ଗ ହୋଇ ଦେହତ୍ୟାଗ କଲେ, ଧ୍ୱନ୍ତସାନ୍ତ ମୋହରେ ପଡିଥାଏ । ଯେତେ ଉଦ୍ୟମ କଲେ ମଧ୍ୟ ଆଉ ଆଗେଇ ପାରୁ ନ ଥାଏ ॥

**ଶିଷ୍ୟ ଉବାଚ :**

ସ୍ଥୂଳ ଧ୍ୟାନ ଧାରଣା ରୀତି । ବୁଝାଇ କୁହ ବିଶ୍ୱପତି ॥

ସ୍ଥୂଳ ଧ୍ୟାନ ଓ ଧାରଣାର ରୀତିନୀତି ସଂପର୍କରେ ଜାଣିବାର ଇଚ୍ଛା ପ୍ରକାଶ କରିବା ଉତ୍ତାରୁ ଠାକୁରେ କହନ୍ତି :-

**ଶ୍ରୀଶ୍ରୀ ଗୁରୁସ୍ୱାମୀ ଉବାଚ :**

ପ୍ରାଣୀ ଯେ ପ୍ରଥମ ସୋପାନେ । ଦୀକ୍ଷାନ୍ତେ ଲାଗିଯାଇ ଧ୍ୟାନେ ॥
ତକ୍ଷଣ ଭଗବତ ପ୍ରେମ । ସୂକ୍ଷ୍ମ କେନ୍ଦ୍ରରେ ଅନୁପମ ॥
ନ ହୋଇ ତା'ର ନିରୀକ୍ଷଣ । ଅଜ୍ଞାତଃ ବଶତଃ ଅଜ୍ଞାନ ॥
ଯେ ହେତୁ ପ୍ରଥମ ସୋପାନ । ସ୍ଥୂଳ ତା' ଦୃଷ୍ଟି ଓ ଚିନ୍ତନ ॥
ସ୍ଥୂଳରେ କରେ ଦରଶନ । ସ୍ଥୂଳରେ ଭଜନ ମନନ ॥
ଏହାକୁ ସ୍ଥୂଳ ଧ୍ୟାନ କହି । ସ୍ଥୂଳ ଧାରଣା ପୁଣି ଏହି ॥
ସ୍ଥୂଳକୁ ମୂଳ କରି ଚଢ଼େ । କ୍ରମଶଃ ସୂକ୍ଷ୍ମ ଚକ୍ର ଗଢ଼େ ॥

ପ୍ରାଣୀ ଗୁରୁବରଣ ଓ ଦୀକ୍ଷାଗ୍ରହଣ କରିବାପରେ ଶ୍ରୀଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ଧ୍ୟାନଧାରଣାରେ ଲାଗିଯାଏ ସତ, ମାତ୍ର ସଙ୍ଗେ ସଙ୍ଗେ ବା ଅଳ୍ପଦିନ ମଧ୍ୟରେ ସମସ୍ତଙ୍କର ସୂକ୍ଷ୍ମକେନ୍ଦ୍ରରେ ଅନୁପମ ଭଗବତ ପ୍ରେମର ଉଦ୍ରେକ ହୁଏ ନାହିଁ । ତେଣୁ ପ୍ରାଣୀ ଅଜ୍ଞତାବଶତଃ ଅଜ୍ଞାନରୁ ତାହା ନିରୀକ୍ଷଣ କରି ସୂକ୍ଷ୍ମରେ ଦର୍ଶନ କରିପାରେ ନାହିଁ । ଯୋଗାଭ୍ୟାସର ପ୍ରାଥମିକ ଅବସ୍ଥା ବା ସ୍ତର ଦେଇ ଜୀବ ଗତି କରୁଥିବାରୁ ତା'ର ଦୃଷ୍ଟି, ଚିନ୍ତା, ଦର୍ଶନ, ଭଜନ, ମନନ ଆଦି ସ୍ଥୂଳରେ ସୀମିତ ରହିଥାଏ ଓ ସୂକ୍ଷ୍ମ ସ୍ତରୀୟ ପର୍ଯ୍ୟାୟରେ ପହଞ୍ଚି ପାରିନଥାଏ । ଏହାକୁ ଧ୍ୟାନ ଓ ସ୍ଥୂଳ ଧାରଣା କୁହାଯାଏ । ପ୍ରାଣୀ କ୍ରମଶଃ ଅଭ୍ୟାସଯୋଗବଳରୁ ପର୍ଯ୍ୟାୟକ୍ରମରେ ଏହି ସ୍ଥୂଳଧ୍ୟାନ, ଧାରଣାଦିକୁ ମୂଳ କରି ସୂକ୍ଷ୍ମଚକ୍ର ଗଠନ କରିଥାଏ । ମୂଳ ପର୍ଯ୍ୟାୟରୁ ସ୍ତରେ ସ୍ତରେ ସୋପାନରେ ଚଢ଼ି ଯମ, ନିୟମ, ଆସନ ଓ ପ୍ରାଣାୟାମ ଆୟତ୍ତ ନ କରି ଧ୍ୟାନଧାରଣାରେ ମନଦେଲେ ତାହା ଆୟତ୍ତାଧୀନ ହେବା ଦୁଷ୍କର ଓ ଦୁଃସାଧ୍ୟ । ପ୍ରାଣାୟାମ ପରେ ପ୍ରତ୍ୟାହାର ଓ ତତ୍ପରେ ଧାରଣା, ଧ୍ୟାନ, ଧ୍ୟାନ ପରେ ଯାଇ ସମାଧି । ଏହି ସ୍ତରଭେଦ ଓ ସୋପାନଭେଦ ଜାଣି ଅନେକେ ଧ୍ୟାନଧାରଣା ପର୍ଯ୍ୟନ୍ତ ଚଢ଼ିଯିବାକୁ ମନବଳେଇ ନିରାଶ/ହତାଶ ହେଉଛନ୍ତି । ଯେଉଁମାନେ ଧ୍ୱନ୍ତସାନ୍ତ ମୋହରେ ପଡ଼ି ସ୍ତରଭେଦରେ ସୋପାନ ପରେ ସୋପାନ ଅତିକ୍ରମ କରି ପ୍ରାଣାୟାମ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ କରି ଦେହତ୍ୟାଗ କରନ୍ତି, ସେମାନଙ୍କର ଏହି ଅବସ୍ଥାକୁ ଧ୍ୱନ୍ତସାନ୍ତ ମୋହ କୁହାଯାଏ ।

## ନିଅଁତ ସାନ୍ତ ମୋହ:

**ଶିଷ୍ୟ ଉବାଚ:**

ନିଅଁତ ସାନ୍ତ ମୋହ ଗୋଟି । ପ୍ରଭୁ ହେ, ଏବେ କହିବଟି ॥

**ଶ୍ରୀ ଶ୍ରୀ ଗୁରୁସ୍ୱାମୀ ଉବାଚ:**

ପ୍ରାଣୀର ସାଧନା ବିଶେଷ । ପ୍ରାଣାୟାମ ଯୋଗର ଶେଷ ॥
ଶେଷ ପର୍ଯ୍ୟାୟରେ ପହଞ୍ଚି । ହୃଦୟେ ଦିବ୍ୟ ଭାବ ସଞ୍ଚି ॥
ସ୍ଥୂଳତଃ ଭାବ ସମାଧିରେ । ସୋପାନଟି ପ୍ରଥମ ଥରେ ॥
ଅତିକ୍ରମିବା ସମୟରେ । ଶରୀର ଯେବେ ତ୍ୟାଗ କରେ ॥
ତାହା ନିଅଁତ ସାନ୍ତ ମୋହ । ବୋଲିଣ ବତ୍ସ, ତୁମେ କୁହ ॥

ଧ୍ରୁବସାକ୍ତ ମୋହ ପ୍ରସଙ୍ଗରେ ଶ୍ରୀଗୁରୁଙ୍କ ଶ୍ରୀମୁଖରୁ ଶୁଣିବାପରେ ଜିଜ୍ଞାସୁ ଶିଷ୍ୟ ନିଅଁତସାକ୍ତ ମୋହ ବିଷୟରେ ଶୁଣିବା ପାଇଁ ଇଚ୍ଛା କରନ୍ତେ, ପରମଦୟାଳୁ ଠାକୁରେ ଶିଷ୍ୟର ଜିଜ୍ଞାସାର ସମାଧାନ କରିବାକୁ ଯାଇ କହନ୍ତି: ପ୍ରାଣୀ ପ୍ରାଣାୟାମ ସୋପାନର ଶେଷ ପର୍ଯ୍ୟାୟରେ ପହଞ୍ଚି ପ୍ରତ୍ୟାହାରାନ୍ତେ ଧାରଣା ଓ ଧ୍ୟାନ ଅଭ୍ୟାସ ପୂର୍ବକ ସ୍ବଳତଃ ଭାବସମାଧିର ପ୍ରଥମ ପାହାଚ ଅତିକ୍ରମ କରିବା ସମୟରେ ଶରୀର ତ୍ୟାଗ କଲେ, ସେହି ଅବସ୍ଥାକୁ ନିଅଁତସାକ୍ତ ମୋହ କୁହାଯାଏ ।

ଆର୍ତ୍ତସାକ୍ତ ମୋହାବସ୍ଥାରେ ଦେହତ୍ୟାଗ କରିଥିବା ବ୍ୟକ୍ତିଠାରୁ ଧ୍ରୁବସାକ୍ତ ମୋହାବସ୍ଥାରେ ଶରୀରତ୍ୟାଗ କରିଥିବା ବ୍ୟକ୍ତି ଯୋଗମାର୍ଗରେ ଅଧିକ ଅଗ୍ରଣୀ ଏବଂ ଧ୍ରୁବସାକ୍ତ ମୋହାବସ୍ଥାରେ ଶରୀରତ୍ୟାଗ କରିଥିବା ବ୍ୟକ୍ତିଠାରୁ ନିଅଁତ ସାକ୍ତ ମୋହାବସ୍ଥାରେ ଦେହତ୍ୟାଗ କରିଥିବା ବ୍ୟକ୍ତି ତଦନୁପାତରେ ଯୋଗମାର୍ଗରେ ଅଧିକ ଅଗ୍ରଣୀ ଅଟନ୍ତି ।

## ପ୍ରତୀକମୋହ:

**ଶିଷ୍ୟ ଉବାଚ:**

ପ୍ରତୀକ ମୋହ ଗୋଟି କ'ଣ । ଭୋ ଦେବ, ଏବେ ତୁ ବଖାଣ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ:**

ପ୍ରାଣୀର ସୂକ୍ଷ୍ମ ନିରୀକ୍ଷଣ । କେନ୍ଦ୍ରବିନ୍ଦୁରେ ଯୋଗ ପୁଣ ॥
ଯୋଗସିଦ୍ଧିର ଅବସ୍ଥାକୁ । ପ୍ରତୀକ ମୋହ କହି ତା'କୁ ॥
ପ୍ରାଣୀର ଏ ଯେଉଁ ଅବସ୍ଥା । ଯୋଗ ସାଧନ ଶେଷାବସ୍ଥା ॥
ଆତ୍ମଦର୍ଶନ ହେବାପରେ । ସୃଷ୍ଟିତତ୍ତ୍ୱକୁ ଭେଦ କରେ ॥
ଆତ୍ମାରେ ହୋଇଣ ମିଳନ । ଶେଷ ହୁଅଇ ଯୋଗଧ୍ୟାନ ॥
ସବୀଜ ସମାଧି ଏ କହି । ଏ ଅବସ୍ଥାରେ ପ୍ରାଣୀ ରହି ॥
ସୂକ୍ଷ୍ମ ଜଗତ ସର୍ବଜ୍ଞାନ । ବୀଜକୁ ଭେଦି ସର୍ବଗୁଣ ॥
ସମ୍ପନ୍ନ ହୋଇଥାଏ ପ୍ରାଣୀ । ଇଚ୍ଛା ମାତ୍ରେକ ଜ୍ଞାନ ପୁଣି ॥
ଉଭବ ହୁଅଇ ହୃଦରେ । ପ୍ରାଣୀ ଯେ ବଞ୍ଚଇ ମୋହରେ ॥
ଇଚ୍ଛାଶକ୍ତିର ଲୋପ କିନ୍ତୁ । ହୋଇ ନଥାଏ ଅଧିକନ୍ତୁ ॥
ପ୍ରାଣୀର ଏ ଅବସ୍ଥା ଶୁଝ । ପ୍ରତୀକ ମୋହ ବୋଲି ବୁଝ ॥

ଧ୍ରୁବସାକ୍ତ ମୋହ ଏବଂ ନିଅଁତସାକ୍ତ ମୋହ ସମ୍ବନ୍ଧରେ ଯତ୍‌କିଞ୍ଚିତ୍ ଜ୍ଞାତ ହେବା ଉତ୍ତାରୁ ଶିଷ୍ୟ ଶ୍ରୀଗୁରୁଙ୍କ ଚରଣପଙ୍କଜରେ କୃତାଞ୍ଜଳି ପୁଟରେ ବିନୀତ ପ୍ରାର୍ଥନା କରି ପ୍ରତୀକ ମୋହ (ଗୁର୍ବାଗଂଜନ ମୋହର ସପ୍ତଦଶ (୧୭) ପ୍ରକରଣ)ର ସ୍ୱରୂପ ବର୍ଣ୍ଣନା କରିବା ନିମନ୍ତେ ଗୁହାରି କରନ୍ତେ, ଭାବଗ୍ରାହୀ କରୁଣାକଲ୍ୟାଣମୟ ଠାକୁରେ ପ୍ରିୟଶିଷ୍ୟକୁ ଏକାନ୍ତରେ କହୁଛନ୍ତି: ''ପ୍ରାଣୀର ସୂକ୍ଷ୍ମମନ ନିରୀକ୍ଷଣ କେନ୍ଦ୍ର ବିନ୍ଦୁରେ ନିୟୋଜିତ ହୋଇ ଯୋଗସାଧନାରେ ସିଦ୍ଧି ତୋଳିଥାଏ । ଏହି ଅବସ୍ଥାକୁ ପ୍ରତୀକମୋହ କହନ୍ତି ॥'' ଏହା ସାଧକର ଯୋଗସିଦ୍ଧି ଅବସ୍ଥାକୁ ବୁଝାଏ । ଏହି ଅବସ୍ଥାରେ ସାଧକ ଯୋଗ, ଲୟ, ତପସ୍ୟା, ଧ୍ୟାନ, ନାମ ମନନ, ମନ୍ତ୍ର ସ୍ମରଣାଦି ସର୍ବବିଧ ସାଧନାର ସୂକ୍ଷ୍ମଜଗତରେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଯାଇଥାଏ । ସାଧକ ଏହି ପର୍ଯ୍ୟାୟରେ ପହଞ୍ଚିଲେ, ମନରେ କୌଣସି ସ୍ଥୂଳ ଭ୍ରାନ୍ତି ବା ଭାବାନ୍ତର ଘଟେ ନାହିଁ । ଏହାକୁ ସବୀଜ ସମାଧି ବା ସବିକଳ୍ପ ସମାଧି ଅବସ୍ଥା କୁହାଯାଏ ।

ଏହି ସ୍ତରରେ ସାଧକର ଆତ୍ମଦର୍ଶନ ହୋଇଯାଏ ଓ ସେ ସୃଷ୍ଟିତତ୍ତ୍ୱର ରହସ୍ୟକୁ ଭେଦ କରିପାରନ୍ତି । ସୂକ୍ଷ୍ମଜଗତର ସକଳ ଜ୍ଞାନ ତାଙ୍କର ଗୋଚର ହୁଏ ଓ ସେ ସର୍ବଗୁଣ ସମ୍ପନ୍ନ ହୋଇଥିବା ହେତୁ ଇଚ୍ଛାମାତ୍ରକେ ତାଙ୍କ ହୃଦୟରେ ଉଭବ ବା ଉଦୟ ହୁଏ । ତଥାପି ଏହି ପର୍ଯ୍ୟାୟରେ ସାଧକ ଯୋଗୀଙ୍କର ଇଚ୍ଛାଶକ୍ତି ସଂପୂର୍ଣ୍ଣ ଲୋପ ପାଇ ନଥାଏ ।




ଜନନୀ ମାୟା ଅବତାର ।
ସେନେହ ମମତା ଅପାର ।।
ଜନନୀ ଭବ ପାରାବର ।
ଜନନୀ ପ୍ରେମର ସାଗର ।।

*ମମତାମୟୀ ମାଆର କରୁଣାବିନା ମାୟାବନ୍ଧନ ଫିଟିବା ଅସମ୍ଭବ । ମାୟା, ବନ୍ଧନର ଫାଶରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ଆତ୍ମଦର୍ଶନ କଦାପି ହୋଇପାରେ ନାହିଁ । ଆତ୍ମଦର୍ଶନ ନ ମିଳିବା ଯାଏ ଜନ୍ମ, ମୃତ୍ୟୁ ଚକ୍ରରୁ ଜୀବ ଉଦ୍ଧାର ପାଏନାହିଁ । ତେଣୁ ସକଳ ବନ୍ଧନର ସୂତ୍ର ମାଆ ନିକଟରେ । ସୂକ୍ଷ୍ମରେ ସେ ମାୟାଫାଶ ଧାରଣ କରି ଧରିତ୍ରୀରେ ତା'ର ସ୍ଥୁଳ ଅବତାର ''ନାରୀ'' ରୂପରେ ବିଦ୍ୟମାନ । ମାଆ, ପତ୍ନୀ, ଭଗ୍ନୀ, ସହଚରୀ ଇତ୍ୟାଦି ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣା ହୋଇ ସେ ଜୀବକୁ କାଣ୍ଢପିତୁଳା ପ୍ରାୟ ଖେଳାଇ ଚାଲିଛି । ଆଜିର ସମାଜରେ ତା'ର ଅବସ୍ଥା ଦେଖିଲେ ମନେ ହୁଏ, ସେ ତା'ର ମାତୃତ୍ୱକୁ ସଂପୂର୍ଣ୍ଣ ଭାବରେ ପରିହାର କରି କେବଳ ସଂହାର କର୍ତ୍ତ୍ରୀ ରୂପରେ ଅବତୀର୍ଣ୍ଣା ହୋଇଅଛି । ସେଥିରୁ ନିବୃତ୍ତ କରାଇ ତା'ର ମାତୃତ୍ୱ ପୁନଃ ଜାଗ୍ରତ କରାଇବାର ଅଭିପ୍ରାୟରେ ଆମର ନିରବଚ୍ଛିନ୍ନ ବନ୍ଦନା ''ଚରମ''ର ସ୍ତମ୍ଭରେ....*

**''ଚରମ'' ପଞ୍ଚମପୁଷ୍ପ: ପଞ୍ଚମ ପାଖୁଡ଼ା : ଚତୁର୍ବିଂଶତମ ସଂଖ୍ୟା ଅନୁଶ୍ରୁତିରୁ :**

## ନାରୀଧର୍ମ

**ମା**ତୃ ବନ୍ଦନା, ନାରୀ ଜାଗରଣ, ନାରୀ ସ୍ୱାଧୀନତା ଆଜି କେବଳ ଘୋଷଣା ତଥା ଲେଖା ମଧ୍ୟରେ ସୀମିତ ରହିଯାଇଅଛି । ସକଳ ଅବସ୍ଥାରେ ପ୍ରତିଦିନ ସମସ୍ତଙ୍କ ମୁଖରେ ସେହି ଗୋଟିଏ କଥା ''ନାରୀର ମର୍ଯ୍ୟାଦା ରକ୍ଷା ନ ହେଲେ ସମାଜ, ରାଷ୍ଟ୍ରର ସୁରକ୍ଷା ଅସମ୍ଭବ'' । କିନ୍ତୁ କାର୍ଯ୍ୟରେ ବସ୍ତୁତଃ ଉକ୍ତ ସ୍ଲୋଗାନର ସତ୍ୟତା ଉପଲବ୍ଧି ହେଉନାହିଁ । ଯେତିକି ବ୍ୟାପକ ଭାବରେ ଏହି ସ୍ଲୋଗାନର ପ୍ରସାର, ପ୍ରଚାର ଆଗେଇ ଚାଲିଛି, ସେତିକି ପରିମାଣରେ ନାରୀ ନିର୍ଯ୍ୟାତନା ବଢ଼ି ଚାଲିଛି । ଏହାର ପ୍ରତିକାର ପାଇଁ କାହାରି ଆନ୍ତରିକତା ଥିବା ପରି ମନେ ହେଉନାହିଁ । ପୁରୁଷ ପ୍ରଧାନ ସମାଜରେ, ନାରୀର ସମ୍ମାନ ରକ୍ଷାପାଇଁ ପୁରୁଷର ଅନାଗ୍ରହ ତଥା ନାରୀର ନିଜପ୍ରତି ଅଚେତନ ଭାବହିଁ ଆଜି ଏପରି ପରିସ୍ଥିତି ସୃଷ୍ଟି କରିଚାଲିଛି । ପୁରୁଷ ଯେପରି ନାରୀକୁ କେବଳ ଉପଭୋଗର ଏକ ବସ୍ତୁ ରୂପେ ବିବେଚନା କରି ତା ପ୍ରତି ଆକୃଷ୍ଟ ହୋଇ ଚାଲିଛି, ନାରୀ ମଧ୍ୟ ଠିକ୍ ସମତାଳ ଦେଇ ନିଜର ଉଚ୍ଛୃଙ୍ଖଳ ଆଚରଣ ମାଧ୍ୟମରେ ପୁରୁଷକୁ ଧ୍ୱଂସ ମୁଖକୁ ଆବାହନ

କରୁଛି । ତେଣୁ ଯେପର୍ଯ୍ୟନ୍ତ ଉଭୟପକ୍ଷର କର୍ତ୍ତବ୍ୟବୋଧ ସମପରିମାଣରେ ଜାଗ୍ରତ ନ ହୋଇଛି ସେ ପର୍ଯ୍ୟନ୍ତ ନାରୀ ମର୍ଯ୍ୟାଦା ରକ୍ଷା ଓ ନାରୀର ସୁରକ୍ଷା ସଂପୂର୍ଣ୍ଣ ଅସମ୍ଭବ । ତେବେ ତୁଳନାତ୍ମକ ଦୃଷ୍ଟିରେ ବିଚାରକଲେ ଦେଖାଯିବ ଯେ ନାରୀର ପ୍ରଗତି ପାଇଁ ନାରୀର ଭୂମିକା ପୁରୁଷ ଭୂମିକାଠାରୁ ଅପେକ୍ଷାକୃତ ଅଧିକ । କାରଣ ନାରୀ ତ୍ରିଗୁଣ ଶକ୍ତିର ଅଧିକାରିଣୀ । ଯଥା: ସୃଜନ, ପାଳନ ଓ ସଂହାର । ପୁରୁଷ ସହ ଯୁକ୍ତ ହୋଇ ସୃଷ୍ଟି (ସନ୍ତାନ) ସୃଜନ କରେ । ସ୍ନେହ, ମମତା, କରୁଣା, ଦୟା, କ୍ଷମାର ଆୟୁଧ ସାହାଯ୍ୟରେ ପାଳନ କରେ । କ୍ରୋଧ ରୂପକ ଅଗ୍ନିରେ ସଂହାର କରେ । ଯେତେବେଳେ ନାରୀ ତାର ଏହି ତ୍ରିଗୁଣର ବ୍ୟବହାର ସମ୍ପର୍କରେ ସଚେତନ ହୋଇଯିବ ସେତେବେଳେ ସେ ଏ ସୃଷ୍ଟିକୁ ନିଶ୍ଚିତ ଧ୍ୱଂସ ପଥରୁ ରକ୍ଷା କରିପାରିବ । କିପରି ?

ସେ ଜାଣିବା ଉଚିତ ଯେ, ପୁରୁଷ ସହିତ ସଂଯୋଗ ହେଲେ ସୃଷ୍ଟି ନିର୍ମାଣ ହେବ ଅର୍ଥାତ୍ ସନ୍ତାନ, ସନ୍ତତି ଜନ୍ମ ନେବେ । ମାତୃ ଗର୍ଭରେ ବିନ୍ଦୁ ସ୍ଥାପନ ହେବା ସମୟରେ ନଭୋମଣ୍ଡଳରେ ସ୍ଥିତ ଗ୍ରହମାନଙ୍କର ପ୍ରଭାବ ହିଁ ଆଗାମୀ ବଂଶଧରଟିର ଭାଗ୍ୟ ନିର୍ଦ୍ଧାରଣ କରିବ । ଯଦି ସୁସମୟ, ପବିତ୍ର ତିଥି, ଶୁଭଲଗ୍ନ ତଥା ଇଷ୍ଟଦେବଙ୍କ ପୂର୍ଣ୍ଣ ଆନୁଗତ୍ୟ ଥାଇ ଏକ ଆନନ୍ଦ ଉଲ୍ଲାସ ମୁହୂର୍ତ୍ତରେ ସଂଯୋଗ କ୍ରିୟା ଅନୁଷ୍ଠିତ ହୋଇ ବିନ୍ଦୁସ୍ଥାପନ ହୋଇପାରେ, ତେବେ ଜନ୍ମନେବାକୁ ଥିବା ସନ୍ତାନ/ସନ୍ତତି କେବଳ ନିଜ ବଂଶରକ୍ଷାକାରୀ ନୁହେଁ ଏ ଧରିତ୍ରୀର ଏକ ଯୋଗ୍ୟ ଦାୟାଦ ଭାବରେ ଗଢ଼ି ଉଠିବ ଓ ଚତୁଃପାର୍ଶ୍ୱ ତା'ର ସୁଗୁଣର ସୁଗନ୍ଧିରେ ସୁବାସିତ କରିବ । ଏଥିରୁ ବ୍ୟତିକ୍ରମ ହେଲେ କୁସନ୍ତାନ ଭୂମିଷ୍ଠ ହୋଇ ନିଜର କ୍ଷତି ଘଟାଇବା ସଂଗେ ସଂଗେ ଏ ସମାଜକୁ ଜାଳି, ପୋଡ଼ି ପାଉଁଶ କରିଦେବ । ସେଇଥିପାଇଁ ପୂର୍ବ ମହାପୁରୁଷମାନେ ପୁରୁଷ ଓ ପ୍ରକୃତିର ମିଳନ ପାଇଁ ପବିତ୍ର ବିବାହ ବନ୍ଧନର ସୂତ୍ରପାତ କରାଇ ଦୈହିକ ସଂଯୋଗ ପାଇଁ ତିଥି, ବାର ଓ ନକ୍ଷତ୍ରର ସୂଚନା ଦେଇଯାଇଥିଲେ । ବିବାହ ବନ୍ଧନରେ ଆବଦ୍ଧ ହେବା ପୂର୍ବରୁ ଶରୀରର ଇନ୍ଦ୍ରିୟମାନଙ୍କୁ କୁପଥଗାମୀ କରିବାର ସ୍ୱାଧୀନତା ନ ଦେଇ ନିର୍ଦ୍ଦିଷ୍ଟ ଆଚରଣ ବିଧି ଓ ସାଧନ ମାଧ୍ୟମରେ ସଂଯମ କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ । କିନ୍ତୁ ବିଧିର ବିଡ଼ମ୍ବନାରେ ଆଜି ସେ ସମସ୍ତ ଉପଦେଶ ନିଷ୍ପ୍ରଭ ହୋଇ ଯାଇଛନ୍ତି । ନାରୀ ସ୍ୱାଧୀନତାର ଦ୍ୱାହି ଦେଇ ନାରୀ ଆଜି ତା'ର ସୃଜନ ଶକ୍ତିକୁ ଉପହାସ କରି ନିଜକୁ ଏକ ଅଭିନବ ଭୂମିକାରେ ଅବତୀର୍ଣ୍ଣ କରାଇଅଛି । ଉଗ୍ର ଆଧୁନିକତାର ସ୍ପର୍ଶରେ ସଂଯମ ସାଧନ ପରିବର୍ତ୍ତେ ଅସଂଯତ ବେଶଭୂଷାକୁ ଐଶ୍ୱର୍ଯ୍ୟ ଭାବରେ ଗ୍ରହଣ କରି ପୁତ୍ରସମ ଭ୍ରମରବେଶୀ ପୁରୁଷମାନଙ୍କୁ ଉଚ୍ଛୃଙ୍ଖଳ ହେବାର ସମସ୍ତ ସୁଯୋଗ ପ୍ରଦାନ କରି ଚାଲିଛି । ଫଳରେ ଦୈବୀଗୁଣ ସଂପର୍ଣ୍ଣ ସୁସନ୍ତାନ ପରିବର୍ତ୍ତେ ଆଜି ସମାଜରେ କେବଳ କୁଗୁଣରେ ଭୂଷିତ ବଂଶଜମାନଙ୍କର ସଂଖ୍ୟାବୃଦ୍ଧି ହୋଇ ଚାଲିଛି । ତେଣୁ ହେ ସୃଷ୍ଟି ରକ୍ଷାକାରିଣୀ ସୃଜନୀ ଜନନୀ ଥରେ ନିଜକୁ ଗମ୍ଭୀର ଭାବରେ ନିରିକ୍ଷଣ କରି ଏ ସୃଷ୍ଟିକୁ ରକ୍ଷାକର ।

ସୃଜନ ପରେ ସେ ପାଳନକର୍ତ୍ତ୍ରୀ । କଥାରେ ଅଛି ''ମାଆ ନାହିଁ ଯାହାର, ସାହା ନାହିଁ ତାହାର ।'' ଶିଶୁଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଅବସ୍ଥାରେ ''ମାଆ''ର ସାହାଯ୍ୟ ଆବଶ୍ୟକ କରେ । କାରଣ ମାଆ ଭିନ୍ନ ଅନ୍ୟ କେହି ସ୍ନେହ ବା ମମତା ଦେଇ ପାରିବ ନାହିଁ । ଶିଶୁ ଜନ୍ମ ହେବାକ୍ଷଣି ମାଆର ପ୍ରୟୋଜନତା ଉପଲବ୍ଧ କରେ । କାରଣ ମାତୃସ୍ତନର ଅମୃତ ବିନା ତା'ର ଜୀବନ ଧାରଣ, ଶରୀର ଗଠନରେ ଶୂନ୍ୟତା ମାଡ଼ିବସେ । ତେଣୁ ସ୍ତନ୍ୟଦାୟିନୀ, ଅଭୟଦାୟିନୀ, କରୁଣା, ମମତାମୟୀ ମାଆ ହିଁ ଶିଶୁର ଏକମାତ୍ର ଭରସା । ଘଟଣା ପ୍ରବାହରେ ଶୈଶବରେ ଯେଉଁଶିଶୁ ମାତୃହରା ହେଉଅଛି, ତା ପାଇଁ ପୁରୁଷ ହେଉ ବା ନାରୀ ହେଉ ଯିଏ ବି ସେବା ଦାୟିତ୍ୱ ବହନ କରୁଛି, ତାକୁ ସର୍ବାନ୍ତ କରଣରେ ମାଆର ଭାବ ଗ୍ରହଣ କରି ତଦନୁଯାୟୀ କର୍ତ୍ତବ୍ୟ ସଂପାଦନ କରିବାକୁ ପଡୁଛି । କାରଣ ସ୍ନେହ, ବାତ୍ସଲ୍ୟମମତା ବିନା ଶିଶୁର ସ୍ଥିତି ରକ୍ଷା ହେବା ସଂପୂର୍ଣ୍ଣ ଅସମ୍ଭବ ।

ପରିଣତ ବୟସରେ ସେହି ମହାମାୟା ଅନ୍ୟଏକ ଭୂମିକା ନେଇ ପତ୍ନୀ ହୋଇ ସେବା ଅଂଗରେ ଓହ୍ଲାଇ ଆସୁଛନ୍ତି । ସ୍ୱାମୀର ସମସ୍ତ ଦାୟିତ୍ୱ ବହନ କରି ଅଙ୍ଗସଖୀ, ଅନ୍ନଦାତ୍ରୀ, ସୌଭାଗ୍ୟ ଦାୟିନୀ ଓ ବଂଶରକ୍ଷା କାରିଣୀ ଭାବରେ କର୍ତ୍ତବ୍ୟ ସଂଚାଳନ କରୁଛି । ତେଣୁ ନାରୀ ଯଦି ଏହି ଶକ୍ତିର ଅପଚୟ କରି ସ୍ୱେଚ୍ଛାଚାରିଣୀ ତଥା ସ୍ୱାର୍ଥ ପରାୟଣ ହୋଇ ସ୍ୱାମୀକୁ କ୍ରୀତଦାସ କରି କେବଳ ତା' ନିଜର ଇଚ୍ଛା ପୂର୍ଣ୍ଣ କରିବାକୁ ପ୍ରଯତ୍ନ କରିଚାଲେ, ତେବେ ପରିସ୍ଥିତି କେଉଁ ଆକାର ଧାରଣ କରିବ ? ଆଜି ବହୁଳ ଭାବରେ ସେହି ଅବସ୍ଥା ସମାଜରେ କେନ୍ଦ୍ରୀଭୂତ ହେବାରେ ଲାଗିଛି । ସୁତରାଂ ଯେ ପର୍ଯ୍ୟନ୍ତ ନାରୀ ଏ ସୃଷ୍ଟିରେ ସମସ୍ତଙ୍କୁ ତା'ର ସନ୍ତାନ/ସନ୍ତତି ରୂପରେ କଳ୍ପନା କରି ପବିତ୍ରତାର ମହାଭାବରେ ବନ୍ଧନ କରିବାର ପ୍ରୟାସ ନ କରିଛି ସେ ପର୍ଯ୍ୟନ୍ତ ସ୍ୱେଚ୍ଛାଚାରୀତା, ସ୍ୱାର୍ଥପରତା, କାମାନ୍ଧତା, ହିଂସା, ଘୃଣା ଆଦି କୁବୀଜର ମୂଳୋତ୍ପାଟନ କଦାପି ହୋଇପାରିବ ନାହିଁ । ସେଥିପାଇଁ ମାତୃବନ୍ଦନା କରି ମାତୃତ୍ୱ ଜାଗ୍ରତ କରିବାର ଆବଶ୍ୟକତା ବର୍ତ୍ତମାନ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଦ୍ରୁତ ଅବକ୍ଷୟ ହେଉଥିବା ସଂଯମ ଶକ୍ତିର ପୁନରୁତ୍ଥାନ ପାଇଁ କେବଳ ଘୋଷଣା କୌଣସି ପ୍ରତିକାର କରିପାରିବ ନାହିଁ । ସେଥିପାଇଁ ଆବଶ୍ୟକତା କଠୋର ବ୍ରତ, ନିଷ୍ଠାପର ଉଦ୍ୟମ ଓ ଏକାଗ୍ରତା ସହ ଆତ୍ମ ସାଧନା । ସଦ୍‌ଗୁରୁ ବରଣ କରି ନିଜ ଶରୀରର ଗୁଣସହ ଏକାଙ୍ଗୀଭାବେ ଜଡ଼ିତଥିବା ବୀଜମନ୍ତ୍ର ଗ୍ରହଣ କରି ଇଷ୍ଟପ୍ରେମରେ ଆକୃଷ୍ଟ ହୋଇ ଆତ୍ମସାଧନରେ ନିଜକୁ ଉତ୍ସର୍ଗ କଲେ ଧ୍ୱଂସରୁ ନିଜେ ରକ୍ଷା ହେବା ସଂଗେ ସଂଗେ ଏ ସୃଷ୍ଟିକୁ ମଧ୍ୟ ରକ୍ଷାକରି ହେବ । ଏତଦ୍‌ବ୍ୟତୀତ ଅନ୍ୟପନ୍ଥା ନାହିଁ । ଅନେକଙ୍କ ମନରେ ଏକ ଭ୍ରାନ୍ତ ଧାରଣା ଅଛି ଯେ, ଗୁରୁବରଣ କରି ଧର୍ମଧାରା ଗ୍ରହଣ କଲେ, ଗୃହସ୍ଥାଧର୍ମରେ ବାଧା ସୃଷ୍ଟି ହେବ । ମାତ୍ର ତାହା ସଂପୂର୍ଣ୍ଣ ମିଥ୍ୟା । ଆଧାତ୍ମିକ ପଥରେ ଗତି କରିବାକୁ ହେଲେ ଗୃହସ୍ଥାଧର୍ମ ହିଁ ଶ୍ରେଷ୍ଠପଥ । ବରଂ ଗୃହସ୍ଥକର୍ମର ପ୍ରକୃତ ସଂଜ୍ଞା ଅବଗତ ହୋଇ ନିର୍ଭୁଲ ଓ ଅଧିକ ଆନନ୍ଦ ଉପଲବ୍ଧି ମଧ୍ୟରେ ପରିବାରଟି ଭୂସ୍ୱର୍ଗରେ ରୂପାନ୍ତରିତ ହୋଇଯିବ ।

ସମୟ କାହାରିକୁ ଅପେକ୍ଷା କରିନାହିଁ କିମ୍ବା କରିବ ନାହିଁ । ଧ୍ୱଂସ ଖୁବ୍ ଶୀଘ୍ର କୋଳାଗ୍ରତ କରିବାକୁ ପ୍ରସ୍ତୁତ ହୋଇ ଯାଉଛୁ । ତେଣୁ ହେ ରକ୍ଷାକର୍ତ୍ତୀ ଜନନୀ ! ଆଉ କାଳ ବିଳମ୍ବ ନ କରି ସୃଷ୍ଟିରକ୍ଷା ପାଇଁ ନିଦ୍ରାଭଙ୍ଗ କରି ଜାଗ୍ରତ ହୁଅ । ନିଜକୁ ରକ୍ଷା କରି ସୃଷ୍ଟିର ସନ୍ତାନ ମାନଙ୍କ ଗଳାରେ ରକ୍ଷାକବଚ ପିନ୍ଧାଇ ଦେ ! ''ଚରମ''ର ଆଜି ତୋ ନିକଟରେ ଏତିକି ଅଳି ।

ଗୁରୁସେବି ପାଦେ ରଖ ଧିଆନ ।
ପଦ୍ମପାଦ ବିନା ନ ଦେଖ ଆନ ।।
କଳି କାଳ ଫାଶୁ ତରିବା ପାଇଁ ।
ଧ୍ୟାନେ ନିତି ପାଦ ଯାଅରେ ଛୁଇଁ ।।

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

''ବାଳୁତ ସ୍ୱଭାବ ଯାହାର । ଶ୍ରୀହରି ଅଟନ୍ତି ତାହାର ।।
ଚପଳମତି ଶିଶୁ ସଂଗେ । ଖେଳନ୍ତି ପ୍ରଭୁ ନାନାରଙ୍ଗେ ।।''

*ଶିଶୁର ମନରେ ଖେଦ ନଥାଏ । ଜଟିଳତା ନଥାଏ । କୁଟିଳ ଭାବ ତାକୁ ସ୍ପର୍ଶ କରି ନଥାଏ । ଅତି ସରଳ ଭାବରେ ସେ ସମସ୍ତଙ୍କୁ ଭଲପାଏ, ସ୍ନେହକରେ । ପ୍ରତ୍ୟେକଙ୍କୁ ନିଜର ବୋଲି ଜ୍ଞାନ କରେ । ପ୍ରଭୁ, ଭଗବାନ କେବଳ ସେହିପରି ନିଷ୍ପାପ, ସରଳ ପ୍ରାଣ ଜୀବଙ୍କୁ ହିଁ ନିଜର କରି ନିଅନ୍ତି । ତାହାରି ସାଥେ ମନଭରି ଖେଳନ୍ତି, ଖେଳାନ୍ତି । ଶେଷରେ ପୂର୍ଣତା ପ୍ରଦାନ କରି ତା'ର ଜନ୍ମ, ଜୀବନ ସାର୍ଥକ କରନ୍ତି ।*

''ଚରମ'' : ପଞ୍ଚମପୁଷ୍ପ : ଚତୁର୍ବିଂଶତମ ସଂଖ୍ୟା ଅନୁଶ୍ରୁତିରୁ:

## ମୂର୍ତ୍ତି ନିର୍ମାତାରୁ ମୂର୍ତ୍ତି ମନ୍ତ

ନିଜର ନିଷ୍ଠା, ଏକାଗ୍ରତା ଓ ଯୋଗସାଧନ ବଳରେ ଧୀରେ ଧୀରେ ନିବାରଣ ବ୍ରହ୍ମଙ୍କର ନିକଟବର୍ତ୍ତୀ ହେବାକୁ ଲାଗିଲେ । ଲୟର ସ୍ଥିରତା ସାଙ୍ଗକୁ ସିଦ୍ଧିର ଦ୍ୱାର ଉନ୍ମୋଚନ ହୋଇ ଆସିଲା । ବାରମ୍ବାର ତପସ୍ଥଳ ପରିବର୍ତ୍ତନ କରି ଯୋଗୀବର ଗୋଟିକପରେ ଗୋଟିଏ ସିଦ୍ଧି ପ୍ରାପ୍ତ ହେଲେ । ତଥାପି ମନ ତାଙ୍କର ସନ୍ତୁଷ୍ଟ ହେଲାନାହିଁ । ସବୁବେଳେ ମନରେ ଗୋଟିଏ ଚିନ୍ତା ''ଏହା ପରେ କ'ଣ ?'' ଜିଜ୍ଞାସା ତାଙ୍କୁ ଆହୁରି ଉଚ୍ଚସ୍ତରକୁ ଗତି କରିବା ପାଇଁ ପ୍ରେରଣା ଯୋଗାଇଲା । ବ୍ରହ୍ମଙ୍କୁ ପ୍ରାପ୍ତ ହୋଇ ବ୍ରହ୍ମଜ୍ଞାନ ଉପଲବ୍ଧି ନିମନ୍ତେ ସେ ପାଗଳ ହୋଇଗଲେ । ଦେହଜ୍ଞାନ ସଂପୂର୍ଣ୍ଣ ଲୁପ୍ତ ହୋଇଗଲା । ଅହରହ ଧ୍ୟାନରେ ବୁଡ଼ି ରହିଲେ । ଏହି ଅବସ୍ଥାରେ ତଥାକଥିତ ଉଶୃଙ୍ଖଳିତ ଯୁବସମାଜ ତାଙ୍କୁ ଅନେକ ଶାରୀରିକ ଯନ୍ତ୍ରଣା ଦେଇ ତାଙ୍କୁ କ୍ଷତ ବିକ୍ଷତ କରିଦେଲେ । ତଥାପି ତାଙ୍କର ଧ୍ୟାନ ଭଗ୍ନ କରି ପାରିଲେ ନାହିଁ । ଶେଷରେ ଭୟ ଓ ହତାଶରେ ତାଙ୍କୁ ଯନ୍ତ୍ରଣା ଦେବାର ଅଭ୍ୟାସରୁ ନିବୃତ୍ତ ହେଲେ । ଏହି ଅବସ୍ଥାରେ ଅନେକ ଦିନ ହୋଇଗଲା । ଯୋଗୀଙ୍କର ଯୋଗ ତେଜ ଅବ୍ୟକ୍ତ ମଣ୍ଡଳ ସ୍ପର୍ଶକଲା । କରୁଣାମୟଙ୍କର ଆସନ ପ୍ରକମ୍ପିତ ହେଲା । ନିବାରଣ ସେତେବେଳକୁ ସିଦ୍ଧିର ଦ୍ୱାଦଶ ପାବଚ୍ଛ ଅତିକ୍ରମ କରି ସାରିଥିଲେ । ହଠାତ୍ ଦିନେ ସଂଧ୍ୟା ସମୟରେ ଦେଖୁଛନ୍ତି, ଶୂନ୍ୟ ଆକାଶରେ ଉଜ୍ଜ୍ୱଳ ଲାଲରଂଗର ଏକ ବିସ୍ତୃତ ବଳୟ । ସେହି ବଳୟ ମଧ୍ୟରେ ଦିଶୁଥିଲେ ଯୋଗମାୟାଙ୍କର ସ୍ମିତହାସ୍ୟ ବଦନ । ହସ୍ତ ପ୍ରସାରଣ କରି ଆଶୀଷ ପ୍ରଦାନ ସହ ମା କହୁଛନ୍ତି, ''ପୁତ୍ର ନିବାରଣ ! ତୋର ଯୋଗ ସିଦ୍ଧ ହୋଇଛି । ବର୍ତ୍ତମାନ ''ମହାମାୟା'' ରୂପରେ ମୁଁ ତୋତେ ସମସ୍ତ ଜ୍ଞାନ ପ୍ରଦାନ କଲି ।''

ନିବାରଣ ଆଚମ୍ବିତ ହୋଇଗଲେ । ଚକ୍ଷୁ ତାଙ୍କର ଲାଲବର୍ଣ୍ଣ ହୋଇଗଲା । ଆଖିର ପତା ହରିଦ୍ରାବର୍ଣ୍ଣ ଧାରଣ କଲା । ବାହ୍ୟଜ୍ଞାନ ସଂପୂର୍ଣ୍ଣ ଲୋପ ପାଇଗଲା । ମୂକ ଭଳି କେବଳ ଚାହିଁ ରହିଲେ । ଏହି ସମୟରେ ପିଣ୍ଡର ଚେତା ପୁରୁଷ ଚେତାଇ ଦେଲା । ଫଳରେ ପ୍ରବୃତ୍ତିର ଭାବ ସତ୍, ଚିତ୍, ଆନନ୍ଦ ଆଡ଼କୁ ଅତ୍ୟନ୍ତ ବ୍ୟଗ୍ରତାର ସହ ଅହର୍ନିଶି ଆଗେଇ ଚାଲିଲା । ନିଶାଗ୍ରସ୍ତ ହୋଇ ମାତାଲ ହେବାପରି ସଦା ଘୂର୍ଣ୍ଣାୟମାନ ଅବସ୍ଥାରେ ରହି ନିବାରଣ ଆହୁରି ନିକଟବର୍ତ୍ତୀ ହେବାକୁ ଲାଗିଲେ ।

କ୍ରମଶଃ ନିବାରଣ ଅନୁଭବ କଲେ, ନାସାଗ୍ରର ଚତୁଃପାର୍ଶ୍ୱରେ ଗୋଲାକୃତି ନୀଳ ଧବଳ ଆଲୋକ ସର୍ବଦା ରହୁଅଛି । ସେ ଆଲୋକ ବ୍ରାହ୍ମ ସମୟରେ ଛଅଘଣ୍ଟାଧରି ରହୁଛି । ମଧ୍ୟାହ୍ନରେ ଆଲୋକ ନୀଳ ଓ ଲାଲବର୍ଣ୍ଣ ଧାରଣ କରି ସଂଧ୍ୟା ପର୍ଯ୍ୟନ୍ତ ରହୁଛି । ସଂଧ୍ୟାରୁ ରାତ୍ରି ୩।୨୫ମି. ପର୍ଯ୍ୟନ୍ତ ଗୈରୀକ ବର୍ଣ୍ଣ ଧାରଣ କରି ଧାବମାନ ହେଉଛି ଓ ଶେଷରେ ରାଧାକୃଷ୍ଣଙ୍କ ସହିତ ଛପି ଯାଉଛି । ଏହିସବୁ ଅବସ୍ଥା ଉପଲବ୍ଧ କରି ନିବାରଣ ଆନନ୍ଦରେ ଅଧିର ହେବା ସଂଗେ ସଂଗେ ଆଶ୍ଚର୍ଯ୍ୟ ମଧ୍ୟ ହୋଇ ଯାଉଛନ୍ତି ।

ଅବ୍ୟକ୍ତପତିଙ୍କ ଅପାର କରୁଣାରେ ନିବାରଣଙ୍କର ସମସ୍ତ ଜିଜ୍ଞାସା ସମାପ୍ତ ହେବାର ସମୟ ଉପସ୍ଥିତ ହେଲା । ଫାଲ୍‌ଗୁନ ପୂର୍ଣ୍ଣିମାର ପବିତ୍ର ଲଗ୍ନରେ ସେ ଯୋଗନିଦ୍ରାରେ ଥିଲେ । ମାଆ ରାସେଶ୍ୱରୀ ତାଙ୍କର ମଥା ସ୍ପର୍ଶ କରି ସ୍ନେହଭରା କୋମଳ କଣ୍ଠରେ ଡାକୁଛନ୍ତି, '' ପୁତ୍ର ନିବାରଣ ! ନିଦ୍ରାଭଙ୍ଗ କରି ଜାଗ୍ରତ ହୁଅ ।'' ନିଦ୍ରାଭଙ୍ଗ ପରେ ନିବାରଣ ଦେଖୁଛନ୍ତି ନିତ୍ୟ ରାଧାକୃଷ୍ଣ ତାଙ୍କ ସମ୍ମୁଖରେ ଆବିର୍ଭୂତ । ଗୈରୀକ, ଧବଳ, ହରିଦ୍ରାବର୍ଣ୍ଣର ଜ୍ୟୋତିରେ ସ୍ଥାନଟି ପରିପୂର୍ଣ୍ଣ । ଜ୍ୟୋତି ମଧ୍ୟରେ ରାଧାକୃଷ୍ଣଙ୍କର ଜ୍ଞାନ, ମିଳନ, ତା ପରେ ପ୍ରେମର ଆଶିଷ । ଆଶୀର୍ବାଦ ପ୍ରାପ୍ତ ପରେ ନିବାରଣଙ୍କର ପୂର୍ଣ୍ଣଜ୍ଞାନ ପ୍ରାପ୍ତି, ସ୍ଥିତ ପ୍ରଜ୍ଞ ଅବସ୍ଥା । ଜ୍ଞାନାରୂଢ଼ ଅବସ୍ଥାରେ ପିଣ୍ଡମଧ୍ୟରେ ଚେତା ପୁରୁଷ ବିଚରଣ କରୁଛି । ଶରୀର ଭୂମିରୁ ''ଚବିଶଆଙ୍ଗୁଳ'' ଛାଡ଼ି ଉଶ୍ୱାସ ହେଉଛି । ''ବିଜ୍ଞାନ ଦର କର୍ଣ୍ଣ'' ପ୍ରାପ୍ତି ପାଇଁ ମହାମାୟା ହରିଦ୍ରାବର୍ଣ୍ଣର ବସ୍ତ୍ର ଧାରଣ କରି ସମୟେ ସମୟେ ଧାଇଁ ଆସୁଛନ୍ତି । କୋମଳ ସ୍ୱରରେ ଡାକୁଛନ୍ତି, ''ନିବାରଣ ! ଦେଖ୍ ତୋ ପଛରେ ମୁଁ ନିଜେ ଉପସ୍ଥିତ ।''

ପୂର୍ଣ୍ଣଜ୍ଞାନ ପ୍ରାପ୍ତି ପରେ ନିବାରଣଙ୍କର ଦେହ, ଭାବ ଓ ଆଚରଣର ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଗଲା । ଦେହର ବର୍ଣ୍ଣ ତାମ୍ରବର୍ଣ୍ଣ, ମୁଦ୍ରିତ ଚକ୍ଷୁ, ସର୍ବଦା ଚୈତନ୍ୟ ପୁରୁଷଙ୍କୁ ଚିନ୍ତା ଓ ଲୟ । ଖୁବ୍ ସୁନ୍ଦର ଢ଼ଉଳ ଢାଉଳ ଶରୀର । ହସ ହସ ମୁଖ, ଅଙ୍ଗ ସ୍ଥିର । ଗୋପନ ଭାବେ କଥାର ଇଙ୍ଗିତ । ଚଲା ପଥରେ ଶବ୍ଦ ନାହିଁ । ଦିନକୁ ଥରେ ମାତ୍ର ଫଳାହାର । ଦିବାଭାଗରେ ମାତ୍ର ସାତ ମିନିଟ୍ ଯୋଗନିଦ୍ରାରେ ରହନ୍ତି । କିନ୍ତୁ ରାତ୍ରିରେ ଆଦୌ ନିଦ୍ରାନଥାଏ । ସର୍ବଦା ମନ୍ତ୍ର ଚୈତନ୍ୟରେ ବୁଡ଼ି ରହି ମହାଯୋଗୀ ରାଧାକୃଷ୍ଣଙ୍କର ଅମର ପ୍ରେମ ଆସ୍ୱାଦନରେ ନିଜକୁ ହଜାଇ ଦେଇ ରହୁଛନ୍ତି ।

ବାଲ୍ୟକାଳରୁ ଧର୍ମ ଧନ ସଂଚୟ କରି ଚାଲିଥିବା ନିବାରଣ ଶେଷରେ ଉକ୍ତ ଦୁର୍ଲ୍ଲଭ ଅବସ୍ଥା ପ୍ରାପ୍ତ ହୋଇ ବ୍ରହ୍ମଙ୍କ ସହ ଏକାକାର ହୋଇଗଲେ ।

**ଅଜ୍ଞାନୀକି ବ୍ୟକ୍ତ କରିବୁ ନାହିଁ, ଅବ୍ୟକ୍ତି ପୁରୁଷ ଶୂନ୍ୟରେ ଥାଇ ।**
**ଜୀବପରମ ତା ବେନି ଚରଣ, ଜୀବ ପରମ ମୁଁ ହୋଇଛି ଜନ୍ମ ।**
**ଏକ ସ୍ଥାନେ ଲୀଳା କରନ୍ତି ବେନି, ପରମ ରହିଛି ଜୀବକୁ ଘେନି ।**
**ଜୀବରେ ପରମ କରେ ବିହାର, ଜୀବ ପରମ ଏକଇ ଶରୀର ।**

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ହେ ବିଶ୍ୱର ଯୁବ ସମାଜ ! ଆଉ ସୁଷୁପ୍ତି କୋଳରେ ନୀରବରେ ଶୋଇଶୋଇ ସ୍ୱପ୍ନ ଦେଖନାହିଁ । ଉପଯୁକ୍ତ ସମୟ ସମାଗତ । ଯୁବସିଂହ ଅପ୍ରମିତ ବଳବୀର୍ଯ୍ୟ ଧରି ଜାଗ୍ରତ ହୁଅ । ଉଠିପଡ଼,ମଠ କରନାହିଁ । ଅବ୍ୟକ୍ତ ଚରମପୁରୁଷ ସ୍ଥୂଳଧରାପୃଷ୍ଠରେ ବ୍ୟକ୍ତ ହୋଇ ଦୁଇବାହୁ ତୋଳି ତୁମମାନଙ୍କୁ ପ୍ରେମାଲିଙ୍ଗନ ଦେବାପାଇଁ ଅପେକ୍ଷମାଣ । ତାଙ୍କରି ନିର୍ଦ୍ଦେଶିତ ଚଲାପଥରେ ଆଗେଇଚାଲ । ବିଶ୍ୱଶାନ୍ତି ପ୍ରତିଷ୍ଠାକର । ନବଯୁଗର ନୂତନ ସୂର୍ଯ୍ୟୋଦୟର ସୂଚନା ମିଳିଲାଣି । ପୂର୍ବଦିଗ ଉଷାର ଅରୁଣିମାରେ ରାଗରଂଜିତ ହେଲାଣି । ବିହଙ୍ଗକୁଳ ମଧୁରସ୍ୱରରେ ସାମଗାନ କଲେଣି । ନୂତନ ସୂର୍ଯ୍ୟୋଦୟ ହେବ, ନୂତନ ସମାଜ ଗଠିତ ହେବ । ମାନବିକ ସନାତନ ଧର୍ମର ପ୍ରତିଷ୍ଠା ହେବ । ପତିତ ମାନଙ୍କର ଉଦ୍ଧାର ହେବ । ସାଧୁସନ୍ଥ ଉଦ୍ଧାର ପାଇବେ, ଦୁଷ୍କୃତିର ବିନାଶ ଘଟିବ । ନିଜନିଜର ଜନ୍ମ ଓ ଜୀବନକୁ ସାର୍ଥକ, ସଫଳ କର । ତୁମମାନଙ୍କ ପାଇଁ ଆମର ଅର୍ଘ୍ୟ-*

## ପ୍ରେମ (୪)

**ଭ**ଗବତ୍ ପ୍ରେମ ଅନନ୍ତ, ଅବ୍ୟକ୍ତ ଏବଂ ଅପ୍ରାକୃତ । ନିତ୍ୟରାଧା, ନିତ୍ୟକୃଷ୍ଣଙ୍କର ଚିରନ୍ତନ ଲୀଳାଭୂମି ଅନାଦି ଅବ୍ୟକ୍ତ ମଣ୍ଡଳରୁ ଅନନ୍ତ ପ୍ରେମଧାରା ଅବିରତ ନିରବଚ୍ଛିନ୍ନ ଭାବରେ ଓଁକାରମଣ୍ଡଳ (ସୂକ୍ଷ୍ମଜଗତ) ମଧ୍ୟଦେଇ ଶକଟକ ମଣ୍ଡଳ/ସ୍ଥୂଳଜଗତକୁ ସତତ ପ୍ରବହମାନ । ପ୍ରେମମୟୀ ରାଧା ଏବଂ ପ୍ରେମମୟ କୃଷ୍ଣଙ୍କର ସୁମଧୁର ଦିବ୍ୟମିଳନ ଭୂମିର ସ୍ୱାକ୍ଷର ବହନ କରି ଠାକୁରଙ୍କର ସ୍ଥୂଳଶରୀର ପ୍ରେମପୀଠର ଜ୍ୱଳନ୍ତ ମହାତୀର୍ଥ । ମହେଶ୍ୱରଙ୍କର ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିପରି ଠାକୁରଙ୍କର ବାମାଙ୍ଗ ରାସେଶ୍ୱରୀ ରାଧା ଏବଂ ଦକ୍ଷିଣାଙ୍ଗ ରାସେଶ୍ୱର କୃଷ୍ଣଙ୍କର ଦ୍ୟୋତକ । ତେଣୁ ଭକ୍ତ ଚକ୍ଷୁରେ ସେ ଅର୍ଦ୍ଧାଙ୍ଗ ପ୍ରକୃତି ଓ ଅର୍ଦ୍ଧାଙ୍ଗ ପୁରୁଷ । ଏହି ଏକଦିବ୍ୟ ଶରୀରରେ ପ୍ରକୃତି ଓ ପୁରୁଷର, ରାଧା ଓ କୃଷ୍ଣଙ୍କର ମଧୁର ସମନ୍ୱୟ ଘଟିଛି । ଏହା ଯେପରି ରହସ୍ୟ ଘନ, ସେହିପରି ସୂକ୍ଷ୍ମ ପ୍ରତୀୟମାନ । ଯେଉଁ ଭକ୍ତମାନେ ଏଯାବତ୍ ଏହାର ପ୍ରତ୍ୟକ୍ଷ ପ୍ରମାଣ ପାଇଛନ୍ତି, ସେହିମାନେ ହିଁ ପ୍ରତ୍ୟକ୍ଷଦର୍ଶୀ ଓ ସେମାନଙ୍କର ବକ୍ତବ୍ୟ ପ୍ରାମାଣିକ ତଥ୍ୟ ସମ୍ବଳିତ ଚିରନ୍ତନ ସତ୍ୟ, ନିତ୍ୟ ସତ୍ୟ ।

ରାଧା ଏବଂ କୃଷ୍ଣ ଅନନ୍ତ, ଅପ୍ରାକୃତ, ଚିରନ୍ତନ, ଶାଶ୍ୱତ ପ୍ରେମର ମୂର୍ତ୍ତ ପ୍ରତୀକ- ଏହା କିଏ ବା ସ୍ୱୀକାର ନକରେ ? ଏକାଙ୍ଗରେ ଭଗବାନ ଠାକୁରେ ଅବ୍ୟକ୍ତ ପ୍ରେମରେ ମୂର୍ତ୍ତିମନ୍ତ । ଏହି ଏକ ଅଙ୍ଗରେ ତାଙ୍କଠାରେ ରସମୟୀ ରାଧା ଓ ରସମୟ କୃଷ୍ଣଙ୍କର ପ୍ରେମଭାବ ସ୍ପଷ୍ଟ ଭାବରେ ପ୍ରକାଶିତ । ନିର୍ମଳ, କୋମଳ, ପବିତ୍ର ପ୍ରେମଭାବର ନିତ୍ୟ ଆନନ୍ଦଘନ ସଚ୍ଚିଦାନନ୍ଦ ମୂର୍ତ୍ତି ଭଗବାନ ଠାକୁର । ପ୍ରେମର ବହୁ ବର୍ଣ୍ଣିଳ ବିଭାବ ଏବଂ ଭାରତୀୟ ପ୍ରେମ ପରମ୍ପରାର ପୁଷ୍କଳ ବିକାଶ ଘଟିଛି ଏହି ଏକାଙ୍ଗରେ । ଭଗବାନ ଠାକୁରଙ୍କୁ ପ୍ରେମମୂର୍ତ୍ତିରେ ପ୍ରେମିକ ଭକ୍ତ କେବଳ ଦେଖେ ପ୍ରେମିକ ଠାକୁରଙ୍କୁ : ବିଶ୍ୱମୟ ସେ । ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି ସେ । ସେ ଏକାଧାରରେ ରାସେଶ୍ୱରୀ, ରସମୟୀ, ପ୍ରେମମୟୀ ରାଧା ଏବଂ ରାସେଶ୍ୱର, ରସମୟ, ପ୍ରେମମୟ କୃଷ୍ଣ । ସେହି ହିଁ ଠାକୁରେ ପ୍ରେମଘନ ମୂର୍ତ୍ତି । ସୁକୋମଳ ପ୍ରେମମୂର୍ତ୍ତି । ଏହି ଅବସ୍ଥାରେ ଭକ୍ତ ଓ ଭଗବାନ ଠାକୁରଙ୍କର ଶରୀର ସିନା ଦୁଇଗୋଟି ବୋଧହୁଏ, ମାତ୍ର ଏକ ପ୍ରାଣ ହୋଇଯାଆନ୍ତି ଭକ୍ତଦାସ ଓ ପ୍ରେମିକ ଠାକୁର । କବିଙ୍କ ଭାଷାରେ :

**''କ୍ଷୀର ନୀର ପରା ଅଭେଦ ପୀରତି ବେନିତନୁ ଏକପ୍ରାଣ ।।''**

ପ୍ରେମସମାଧି ଅବସ୍ଥାର ତନ୍ମୟତା ଓ ତଲ୍ଲୀନତାରେ ଭକ୍ତ ଓ ଭଗବାନ ଏକାକାର ହୋଇଯାଆନ୍ତି । ଦୁଇଟି ଦେହ ପଡ଼ିରହେ, ଦୁଇଟି ପ୍ରାଣ ଗୋଟିଏ ମନରେ ଏକ ପ୍ରେମବିନ୍ଦୁରେ ଏକାକାର ହୋଇଯାଏ । ଧନ୍ୟ ହୁଏ ଭକ୍ତ, ଆନନ୍ଦିତ ହୁଅନ୍ତି ଭଗବାନ । ନରା

ଦେହରେ ନାରାୟଣ ଠାକୁରଙ୍କର ଅବ୍ୟକ୍ତ ଲୀଳା ବ୍ୟକ୍ତ ହୁଏ । ଠାକୁରଙ୍କର ପରମ ସନ୍ତୋଷ ସହିତ ଏକାଗ୍ର ଲୟ ବଳରେ ପ୍ରେମସମାଧି ଅବସ୍ଥା ପ୍ରାପ୍ତ ହୁଏ । ଚିନ୍ମୟ ଭଗବତ୍ ପ୍ରେମର ଏହା ଏକ ଉଚ୍ଚସ୍ତରୀୟ ଭାବାବସ୍ଥା, ଚିନ୍ମୟ ଭଗବତ୍ ପ୍ରେମ ଜାଗତିକ ପ୍ରେମକଳାର ପରିପୋଷକ ନୁହେଁ । ଏହି ଶାଶ୍ୱତ ପ୍ରେମ ଇନ୍ଦ୍ରିୟସର୍ବସ୍ୱ ମଧ୍ୟ ନୁହେଁ । ସ୍ଥୂଳ ଦେହର ଇନ୍ଦ୍ରିୟଗଣ ଦ୍ୱାରା ଏହି ଅପ୍ରାକୃତ ପ୍ରେମରସ ଆସ୍ୱାଦନ କରାଯାଇ ପାରେନା । ଏହା ଅତୀନ୍ଦ୍ରିୟ, ଚିନ୍ମୟ ସତ୍ତାରେ ଏହାର ବିକାଶ । ଏହା ଅତ୍ୟନ୍ତ ଉପଭୋଗ୍ୟ, ଅଧିକ ଆହ୍ଲାଦମୟ । ସଚ୍ଚିଦାନନ୍ଦ ପୂର୍ଣ୍ଣ ପରଂବ୍ରହ୍ମ ଠାକୁର ଭଗବାନଙ୍କର ସତ୍-ଚିତ୍-ଆନନ୍ଦ, ଏହି ତିନୋଟି ଗୁଣର ଶକ୍ତି ଚିନ୍ମୟ ଭଗବତ୍‌ପ୍ରେମରେ ସତତ ନିହିତ ଅଛି । ସନ୍ଧିନୀ, ସମ୍ବିଦିନୀ ଓ ଆହ୍ଲାଦିନୀ ଗୁଣତ୍ରୟରେ ଶାଶ୍ୱତ ଭଗବତ୍ ପ୍ରେମ ନିତ୍ୟ ଶୁଚିସ୍ନାତା । ନବଯୌବନୀ ପ୍ରେମିକା ଓ ନବଯୁବକ ପ୍ରେମିକ ଇନ୍ଦ୍ରିୟସର୍ବସ୍ୱ ହୋଇ ମିଳନ ମୁହୂର୍ତ୍ତରେ ତ୍ରିଜଗତକୁ ବିସ୍ମରି ଯାଇ ଏକ ପ୍ରାଣକେନ୍ଦ୍ରରେ ପ୍ରେମାନୁଭୂତି ଅନୁଭବ କଲାପରି, ପ୍ରେମସମାଧି ଅବସ୍ଥାରେ ପ୍ରେମିକ ସାଧକର ଜୀବାତ୍ମା ପରଂବ୍ରହ୍ମ ପରମାତ୍ମାଙ୍କ ସହିତ ଏକ ଆତ୍ମିକ କେନ୍ଦ୍ରରେ ମିଳିତ ହୋଇ ଅତୀନ୍ଦ୍ରିୟ ପ୍ରେମାନନ୍ଦର ସନ୍ଧାନ ଲାଭ କରି ପରମଆନନ୍ଦ ଲାଭ କରେ, ପରମ ସନ୍ତୋଷ ଲାଭ କରନ୍ତି ଭଗବାନ ଠାକୁରେ । ଠାକୁରେ ପ୍ରେମ ସାଧନମାର୍ଗରେ ଭକ୍ତକୁ ପରିଚାଳିତ କରି ଭାରତୀୟ ବୈଦିକନୀତି ଉପରେ ଭଗବତପ୍ରେମକୁ ଶାଶ୍ୱତ ଓ ପବିତ୍ର, ବାସ୍ତବ ଏବଂ ଅନୁଭବ ସମ୍ପନ୍ନ ରୂପ ପ୍ରଦାନ କରିପାରିଛନ୍ତି ।

ମଧୁରଭକ୍ତି ସାଧନାରେ ଭକ୍ତି ସହିତ ପ୍ରେମରସ ମିଶ୍ରିତ ହୋଇଥାଏ । ପ୍ରେମର ମଧୁର ରସ ବୋଇଲେ କାମଗନ୍ଧହୀନ ଶୁଦ୍ଧ ଓ ପବିତ୍ର ପ୍ରେମରସ । ପ୍ରେମରୁ ଭକ୍ତି ଜାତ ହେଉ କି ଭକ୍ତିରୁ ପ୍ରେମ ଜାତ ହେଉ, ତହିଁରେ ଆମେ ବ୍ୟସ୍ତତ୍ରସ୍ତ ହେବାର କୌଣସି କାରଣ ନାହିଁ । ଆମେ ତତ୍ତ୍ୱର ଘନଅରଣ୍ୟରେ ପଥହରା ହେବା କାହିଁକି ? ଆମ ପଥ ଆମକୁ ଜଣାଇ ଦେଇଛନ୍ତି ଶ୍ରୀଗୁରୁସ୍ୱାମୀ । ସେହି ପଥରେ ପରିଚାଳିତ ହୋଇ ଆମେ ପ୍ରେମ ଓ ଭକ୍ତିକୁ ଆଧାର କରି ସାଧନାପଥରେ ଆଗେଇ ଯିବା । ଭକ୍ତି କେହି କାହାଠାରୁ ନ୍ୟୂନ ନୁହନ୍ତି । ମାତ୍ର ପ୍ରେମ କୋମଳ, କରକା ସଦୃଶ । ସାମାନ୍ୟ ଉତ୍ତାପରେ କୋମଳ ପ୍ରେମଭାବ ଝାଉଁଳି ପଡ଼େ । ପ୍ରେମ ଅହଂକାରଶୂନ୍ୟ । ପ୍ରେମ ଯେଉଁଠି, ଅଭିମାନ ସେଇଠି ପ୍ରଚ୍ଛନ୍ନରେ ଥାଏ । ପ୍ରେମାସ୍ପଦ ପରମପୁରୁଷଙ୍କର ସାମାନ୍ୟ ଆଡ଼ ଆଖିରେ ପ୍ରେମ କରକାତୁଲ୍ୟ ବିଗଳିତ ହୋଇ ଆପଣାର ସତ୍ତା ହରାଇ ଦିଏ ସେହି ଠାକୁରଙ୍କର ପଦ୍ମପାଦପୀଠରେ । ଅନ୍ୟପକ୍ଷରେ ଭକ୍ତି କଠୋର, ଅସ୍ଥିତୁଲ୍ୟ କ୍ୱଳମାନ ହିମଗିରି ତୁଲ୍ୟ ଅଟଳ, ସ୍ଥିର ଏବଂ ଧିର । ପ୍ରେମ ପ୍ରେମମୟଙ୍କର ଅନୁଗମନ କରେ; ମାତ୍ର ଭଗବାନ ଭକ୍ତିର ଅନୁଗମନ କରନ୍ତି, କରିଅଛନ୍ତି । ପ୍ରେମ ଓ ଭକ୍ତି ଯେଉଁଠି ଏକତ୍ର ମୂର୍ତ୍ତିମନ୍ତ, ସେଠାରେ ସକଳ ବିସ୍ମୟ, ସକଳ ଅସମ୍ଭବ ସମ୍ଭବପର ହୁଏ, ହେଉଛି ।

ପ୍ରେମ ଏକ ସହଜାତ ପ୍ରବୃତ୍ତି । ଜୀବ ଏ ଜଗତରେ ଜନ୍ମହେବା ସହିତ ପ୍ରେମପ୍ରବୃତ୍ତିକୁ ଆପଣା ସହିତ ଆଣିଥାଏ । ଉପଯୁକ୍ତ ପରିବେଶ ଓ ପୋଷଣା ପାଇଲେ ପ୍ରେମବୀଜ ହୃଦସ୍ଥଳରେ ଅଙ୍କୁରିତ ହୁଏ ଓ ସହାୟକ ପରିସ୍ଥିତିରେ ତାହା ପତ୍ର, ପୁଷ୍ପ, ଫଳ ସମନ୍ୱିତ ହୋଇ ଏକ ମହୀରୁହରେ ପରିଣତ ହୁଏ । ଜାଗତିକପ୍ରେମରେ ଏହା ଯେପରି ସତ୍ୟ, ଭଗବତ୍ ପ୍ରେମରେ ମଧ୍ୟ ଏହା ସେହିପରି ନିତ୍ୟ ଓ ଶାଶ୍ୱତ । ଭକ୍ତିର ଧାରା କିନ୍ତୁ ସ୍ୱତନ୍ତ୍ର । ଏହା ଜୀବର ସହଜାତ ପ୍ରବୃତ୍ତି ନୁହେଁ । ପ୍ରେମପଥ ଦେଇ ଭକ୍ତି ଅର୍ଜନ କରିବାକୁ ହୁଏ । ପ୍ରେମ କ୍ଷେତ୍ରରେ ପୁରୁଷାର୍ଥର ପ୍ରୟୋଗ ଆବଶ୍ୟକ ନୁହେଁ; ମାତ୍ର ଭକ୍ତି କ୍ଷେତ୍ରରେ ସୂକ୍ଷ୍ମତଃ ପୁରୁଷାର୍ଥର ଆବଶ୍ୟକତା ରହିଛି । ପ୍ରେମ ପରିପକ୍ୱ ହେଲେ, ତାହା ଭକ୍ତିରେ ରୂପାନ୍ତରିତ ହୁଏ ସତ୍ୟ, ତଥାପି ପ୍ରେମର ସ୍ଥାନ ଓ ଆସନ ସ୍ୱତନ୍ତ୍ର । ପ୍ରେମସାଧକ ମୃତ୍ୟୁକୁ ସୁଦ୍ଧା ଭୟକରେ ନାହିଁ । ପ୍ରେମ ସଚରାଚର ଏକ ଶ୍ରେଣୀୟ ପାଗଳାମି । ପାଗଳର କ'ଣ ମୃତ୍ୟୁ ସମ୍ବନ୍ଧରେ କୌଣସି ଜ୍ଞାନ ଥାଏ ନା ମୃତ୍ୟୁର ସ୍ୱରୂପ ଓ ପରିଣତି ସମ୍ବନ୍ଧରେ ପାଗଳ ସଚେତନ ଥାଏ ? ସଫଳ ପ୍ରେମ ସକଳ ପୁରୁଷାକାରକୁ ଭୂଲୁଣ୍ଠିତ କରେ, ଧୂଳିସାତ୍ କରେ । ପ୍ରେମିକ ସାଧକ ସକଳ ବଳ, ବୀର୍ଯ୍ୟ, ଓଜଃ, ତେଜକୁ ବିସ୍ମରି ଯାଇ ପ୍ରେମାସ୍ପଦ ରଙ୍ଗା ଚରଣତଳେ ଲୁଣ୍ଠିତ ହୋଇଯାଏ- ସେତେବେଳେ ତା'ର ଏକ ଅନିର୍ବଚନୀୟ ଅବସ୍ଥା-ସତେ ଅବା ସମାଧିସ୍ଥ-ସ୍ଥାନ, କାଳ, ପାତ୍ର ଜ୍ଞାନ ତା'ର ନଥାଏ ।

ସକଳ ବିସ୍ମୃତ ହୋଇ ସେ ପଦ୍ମପାଦର ପଦ୍ମମକରନ୍ଦ ପାନରେ ମତୁଆଲା ହୋଇଯାଇଥାଏ । ଆହା ! ଭକ୍ତ ଓ ଭଗବାନଙ୍କର କି ବିଚିତ୍ର ଲୀଳା !!

ମର୍ତ୍ତ୍ୟମଣ୍ଡଳରେ ଦୁର୍ଲଭ ନରଦେହ ଧରି ଅମୃତ ଭଗବତ୍ ପ୍ରେମରସ ଆସ୍ୱାଦନର ସାଧନ କରିପାରିଲେ ଜନ୍ମ ଓ ଜୀବନ ସଫଳ ଓ ସାର୍ଥକ ହୁଏ,, କହିଲେ ନିତ୍ୟସତ୍ୟର ଅପଳାପ ହେବନାହିଁ । ପ୍ରେମରେ ଥରେ ଭୋଳ ହୋଇଯାଇ ପାରିଲେ ଜୀବ ଆପଣାର ସକଳ ବିକ୍ରମ ବିସ୍ମୃତ ହୋଇ ଭଗବତ୍ ସାନିଧ୍ୟରେ ତଲ୍ଲୀନ ହୋଇଯାଏ । ସଂସାରର ତ୍ରିତାପ ସେତେବେଳେ ତା'କୁ ସ୍ପର୍ଶ କରିପାରେ ନାହିଁ ବା ସ୍ପର୍ଶ କଲେ ମଧ୍ୟ ତହିଁରେ ସେ ତିଳେମାତ୍ର କାତର ହୁଏ ନାହିଁ । ସେତେବେଳେ ସ୍ୱୟଂ ଭଗବାନ ଠାକୁର ହିଁ ତା'ର ରକ୍ଷାକବଚ ।

ଭଗବାନ ଠାକୁର ପ୍ରେମାତିଶଯ୍ୟ ପ୍ରେମିକ ଭକ୍ତର ପ୍ରେମାତୁର ଭାବବିହ୍ୱଳତାରେ ପ୍ରେମପ୍ରଦ ହୋଇଉଠନ୍ତି । ସ୍ନେହ ଓ ଦୟାରେ ଠାକୁରଙ୍କର ତନୁମନ ବିଚଳିତ ହୋଇଯାଏ । କଲ୍ୟାଣକରୁଣାର ଧାରା ଅଜାଡ଼ି ଦିଅନ୍ତି ପ୍ରେମିକ ଭକ୍ତର ନତଶିରରେ । ପ୍ରଭୁଙ୍କର କରୁଣା ଓ କଲ୍ୟାଣରୁ ପ୍ରେମିକଭକ୍ତ ପ୍ରେୟଃ ମାର୍ଗ (ଯେଉଁ ମାର୍ଗ ସାଂସାରିକ ଜଂଜାଳରେ ମନୁଷ୍ୟକୁ ପକାଏ- ଅବିଦ୍ୟା ମାର୍ଗ) ପରିତ୍ୟାଗ କରି ଶ୍ରେୟଃମାର୍ଗ (ଧର୍ମ, ପୂଣ୍ୟ, ମଙ୍ଗଳ, ହିତକର ଶ୍ରେଷ୍ଠ ପଥ)ରେ ପରିଚାଳିତ ହୋଇ ଜଗତକଲ୍ୟାଣ ଓ ବିଶ୍ୱର ମଙ୍ଗଳ ନିମନ୍ତେ ପ୍ରଭୁପାଦଙ୍କର ପବିତ୍ର ପାଦପଦ୍ମରେ ପ୍ରାର୍ଥନା କରେ । ଜଗତକଲ୍ୟାଣ ବା ବିଶ୍ୱର ମଙ୍ଗଳ କେବଳ ମୁହଁର ଭାଷା ନୁହେଁ, ଏଥିପାଇଁ ବାସ୍ତବକର୍ମ ସମ୍ପାଦନ କରିବାକୁ ହୁଏ ନିଃସ୍ୱାର୍ଥପର ଭାବରେ । ଭୋଗଲାଳସା ତ୍ୟାଗ କରି ତ୍ୟାଗବ୍ରତରେ ବ୍ରତୀ ହେଲେ ହିଁ ଜଗତକଲ୍ୟାଣ ନିମନ୍ତେ ବାସ୍ତବକର୍ମ ସଂପାଦନ ସମ୍ଭବପର ।

ରାଜସିଂହାସନ, ରାଜମୁକୁଟ, ରାଜଭୋଗ ଲୋଡ଼େନା ପ୍ରେମ । ପ୍ରଭୁଙ୍କର ପରମପ୍ରସାଦ ହିଁ ଅନ୍ତଃକରଣରେ ଲୋଡ଼ିଥାଏ । ସେତକ ପାଇଲେ ବା ସନ୍ତୁଷ୍ଟ, ନ ପାଇଲେ ମଧ୍ୟ ସନ୍ତୁଷ୍ଟ । ପରମ ସନ୍ତୋଷ ହିଁ ପ୍ରେମର ବାହ୍ୟସ୍ୱରୂପ । ଏହା ଅନ୍ତଃସ୍ଥଳରେ ଠୁଳ ହୋଇ ବହିଃରଙ୍ଗ ଧରି ସ୍ଫୁଟତଃ ପ୍ରକାଶ ପାଇଥାଏ । ପ୍ରେମର ମହନୀୟ ମହାଭାବରେ ତନ୍ମୟ ଓ ତଲ୍ଲୀନ ଭକ୍ତର ତ୍ରିଜଗତରେ ପ୍ରଭୁପାଦଙ୍କର ପଦ୍ମପାଦ ବ୍ୟତୀତ ଅନ୍ୟ କିଛିରେ ଲୋଡ଼ା ନଥାଏ, ଲୋଭ ମଧ୍ୟ ନଥାଏ, ନଥାଏ ଆସକ୍ତି ବା ମୋହ ॥

*"କାଗଜ ଜଳ ଯେହ୍ନେ ଜିଣଇ ତୁରିତେ ।*
*ସରୁବସ୍ତ୍ର ଜଳେ ଯେହ୍ନେ ମଜଇ ଯୁଗତେ ॥*
*ଅଗ୍ନିସଙ୍ଗେ ଘୃତ ଯେହ୍ନେ ହୁଅଇ ତରଳ ।*
*ନିଆଁ ସଙ୍ଗେ ଜଳ ଯେହ୍ନେ ହୁଅଇ ଯେ ମେଳ ॥*
*ଭକ୍ତ ଶିଷ୍ୟ ସେହି ମତି ଗୁରୁଙ୍କୁ ଦେଖିଲେ ।*
*ସେ ଶିଷ୍ୟ ଜୀବନ ଧନ୍ୟ ଧନ୍ୟ ଦିନେ ଥିଲେ ॥"*

# ଜିଜ୍ଞାସା : ଜିଜ୍ଞାସୁ

*ସ୍ୱର୍ଗତଃ ଜତୀଶ ଦା' (ଛବି ଭାଇ) କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଥିଲେ । ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ପବିତ୍ର ପଦ୍ମପାଦପୀଠରେ ବହୁ ଏକାନ୍ତ ମୁହୂର୍ତ୍ତରେ ଦୀପରକ୍ଷୀ ପରି ଧୈର୍ଯ୍ୟର ସହିତ ବସି ରହି ପ୍ରଭୁଙ୍କ ସହିତ ନାନା ପ୍ରସଙ୍ଗରେ ଆଲୋଚନା କରୁଥିଲେ ସେ । ନିଜର ଦିନଲିପି ରେ ସେ ନିଜେ ଠାକୁରଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଟିକିନିଖି ବିବରଣୀ ଲେଖି ରଖୁଥିଲେ ନିୟମିତ ଭାବରେ ।*

*ଡାଇରୀରେ ଦିବଂଗତ ଜତୀଶ ଦା'ଙ୍କର ଲିଖିତ ବିବରଣୀକୁ ଅବିକଳ ସଂକଳନ କରାଯାଇ ଏଠାରେ ପ୍ରକାଶ କରାଯାଉଅଛି । କେବଳ କେତେକ ସ୍ଥଳରେ ବର୍ଣ୍ଣାଶୁଦ୍ଧି, ବାକ୍ୟଗଠନର ରୀତି/ଶୈଳୀର ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି ମାତ୍ର । ମୌଳିକ ବସ୍ତୁ ଓ ଭାବ ବିନ୍ୟାସରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଅବିକୃତ/ଅବିକଳ ପ୍ରକାଶ ନିମନ୍ତେ ସବୁପ୍ରକାର ଉଦ୍ୟମ ଜାରି ରହିଛି । ଆମ୍ଭ ସମସ୍ତଙ୍କ ପାଇଁ ଏହା ଏକ ଅମୂଲ୍ୟ ରତ୍ନ ।*

*ସହୃଦୟ ପାଠକ ପାଠିକା, ଭାଇଭଉଣୀମାନଙ୍କ ସୁଖପାଠ ନିମନ୍ତେ ଏ ପାଖୁଡ଼ାରେ ସନ୍ଦେଶପତ୍ରର 'ଦଶମୋଦକ' ମଧ୍ୟରୁ ବଡ଼ଛୋଟର ବିଚାର ଉପରେ ''ଚରମ''ର ନିବେଦନ-*

ପ୍ରଶ୍ନ : ସଂଘୀୟ ବିଚାରରେ ବଡ଼ଛୋଟର ବିଚାର କରିବାକୁ ବାରଣ କରିଛନ୍ତି କାହିଁକି ?

ଠାକୁର : ବଡ଼ ଛୋଟର ବିଚାର ନେଲେ ତୁମେମାନେ ପ୍ରତିଭାର ପୂଜାରି ହୋଇ ପାରିବ ନାହିଁ ।

ଜିଜ୍ଞାସୁ : କାରଣ ?

ଠାକୁର : କାରଣ କ'ଣ ? ପ୍ରତିଭା ଈଶ୍ୱରଙ୍କ ଦତ୍ତ । ପ୍ରାଣୀ ବା ମଣିଷ ଜନ୍ମ ନେବା ସାଥେ ସାଥେ ଏହି ପ୍ରତିଭା ସ୍ୱତଃ ତା' ସାଥିରେ ଆସିଥାଏ । ପୁଣି ସମୟ ଚକ୍ରରେ ଦତ୍ତ ପ୍ରତିଭା ପରିପକ୍ୱ ହୋଇ ପରିପ୍ରକାଶ ହୁଏ । ବୟସର ସୀମା ପ୍ରତିଭାର ପରିପକ୍ୱତାକୁ ରୋକିପାରେ ନାହିଁ । ସମାଜରେ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ରହିଛି ଲକ୍ଷ୍ୟ କଲେ ଜାଣି ପାରିବ ।

ଜିଜ୍ଞାସୁ : କିପରି ?

ଠାକୁର : କେହି କେହି ଅତି କମ୍ ବୟସରେ ଅନେକ ଉଚ୍ଚ କୋଟିର ସମାଜମଙ୍ଗଳ ଓ ଜନ କଲ୍ୟାଣ କର ଚିନ୍ତାଧାରା କରିଥାନ୍ତି । ପୁଣି ଆଉ କେହି କେହି କମ୍ ବୟସରୁ ନୃତ୍ୟ, ସଙ୍ଗୀତ, କଳା, ସାହିତ୍ୟ, ଦର୍ଶନ, ବିଜ୍ଞାନ, କାରିଗର, ଶିଳ୍ପର ରୂପରେଖ ପ୍ରଦର୍ଶନ କରିଥାନ୍ତି। ଏପରି କ୍ଷେତ୍ରରେ ଯଦି ବୟସର ସୀମାରେଖାକୁ ବିଚାର କରାଯାଏ ତାହେଲେ ପରିପ୍ରକାଶ କରିଥିବା ପ୍ରତିଭାକୁ ଉପେକ୍ଷା କରାଯାଇଥାଏ । ଆଉ ଯେଉଁ କ୍ଷେତ୍ରରେ ଏହି ବୟସର ସୀମାକୁ ଉଠାଇ ଦିଆଯାଏ, ସେ କ୍ଷେତ୍ରରେ ପ୍ରତିଭାର ପୂଜା ଅର୍ଥାତ୍ ଯତ୍ନ ନିଆଯାଇ ଅଧିକରୁ ଅଧିକ କରାଯାଇଥାଏ ।

ଜିଜ୍ଞାସୁ : ବଡ଼ ଛୋଟର ବିଚାର କ'ଣ କେବଳ ବୟସ ଉପରେ ସୀମାବଦ୍ଧ ନା ଆଉ କୌଣସି ବିଷୟ ଉପରେ କରାଯାଇଛି ?

ଠାକୁର : ଖାଲି ବୟସ ନୁହେଁ, ଧନ, ମାନ, ମର୍ଯ୍ୟାଦା, ଜ୍ଞାନ, କର୍ମ, ଜାତି, ଏହି ସବୁ ବିଷୟ ଉପରେ ବଡ଼ଛୋଟ ବିଚାର ନ କରିବାକୁ କୁହାଯାଇଛି ।

ଜିଜ୍ଞାସୁ : ବଡ଼ଛୋଟର ଚଳନିରେ ଯଦି ଧନ, ମାନ, ମର୍ଯ୍ୟାଦା, ଜ୍ଞାନ, କର୍ମ ଜାତିର ବଡ଼ଛୋଟର ବିଚାର କରା ନଯାଏ, ତା' ହେଲେ ସମାଜରେ ବିଭ୍ରାଟ ସୃଷ୍ଟି ହେବ ନିଶ୍ଚୟ । କାହିଁକି ନା କେହି କାହାକୁ ମାନିବେ ନାହିଁ କି ମାନ୍ୟତା ଦେବେ ନାହିଁ । ସମସ୍ତେ ସମସ୍ତଙ୍କ କାନ୍ଧରେ ହାତ ପକାଇ ଦେବାକୁ ପଛେଇବେ ନାହିଁ ।

ଠାକୁର : ହଁ, ଏଭଳି ବିପଦ ମଧ୍ୟ ଅଛି । ଏହି ବିପଦ ସାମାଜିକ ବୈଷୟିକ ଚଳନିରେ ସୃଷ୍ଟି ହୁଏ । କିନ୍ତୁ ଗୁରୁଦରବାରରେ ଆତ୍ମଜ୍ଞାନ ପିପାସୁମାନଙ୍କ ଭିତରେ ଏଭଳି ବିଚାର କରିବା ଉଚିତ ନୁହେଁ । କାହିଁକିନା ପ୍ରତିଭାକୁ ସମ୍ମାନ ଦେବାକୁ ହେଲେ ବଡ଼ଛୋଟର ବିଚାର ରଖିବା ଉଚିତ ନୁହେଁ । ଜଣେ ଧନର ପ୍ରତିଭା ପାଇଥିବା ବେଳେ ଆଉ ଜଣେ ଜ୍ଞାନର ପ୍ରତିଭା ପାଇଥାଏ । ଗରିବ ଘରେ ସୁନ୍ଦର ଝିଅଟିଏ ଜନ୍ମହେଲା ବେଳେ ଧନୀ ଘରେ ଅସୁନ୍ଦର ଝିଅଟି ଜନ୍ମ ନେଇଥାଏ । ଆମେ ଧନୀ, ଗରିବର ବିଚାର କରି ଧନୀର ଅସୁନ୍ଦର ଝିଅକୁ ସୁନ୍ଦର ଓ ଗରିବର ସୁନ୍ଦର ଝିଅକୁ ଅସୁନ୍ଦର କହି ପାରିବା କି ? ଦେଖ, କଟକ ଚିନ୍ତା ବାଇମୁଣ୍ଡି ଆଉ ରାଜା ମର୍କତକେଶରୀ ଏ ଦୁହିଁଙ୍କୁ ତୁଳନା କର । ଜଣେ ଧନ, ମାନ, ବଳ, ଐଶ୍ୱର୍ଯ୍ୟପୂର୍ଣ୍ଣ-ରାଜାଧିରାଜ । ଆଉ ଜଣେ ଗରିବ, ଦୀନ, ହୀନ ପ୍ରଜା । କିଏ ବଡ଼ ? କିଏ ଛୋଟ ? ଏଠାରେ ଦୁଇଟି ପ୍ରତିଭା ଦେଖିବାକୁ ମିଳେ । ଜଣକ ଭିତରେ ନଦୀର କବଳରୁ ଦେଶକୁ ରକ୍ଷା କରିବାର କୌଶଳ ଚିନ୍ତା କରିବା । ଆଉ ରାଜାଙ୍କ ଭିତରେ ଗରିବ ବାଇମୁଣ୍ଡିର ଚିନ୍ତାର ପ୍ରତିଭାକୁ ସମ୍ମାନ ଦେଇ ପଥର ବନ୍ଧ ନିର୍ମାଣ କରିବା । ଏଠାରେ ବଡ଼ ଛୋଟର ବିଚାର ଥାଇ ପ୍ରତିଭାର ବିଚାର କରିବା ଦ୍ୱାରା ଉଭୟେ ରାଜା ଓ ବାଇମୁଣ୍ଡି ସମ୍ମାନିତ ହୋଇଛନ୍ତି । ଏ ବିଚାର କ'ଣ କାନ୍ଧରେ ହାତ ପକାଇବା ବିଚାର ।

ଜିଜ୍ଞାସୁ : ତା ହେଲେ ଗୋଟିଏ ବିଚାର ଧାରାରେ ଦେଖିଲେ ବଡ଼ ଛୋଟର ଭେଦ ଅଛି । ଆଉ ଅନ୍ୟ ଗୋଟିଏ ବିଚାର ଧାରାରେ ଦେଖିଲେ ବଡ଼ ଛୋଟର ଭେଦ ନାହିଁ । ଏହା ଏକ ସନ୍ଦିକ୍ଷଣ ବିଚାର ଧାରା । ନୁହେଁ କି ?

ଠାକୁର : ହଁ ସେଇଆ ବୋଲି ବୁଝ ।

ଜିଜ୍ଞାସୁ : ବୈଷୟିକ ଚଳନିରେ ଯେଉଁ ପ୍ରକାର ବିଚାର ଧାରା ଆଧ୍ୟାତ୍ମିକ ଚଳନିରେ ଅନ୍ୟ ପ୍ରକାର ବିଚାର ଧାରା । ପୁଣି ଜଣେ ମଣିଷକୁ ଦୁଇଗୋଟି ଚଳନିରେ ଚଳିବାକୁ ପଡ଼ିବ । ମଣିଷ ସଂସାରରେ ଜନ୍ମ ନେଇ ସଂସାରର ସାମାଜିକ ଚଳନି ଓ ପୁଣି ଆତ୍ମଜ୍ଞାନ ପ୍ରାପ୍ତି ନିମନ୍ତେ ଗୁରୁଦରବାରର ଆଧ୍ୟାତ୍ମ ବିଚାର ଧାରାର ଚଳନି, ଏହି ଉଭୟ ପ୍ରକାରର ଚଳନି ପରସ୍ପର ପରସ୍ପରର ବିରୋଧୀ । ଗୁରୁଜ୍ଞାନ ଯାହାକୁ ତ୍ୟାଗ କରିବାକୁ କହେ, ସାମାଜିକ ଜ୍ଞାନ ତାକୁ ସେହି ବନ୍ଧନରେ ବାନ୍ଧିବାକୁ କହେ । ଏଣୁ ଦୁଇ ନାବରେ ଗୋଡ଼ ଦେଇ ପ୍ରାଣ ଛାଡ଼ିବାର ସନ୍ଦିକ୍ଷଣ ବିଚାର ନୁହେଁ କି ?

ଠାକୁର : ବୋଧ ଜ୍ଞାନର ଭ୍ରମ ହେତୁ ଏ ପ୍ରକାର ମନ୍ତବ୍ୟ ଜଗତରୁ ଶୁଣିବାକୁ ମିଳେ । ତମେ ସେଥିରୁ ବାଦ ଯିବ କିପରି ?

ଜିଜ୍ଞାସୁ : ଭ୍ରମ ପୁଣି କ'ଣ ? ବାପ ମା କହନ୍ତି ପୁଅକୁ ବାହା ଦେଇ କୁଳ ରକ୍ଷା କରିବା । ଆଉ ଭାଗବତ କହେ *''ସ୍ତ୍ରୀ ମୋହିନୀ ଦେବୀ ମାୟା । ଘନେ ଯେସନ ବିଦ୍ୟୁତ୍ ଛାୟା''* ॥ *''ସେ ରୂପେ ନ କରିବ ସଙ୍ଗ । ଅନଳେ ଯେସନେ ପତଙ୍ଗ''* ॥ *''ସଂଯୋଗ କଲେ ପ୍ରାଣ ନାଶ । ଏଣୁ ନୋହିବ ତା ବିଶ୍ୱାସ''* ॥ ଏ କଥା କ'ଣ ମିଥ୍ୟା ?

ଠାକୁର : ମୁଁ କ'ଣ କହୁଛି ମିଛ ବୋଲି ? ତମେ ଯାହା କହୁଛ ସବୁ ସତ । ଦୁଇଟି ଯାକ ସତ କଥା । କିନ୍ତୁ ବୋଧରେ ଭ୍ରମହେବାରୁ ସନ୍ଧି ପଡ଼ିଲା ଭଳି ଲାଗୁଛି ।

ଏକ ବ୍ରହ୍ମ ବହୁଷ୍ୟାମ୍ । ଏକକ ଧର୍ମ ଓ ବହୁତର ଧର୍ମ । ଯେପରି ମଣ୍ଡା ପିଠାରେ ପୁର ଦେଖିଲା ବେଳକୁ ପିଠଭିତରେ ପୁର ଅଛି । ଦୁଇଟି ଯାକ ଅଲଗା ଜିନିଷ । ପୁଣି ଏକତ୍ରିତ ହୋଇ ପିଠା । ସ୍ରଷ୍ଟାତ ସୃଷ୍ଟିକୁ ଦୁଇଟି ଭିନ୍ନ ଭିନ୍ନ ତତ୍ତ୍ୱ ରଖି ନିର୍ମାଣ କରିଛନ୍ତି । ପୁଣି ଏକାକାର କରି ଖେଳ କରୁଛନ୍ତି । ପୁରୁଷ ପ୍ରକୃତିର ସଂଯୋଗରେ ଯେଉଁ ପ୍ରାଣ ଶକ୍ତିର ଉତ୍ପନ୍ନ ହୁଏ, ସେହି ପ୍ରାଣ କ୍ଷୁଧିତ ହୋଇ ନାନା ପ୍ରକାର ବିଷୟକୁ ଆକର୍ଷଣ କରେ । ପ୍ରାଣ ଦ୍ୱୈତ; ମିଳିତ ସୃଜନି ଶକ୍ତିରୁ ଉତ୍ପନ୍ନ ହୋଇଥିବାରୁ ପ୍ରତ୍ୟେକ ବିଷୟର ଭୋଗା ଭୋଗରେ ଦ୍ୱିବିଧ ସ୍ୱାଦ ଅନୁଭବ କରେ । ସୃଷ୍ଟିର ପ୍ରତ୍ୟେକ ବିଷୟକୁ ଲକ୍ଷ୍ୟ କଲେ ଜାଣି ପାରିବ । ପ୍ରତ୍ୟେକ ବିଷୟର ସ୍ୱରୂପ ସିନା ଏକ ଗତି ତାର ଦ୍ୱିବିଧ । ଯେଉଳି ଗୋଟିଏ ହାତକୁ ଧରି ଟାଣି ନେଲେ ଅନ୍ୟ ହାତଟି ଆପେ ଟାଣି ହୋଇଯାଏ । ସେହିପରି ଭଲ ଆସିଲେ ମନ୍ଦ ଆସ, ଆଉ ମନ୍ଦ ଆସିଲେ ଭଲ ଆସେ । ଯେଉଁଠାରେ ବଡ଼ ଛୋଟର ବିଚାର ଅଛି, ସେହିଠାରେ ପୁଣି ବଡ଼ଛୋଟର ବିଚାର ନାହିଁ ।

ଜିଜ୍ଞାସୁ : ଏଣୁ ମନୁଷ୍ୟକୁ କ'ଣ ଦ୍ୱିବିଧ ଫଳ ଭୋଗ କରିବାକୁ ପଡ଼ିବ ?

ଠାକୁର : କରିବାକୁ ପଡ଼ିବ କଣ ? କରୁଛ ପରା । ଖାଉଛ ଅମୃତ ବାହାର କରୁଛ କ'ଣ ?

ଜିଜ୍ଞାସୁ : ବଡ଼ ଛୋଟର ବିଚାର କଲେ ସଂଗତି ଚର୍ଯ୍ୟାର କ୍ଷତି କ'ଣ ହୁଏ ?

ଠାକୁର : ଅବମାନନା ଦୋଷ ଲାଗେ ।

ଜିଜ୍ଞାସୁ : ସଂସାର ଆଉ ଆଧାତ୍ମିକତା ଏ ଦୁଇଟିଯାକ ତତ୍ତ୍ୱ ଭିନ୍ନ ଥାଇ ଏକ ହେବ କିପରି ?

ଠାକୁର : ଦୁଇଟି ଭିନ୍ନ ଭିନ୍ନ ତତ୍ତ୍ୱର ପୃଥକୀକରଣ ବିଚାର କରାଯାଇଛି ସତ, କିନ୍ତୁ ଦୁଇଟି ତତ୍ତ୍ୱ ଏକ ହୋଇ ରହିଅଛି । ଆଉ ଏକ ହେବ କିପରି କ'ଣ ?

ଜିଜ୍ଞାସୁ : ଉଦାହରଣ ଦେଇ ବୁଝାନ୍ତୁ ।

ଠାକୁର : କାଦୁଅ ଆଉ ପାଣି ମିଶି କରି ଅଛିନା ।

ଜିଜ୍ଞାସୁ : ହଁ ।

ଠାକୁର : ଗୋଡ଼ରେ ପଙ୍କ ଲାଗିଲେ କେଉଁଥିରେ ଧୁଆ ହୁଏ ?

ଜିଜ୍ଞାସୁ : ପାଣିରେ ।

ଠାକୁର : ଠିକ୍, ସେହିପରି ସଂସାର ଆଉ ଆଧାତ୍ମିକତାରେ ଆତ୍ମଜ୍ଞାନ ମିଶିକରି ଅଛି । ପାଣି ଆଣିବାକୁ ହେଲେ ପୋଖରୀ ଭିତରକୁ ପଶିବାକୁ ହୁଏ । ଆଉ ପୋଖରୀ ଭିତରେ ପଶିଲେ ଗୋଡ଼ ପଙ୍କିଳ ହୁଏ । ପୁଣି ପଙ୍କିଳ ଗୋଡ଼କୁ ପୋଖରୀ ଭିତରୁ ଆଣିଥିବା କୁମ୍ଭ ଜଳରେ ଧୋଇ ଚିକ୍କଣ କରିବାକୁ ହୋଇଥାଏ ନା ନାହିଁ ?

ଜିଜ୍ଞାସୁ : ହଁ, ହୋଇଥାଏ ।

ଠାକୁର : ଆତ୍ମଜ୍ଞାନ ରୂପକ ଜଳ ଆହରଣ କରିବାକୁ ହେଲେ ସଂସର ରୂପକ ପଙ୍କିଳ ପୋଖରୀ ଭିତରକୁ ପଶିବାକୁ ହୁଏ । ଆଉ ସଂସାର ରୂପକ ପଙ୍କ ଲାଗିଲେ, କର୍ମଯୋଗ ନିର୍ମିତ କମ୍ଭର ଆତ୍ମଜ୍ଞାନ ରୂପକ ଜଳ ଦ୍ୱାରା ସଂସାରର ପଙ୍କକୁ ଧୋଇ ପରିଷ୍କାର କରିବାକୁ ହୁଏ ।

ଜିଜ୍ଞାସୁ : ସଂସାର ନ କରି କ'ଣ ଜଣେ ଆତ୍ମଜ୍ଞାନ ପ୍ରାପ୍ତ ହୋଇ ପାରିବ ନାହିଁ ?

ଠାକୁର : ବନ୍ଧନ ନଥିଲେ କ'ଣ କେହି ମୁକ୍ତ ହେବାକୁ ଚେଷ୍ଟା କରେକି ?

ଜିଜ୍ଞାସୁ : ନାଁ.....

ଠାକୁର : ପାଣିରେ ବୁଡ଼ିଯାଇ ମରିଯିବାର ଭୟ ଅଛି ବୋଲି ତ ମଣିଷ ପହଁରା ଶିଖିଥାଏ । ପୁଣି ପହଁରା ଶିଖିବାକୁ ହେଲେ ପାଣିର ଆବଶ୍ୟକତା ଥାଏ । ଆଉ କ'ଣ ପବନରେ ପହଁରା ଶିଖାଯାଇ ପାରିବ ? ବିପଦ ଭିତରକୁ ପଶି ବିପଦ ସହିତ ମୁକାବିଲା କରିବାକୁ ହୁଏ । ସଂଗ୍ରାମ ଭିତରକୁ ପଶିଲେ ଯୁଦ୍ଧର କୌଶଳ ଶିକ୍ଷା କରିବାକୁ ହୋଇଥାଏ ।

ଜିଜ୍ଞାସୁ : ନିହାତି କ'ଣ ସଂସାର କରିବାକୁ ପଡ଼ିବ ?

ଠାକୁର : ତୁମେ ସଂସାରର ଅର୍ଥ କ'ଣ ବୁଝ ?

ଜିଜ୍ଞାସୁ : ସଂସାର କହିଲେ ଆମେ ବାପ, ମା, ସ୍ତ୍ରୀ, ପୁତ୍ର ଧନ, ସଂପତ୍ତିକୁ ହିଁ ବୁଝୁ । ଆଉ କ'ଣ ସଂସାରର ଅର୍ଥ ଅଛି ଆମେ ବୁଝି ନାହୁଁ ।

ଠାକୁର : ଖାଲି ଏତିକି କ'ଣ ସଂସାର ଆଉ କିଛି ନାହିଁ । ଆଉ ତୁମର ଦୈହିକ ପେଟ, ପାଟି, ଆଖି, ନାକ, କାନ, ଗୋଡ଼ ହାତ ଏବଂ ଶରୀରର ଯାବତୀୟ କ୍ଷୁଧା । ଏ ଗୁଡ଼ିକ ସବୁ କ'ଣ ? ଏହିମାନେ ହେଉଛନ୍ତି ସଂସାର । ଯାହାଙ୍କର ଇଚ୍ଛା ଓ କ୍ଷୁଧାଗ୍ନିକୁ ନିର୍ବାପିତ କରିବା ପାଇଁ ତୁମେ କହୁଥିବା ସଂସାରର ଖାଦ୍ୟ ଖାଦକ ଭାବରେ ଦରକାର ପଡ଼ିଥାଏ । ସଂଯୋଗ ସାର, ସଂସାର । ଅର୍ଥାତ୍ ଦୁଇଟି ବିଷୟର ସଂଯୋଗ ହେଲେ ତହିଁରୁ ପ୍ରତିକ୍ରିୟା ସ୍ୱରୂପ ଯେଉଁ ସାରତତ୍ତ୍ୱ ଅନୁଭବ ହୁଏ । ତାହା ହେଉଛି ସଂସାର ।


ଜିଜ୍ଞାସୁ : ଏହାତ ବଡ଼ ଅକଳିଆ କଥା ।

ଠାକୁର : (ହସି ହସି ଠାକୁର କହିଲେ) ପେଟ ପାଟି ପାଇଛ ଦେହ ପାଇଛ । ପେଟତ ନିଶ୍ଚୟ ଖାଇବ । ସେ ଦାନା ଆସିବ କେଉଁଠୁ ? ତୁମେ କ'ଣ ଭାବୁଛ ମଣିଷର ଖାଦ୍ୟ ପଶୁଙ୍କ ଖାଦ୍ୟ ଭଳି । ଯେପରି ଗୋରୁ ପାଇଁ ଘାସ । ମଣିଷର ଜନ୍ମ କର୍ମର ଅଧୀନ । ସେଥିପାଇଁ ତାକୁ ବଳ, ବପୁ ଓ ଚୈତନ୍ୟ ଦିଆଯାଇଛି । ସେ ଲଙ୍ଗଳା ହୋଇ ସିନା ଜନ୍ମ ନିଏ କିନ୍ତୁ ବିବେକ ଚୈତନ୍ୟ ଉଦୟରୁ ଲୁଗା ପିନ୍ଧେ । ଲୁଗା ବୁଣିବା କ'ଣ କର୍ମର ଅଧୀନ ନୁହେଁ କି ? କୌଣସି ମଣିଷ କର୍ମ ନକରି ଫଳଭୋଗ କରିବାକୁ ଚାହିଁଲେ ସେ ମଣିଷରୁ ପଶୁ ହେବ । କାରଣ ପଶୁ ସିଧା ସଳଖ ରନ୍ଧା ଖାଦ୍ୟ ରୂପେ କଞ୍ଚା ଘାସକୁ ଖାଉଛି । ପଶୁ ପକ୍ଷୀ ପାଇଁ ଈଶ୍ୱର ଖାଦ୍ୟ ରାନ୍ଧି ବାଢ଼ି ଥୋଇଛନ୍ତି । କିନ୍ତୁ ମଣିଷର ରନ୍ଧା ଖାଦ୍ୟ କର୍ମର ଅଧୀନ କରି ରଖିଛନ୍ତି । କର୍ମ କରିବାକୁ ହେଲେ ତୁମେ ସଂସାରରେ ସମାଜ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ହୋଇ ରହିବାକୁ ବାଧ । ଯେଉଁକି ପାଣି ଭିତରେ ପଶି ପହଁରା ଶିଖିବାକୁ ହୁଏ ।

ଜିଜ୍ଞାସୁ : ସଂସାରର ଚାପ, ଗୁରୁଙ୍କର ଆଜ୍ଞା, ଆଦେଶ, ବିଚାରଧାରା, ପାଳନ କରିବା ବା କାର୍ଯ୍ୟରେ ପରିଣତ କରିବା ବଡ଼ କଠିନ ବ୍ୟାପାର ।

ଠାକୁର : ଲଙ୍ଗଳା ପିଲାଟାକୁ ପ୍ୟାଣ୍ଟ ପିନ୍ଧାଇଲେ ଯେମିତି ପିଲାଟାକୁ ପ୍ରଥମ ପିନ୍ଧାରେ ପ୍ୟାଣ୍ଟ ଅକଳିଆ ଲାଗେ । କିଛି ଦିନ ପରେ ଠିକ୍ ସାଇଜକୁ ଆସିଯାଏ । ବେଳ ଆସେ ସେ ଆଉ ପ୍ୟାଣ୍ଟକୁ ଆଦୌ ଛାଡ଼ି ପାରେନା । ଆଉ କେହି ଯଦି ତା'ଠାରୁ ପ୍ୟାଣ୍ଟ ଛଡ଼ାଇ ନେବାକୁ ଚେଷ୍ଟା କରେ, ସେଥିପାଇଁ ପିଲାଟି ସଂଗ୍ରାମ କରେ ପ୍ୟାଣ୍ଟକୁ ନ ଛାଡ଼ିବା ପାଇଁ । କଷ୍ଟ କିଛି ନୁହେଁ ବଡ଼ ଛୋଟ ବିଚାରରେ । ବିବର୍ତ୍ତନବାଦରେ ଆଗପଛ ହୋଇ ଜଗତକୁ ବହୁ ହିତ ପ୍ରତିଭାମାନ ଆସିଥାଏ । ଏପରିକି ସବୁ ପ୍ରାଣୀ ଭିତରେ କିଛି ନା କିଛି ଐଶ୍ୱର୍ଯ୍ୟର ପ୍ରତିଭା ଜ୍ୱଳନ୍ତ ହୋଇଥାଏ । ଯଦି ସବୁବେଳେ ବ୍ୟକ୍ତିର ପ୍ରତିଭାକୁ ସମ୍ମାନ ଦେଇ ଶିଖିବା ତା' ହେଲେ ବଡ଼ଛୋଟର ବିଚାର ଧାରା ମଧ ରହିବ ନାହିଁ ।

# ସମ୍ଭବାମି ଯୁଗେ ଯୁଗେ ରଙ୍ଗବେଦୀ



''ବସୁନ୍ଧରା ବାରି ବିମାନ ବାୟୁ ବହ୍ନି ଏମାନ । ପ୍ରଣବ ସ୍ୱରୂପ ଶ୍ରୀବିଷ୍ଣୁ ଦେହେ ପ୍ରକାଶମାନ ॥
ଅବ୍ୟକ୍ତରୁ ଆସି ସ୍ଥୂଳରେ ବ୍ୟକ୍ତ ହେବା ଆଶାରେ । ରହନ୍ତି ଜନନୀ, ଜଠର, ଜରାୟୁର କାରାରେ ॥''

## ଜନନୀ, ଜଠର, ଜରାୟୁ

*ଯୁଗେ ଯୁଗେ ଧରାଧାମରେ ମାନବଲୀଳା ସଂରଚନ ନିମନ୍ତେ ଶ୍ରୀବିଷ୍ଣୁ ପ୍ରଣବରୁ ସୃଷ୍ଟ ପଞ୍ଚଭୂତ: କ୍ଷିତ୍, ଅପ୍, ତେଜ, ମରୁତ୍ ଓ ବ୍ୟୋମର ସମ୍ମିଶ୍ରଣରେ ସୃଷ୍ଟି ସ୍ଥୂଳଦେହରେ ପ୍ରକାଶ ହେବାପାଇଁ ଅବ୍ୟକ୍ତମଣ୍ଡଳରୁ ମହାମହେଶ୍ୱର ଭାବକୁ ଧାରଣକରି ଜନନୀର ଜଠରସ୍ଥ ଜରାୟୁ ରୂପକ ପବିତ୍ର ପୁଷ୍କରିଣୀରେ ରହନ୍ତି । ଏହା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯେପରି ସତ୍ୟ, ବୈଜ୍ଞାନିକ ମତରେ ମଧ ସେହିପରି ପ୍ରାମାଣିକ ତଥ୍ୟ । ଠାକୁରେ ମାତୃଗର୍ଭରେ ଅବସ୍ଥାନ କାଳର ସକଳ ଅନୁଭୂତି ସୁସ୍ପୃରଣରେ ରଖି ଏହି ଶେଷ କଳିର ଅନ୍ତିମ ପର୍ଯ୍ୟାୟରେ ଜଗତ୍‌କଲ୍ୟାଣ ଓ ଜୀବ ଉଦ୍ଧାର ନିମିତ୍ତ ତାହା ଏ ସମୟରେ ନିୟମିତ ଭାବରେ ''ଚରମ''ରେ ପ୍ରଦ୍ରସ୍ତ କରିବାର ଆଶୀର୍ବାଦ ଦେଇ ଆମମାନଙ୍କୁ ଧନ୍ୟ କରିଅଛନ୍ତି । ''ଚରମ''ର ଜନ୍ମକାଳଠାରୁ ଅଦ୍ୟାବଧି ତାହା ପର୍ଯ୍ୟାୟକ୍ରମେ ପ୍ରକାଶ ପାଇ ଆସୁଅଛି । ପ୍ରେମମୟ ଭକ୍ତବତ୍ସଳ ଭଗବାନ ଠାକୁରଙ୍କର କରୁଣାକଣା ଲାଭକରି ପ୍ରତ୍ୟେକ ପାଠକ/ପାଠିକା ଧନ୍ୟ ହୁଅନ୍ତୁ, ଏତିକି କାମନା ।......*

ଚରମ: ପଞ୍ଚମପୁଷ୍ପ: ଚତୁର୍ବିଂଶ ସଂଖ୍ୟା ଅନୁଶ୍ରୁତିରୁ........

### (୪୦) ରଜ୍ଜୁଗୁର୍ଜ୍ଜରୀ କୋଷ :

### (୧୧) ଭିନ୍ନମତ ପୋଷଣ କ୍ରିୟା, କର୍ମ :-

**ଜୀ**ବନପ୍ରବାହର ପ୍ରତ୍ୟେକ ସ୍ତରରେ ମନୁଷ୍ୟକୁ ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତିସୂତ୍ର ମଧ୍ୟରେ କାର୍ଯ୍ୟ କରିବାକୁ ପଡ଼ିଥାଏ । ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହାର ଆବଶ୍ୟକତା ଓ ପରବର୍ତ୍ତୀ ଫଳାଫଳକୁ ବିଚାରକୁ ନେବା ଏକାନ୍ତ ପ୍ରୟୋଜନ ହୋଇଥାଏ । ସମୟେ ସମୟେ ନିଜର ନିଷ୍ପତ୍ତି ଉପରେ ପୂର୍ଣ୍ଣଆସ୍ଥା ପ୍ରକଟ କରିବାର ଅକ୍ଷମତା ଯୋଗୁଁ ଅନ୍ୟର ମତ ଗ୍ରହଣ କରିବାପାଇଁ ଚେଷ୍ଟିତ ହୋଇଥାଏ । ନିଜର ସମସ୍ୟା ବ୍ୟତୀତ ଅନ୍ୟର ସମସ୍ୟାପ୍ରତି ମଧ ସଚେତନ ରହି ନିଜର ମତାମତ ଦେବାକୁ ପଶ୍ଚାତ୍‌ପଦ ହୁଏନାହିଁ । ଏ ସମସ୍ତ କ୍ରିୟା, କର୍ମର ସୂତ୍ରଧର ରଜ୍ଜୁଗୁର୍ଜ୍ଜରୀ କୋଷ । ମନୁଷ୍ୟକୁ ସୁପଥରେ ପରିଚାଳିତ କରାଇ ଏକ ନିର୍ଣ୍ଣୟାତ୍ମକ ସ୍ଥିତିରେ ପହଞ୍ଚାଇବା ପର୍ଯ୍ୟନ୍ତ କୋଷଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅନ୍ୟର କୌଣସି ସମସ୍ୟା କିମ୍ବା ଘଟଣାବଳୀ ଉପରେ ଗୁରୁତ୍ୱ ନ ଦେଇ ସର୍ବଦା ନିଜର କର୍ମ ପ୍ରତି ସଚେତନ ରହେ । ଅନ୍ୟକୁ ପରାମର୍ଶ ଦେବାକୁ ବା ଅନ୍ୟର ପରାମର୍ଶ ନେବାକୁ ଭଲ ପାଏ ନାହିଁ । କିନ୍ତୁ ଶାରୀରିକ କ୍ରିୟାପ୍ରଭାବରେ ଯେତେବେଳେ କୋଷଟି ନାଦଗର୍ଦ୍ଧଣ କୋଷ ଓ ଭୌମୀନାଦ ସହ ଏକତ୍ର ହୋଇଯାଏ, ସେତେବେଳେ ଏହାର ମୌଳିକ ଗୁଣ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତନ ହୋଇଯାଏ ।

ପୂର୍ବରୁ ଆଲୋଚନା କରାଯାଇଅଛି ଯେ, ନାଦଗର୍ଦ୍ଧଣକୋଷ ଜୀବର ଶରୀର ମଧ୍ୟରେ ଏକ ନିଖୁଣ ଚିତ୍ରକରର ଭୂମିକା ଗ୍ରହଣ କରିଥାଏ । ଜୀବର ସମସ୍ତ ଭାବନା, କ୍ରିୟା ଓ କର୍ମକୁ ଅତି ନିବିଡ଼ ଭାବରେ ସ୍ମରଣରେ ରଖିଥାଏ ଓ ଆବଶ୍ୟକତା ଅନୁଯାୟୀ ସେ ସମସ୍ତ ସ୍ମୃତିକୁ ଜାଗ୍ରତ କରାଇ ଜୀବର କାର୍ଯ୍ୟଧାରା, ଭାବପ୍ରବଣତାକୁ ନିୟନ୍ତ୍ରଣ କରିଥାଏ । ଏହି ଚିତ୍ରକର ସହ ଯେତେବେଳେ ରଜ୍ଜୁଗୁର୍ଜ୍ଜରୀ ମିଳିତ ହୁଏ, ସେତେବେଳେ ନିଜର ଅବସ୍ଥା, ସ୍ଥିତିକୁ ଭୁଲିଯାଇ ନାଦଗର୍ଦ୍ଧଣ କୋଷର ଗୁଣ ଦ୍ୱାରା ସଂପୂର୍ଣ୍ଣ ପ୍ରଭାବିତ ହୋଇଯାଏ । ଫଳରେ ମିଳନ ଅବସ୍ଥା ପୂର୍ବରୁ ଗ୍ରହଣ କରିଥିବା ନିଷ୍ପତ୍ତି/ବିଚାରଧାରା ପରିବର୍ତ୍ତନ ହୋଇଯାଏ । ଯେଉଁ କର୍ମ ପାଇଁ ବିଚାରର ପ୍ରୟୋଜନତା ଅଛି, ସେ କର୍ମଟିର ପୂର୍ବାଭାସ ସମ୍ପର୍କରେ ନାଦଗର୍ଦ୍ଧଣ ସୂଚନା ଦେଇଦିଏ ଓ ସେହି ଅନୁସାରେ ଅଗ୍ରସର ହେବାର ପ୍ରେରଣା ଦିଏ ସୁତରାଂ ରଜ୍ଜୁଗୁର୍ଜ୍ଜରୀ ପ୍ରଭାବରେ ଉତ୍ପନ୍ନ ହୋଇଥିବା ମତାମତର ଗୁରୁତ୍ୱ ହ୍ରାସ ପାଏ ।

କୋଷଟି ଯଦି ନାଦଗର୍ଦ୍ଧଣ ଓ ଭୌମୀନାଦ ସହ ସଂଯୋଗ ହୋଇଯାଏ, ତେବେ ପରିସ୍ଥିତି ଭିନ୍ନ ଆକାର ଧାରଣ କରିଯାଏ । କାରଣ ଠିକ୍ ନାଦଗର୍ଦ୍ଧଣ ପରି ଭୌମୀ ମଧ୍ୟ ନିଜର ମୌଳିକତା ଗ୍ରହଣ କରିବାକୁ ବାଧ୍ୟ କରେ । ସେତେବେଳେ ଜୀବ ଅସହାୟ ହୋଇପଡ଼େ ଏବଂ କୌଣସି ନିଷ୍ପତ୍ତି ନେଇପାରେ ନାହିଁ । କେବଳ ନିଜକ୍ଷେତ୍ରରେ ନୁହେଁ, ଅନ୍ୟମାନଙ୍କ ଉପରେ ମଧ୍ୟ ଏହାର ପ୍ରତିଫଳନ କାର୍ଯ୍ୟ କରେ । ଉଦାହରଣସ୍ୱରୂପ ଜଣେ ବ୍ୟକ୍ତି ତାହାର କୌଣସି ଏକ କର୍ମ ପାଇଁ ଉପଦେଶ ବା ମତାମତ ଲୋଡ଼ିବା ସମୟରେ ଯଦି ଉତ୍ତରଦାତାଙ୍କ ଶରୀରରେ ଉପର ଆଲୋଚିତ କୋଷତ୍ରୟ ଏକତ୍ରିତ ହୋଇଯାଇଥାନ୍ତି, ତେବେ ବ୍ୟକ୍ତିଜଣକ ନିଶ୍ଚୟ ପ୍ରଶ୍ନକର୍ତ୍ତାଙ୍କର ମନରେ ଥିବା ମତାମତଠାରୁ ପୃଥକ୍ ମତ ପୋଷଣ କରିବ । କାରଣ ସେତେବେଳେ ସେ ବାସ୍ତବତାର ଅନେକ ଦୂରରେ ଥାଏ । କୋଷତ୍ରୟ ତାକୁ ଏପରି ଏକ ତ୍ରିଶଙ୍କୁ ଅବସ୍ଥାରେ ପହଞ୍ଚାଇ ଦେଇଥାଆନ୍ତି ଯେ, ସେ କାହାରି କଥା ଗ୍ରହଣ କରିବା ପର୍ଯ୍ୟାୟରେ ନ ଥାଏ । ତା ମନରେ ଏକ ଧାରଣା ସୃଷ୍ଟି ହୋଇଯାଇଥାଏ, ଯେ ତାକୁ ଯିଏ ଯାହା କହୁଛି, ପଚାରୁଛି ସବୁ ଭୁଲ । ଅନ୍ୟବ୍ୟକ୍ତି ତା ନିଜ ପାଇଁ ଯେଉଁ ନିଷ୍ପତ୍ତି ନେଉଛି ତା ମଧ୍ୟ ଭୁଲ୍ । କିନ୍ତୁ ବାସ୍ତବରେ ପରିସ୍ଥିତି ଭିନ୍ନଥାଏ । ଆହୁରି ସରଳ ଭାବରେ କହିବାକୁ ଗଲେ, କୋଷତ୍ରୟ ଏକତ୍ରୀକରଣରେ ଜୀବ ଭୀଷଣଭାବରେ ଅହଂକାରୀ, ସ୍ୱେଚ୍ଛାଚାରୀ ହୋଇ ପରଶ୍ରୀକାତରତା ଗୁଣକୁ ଗ୍ରହଣ କରି ନେଇଥାଏ । ତେଣୁ ସମୟେ ସମୟେ ଘଟଣାର ବାସ୍ତବତା ଉପଲବ୍ଧି କରିପାରୁଥିଲେ ମଧ୍ୟ କେବଳ ନିଜର ବ୍ୟକ୍ତିତ୍ୱ, ସ୍ୱାଭିମାନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସେ ନିର୍ବିକାର ଭାବରେ ଭିନ୍ନମତ ପୋଷଣ କରିଥାଏ । କେବଳ ସେତିକିରେ ସନ୍ତୁଷ୍ଟ ରହେ ନାହିଁ । ସେ ନିଜେ ଯେଉଁ ମତ ପୋଷଣ କରେ ତାହାର ସତ୍ୟତା ପ୍ରମାଣ କରାଇବା ପାଇଁ ଯେ କୌଣସି ପଥ ଗ୍ରହଣ କରିବାକୁ ଆଦୌ କୁଣ୍ଠିତ ହୁଏନାହିଁ । ଅବଶ୍ୟ କୋଷତ୍ରୟର ପୃଥକୀକରଣ ପରେ ସେ ଅନୁତପ୍ତ ହୁଏ । କିନ୍ତୁ ଯେଉଁ ଅବସ୍ଥାରେ ଉପନୀତ ହୋଇଥାଏ, ନିଜର ସମ୍ମାନ ଦୃଷ୍ଟିରୁ ଆଉ ସେଥିରୁ ନିବୃତ୍ତ ହେବାକୁ ଇଚ୍ଛା କରେ ନାହିଁ । ସଂପୂର୍ଣ୍ଣଭାବେ ବିଫଳ ନ ହେବା ପର୍ଯ୍ୟନ୍ତ ଉଦ୍ଭବ ହୋଇଥିବା ପରିସ୍ଥିତିରୁ ନିଜକୁ ଫେରାଇ ପାରେ ନାହିଁ । ତେଣୁ ବାସ୍ତବରେ, ଏହି କୋଷତ୍ରୟର ମିଳନ ଜୀବପାଇଁ ଏକ ଭୟଙ୍କର ପରିବେଶ ସୃଷ୍ଟି କରିଦିଅନ୍ତି । ସର୍ବଦା ଭିନ୍ନମତ ପୋଷଣ କରୁଥିବାରୁ ଜୀବଟି କ୍ରମଶଃ ସମାଜରେ, ପରିବାରରେ ଘୃଣା, ସମାଲୋଚନା ଓ ଅବଜ୍ଞାର ଶିକାର ହେବାକୁ ବାଧ୍ୟ ହୁଏ । ଏହି ପତନ ଅବସ୍ଥାକୁ ସହଜରେ ଗ୍ରହଣ କରି ନ ପାରି ଜୀବ ଆହୁରି ଜିଦ୍‌ଖୋର ଓ ଅଧୋଗାମୀ ହୋଇଯାଏ ।

## (୧୨) ଅଭିନୟ ସୂତ୍ର, ଗୀତ, ସଂଗୀତ କର୍ମ, କ୍ରିୟା :-

ବିଭିନ୍ନକ୍ଷେତ୍ରରେ ଅଭିନୟ କରିବା, ସଂଗୀତ ପ୍ରେମୀ ହେବା, ଗୀତିକାର ହେବା ଓ ନିଜେ ସୁଗାୟକ ହେବାର କୌଶଳ, ପ୍ରଣାଳୀ ଓ ପ୍ରେରଣା ଏହି ରଜ୍ଜୁଗୁର୍ଜ୍ଜରୀ କୋଷହିଁ ସୃଷ୍ଟି କରିଥାଏ ।

ସ୍ରଷ୍ଟା ଗାନ୍ଧାରବିଦ୍ୟାର ସମସ୍ତ ଗୁଣସୂତ୍ର ଉକ୍ତ କୋଷ ମାଧ୍ୟମରେ ପ୍ରେରିତ କରାଇଥାନ୍ତି । ଏହି ବିଦ୍ୟାପ୍ରତି ଶ୍ରଦ୍ଧା, ଅନୁରକ୍ତି ଥିବା ବ୍ୟକ୍ତିମାନଙ୍କର ଜୀବନଚର୍ଯ୍ୟାରେ ପ୍ରଧାନତଃ ତିନୋଟି ପର୍ଯ୍ୟାୟ ଦେଖିବାକୁ ମିଳିଥାଏ । ଯଥା: ସ୍ୱୟଂ ପ୍ରଜ୍ଞାପ୍ରାପ୍ତ କୁଶଳୀ କଳାକାର ୨. କର୍ମଯୋଗ ମାଧ୍ୟମରେ ଗୁରୁଗ୍ରହଣ ପୂର୍ବକ ସିଦ୍ଧିପ୍ରାପ୍ତି ୩. ଅଭ୍ୟାସ ସତ୍ତ୍ୱେ ପାରଦର୍ଶୀ ହୋଇ ନ ପାରିବା । ଏଗୁଡ଼ିକର କାରଣ ପୃଥକ୍‌ଭାବେ ନିମ୍ନରେ ଆଲୋଚନା କରାଯାଇଛି ।

**୧. ସ୍ୱୟଂ ପ୍ରଜ୍ଞାପ୍ରାପ୍ତ :**

ଅନେକ ସମୟରେ ଲକ୍ଷ୍ୟ କରାଯାଏ ଯେ, ଜଣେ ବ୍ୟକ୍ତି ତା'ର ପିଲାଦିନୁ ଗାନ୍ଧାରବିଦ୍ୟାର ବିଭିନ୍ନ ଅଙ୍ଗ ଯଥା: ଅଭିନୟ, ବାଦ୍ୟ, ସଂଗୀତ, ନୃତ୍ୟ ଗାୟନ ଇତ୍ୟାଦି ମଧ୍ୟରୁ ଯେ କୌଣସି ଗୋଟିଏ ବା ତଦୂର୍ଦ୍ଧ୍ୱରେ ମନକୁ ମନ ଅଭ୍ୟାସ କରୁଥାଏ । ଧୀରେ ଧୀରେ ସେହି ସ୍ୱତଃ ପ୍ରାପତ ନିଷ୍ଠାର ଅଭ୍ୟାସ ଦ୍ୱାରା ଦିନେ ସେ ତା'ର ଲକ୍ଷ୍ୟସ୍ଥଳରେ ଖୁବ୍ ସହଜରେ ପହଞ୍ଚିଯାଏ । ଏହାର କାରଣ, ଆଲୋଚିତ ବିଦ୍ୟାରେ ତା'ର ପ୍ରାରବ୍ଧର ଅଭ୍ୟାସ ଓ ସିଦ୍ଧି ପ୍ରାପ୍ତ ହୋଇଥାଏ ଏବଂ ସେହି ସିଦ୍ଧିକୁ ରଜୁଗୁର୍ଜରୀ କୋଷ ସାଇତି ରଖେ । ଉପଯୁକ୍ତ ସମୟ ଉପସ୍ଥିତ ହେବାରୁ କୋଷଟି ଜୀବକୁ ''ଅଜ୍ଞାତସାର ଅଭ୍ୟାସ କର୍ମ'' ଧାରାରେ ମଣ୍ଡିତ କରାଇ କ୍ରମଶଃ ''ଜ୍ଞାତ ଅଭ୍ୟାସକର୍ମ''ରେ ପହଞ୍ଚାଇ ଦିଏ । ଜ୍ଞାତ ଅଭ୍ୟାସ କର୍ମଯୋଗରେ ଶ୍ରଦ୍ଧା, ନିଷ୍ଠା ଯୁକ୍ତ ହେବାମାତ୍ରେ କୋଷଟି ଆଭିଣୀ ଓ ନାଦଗର୍ଦ୍ଧଣ ସମ୍ପର୍କରେ ଆସିଯାଏ । କୋଷତ୍ରୟର ମିଳନରେ ବ୍ୟକ୍ତିଟି ଉପଯୁକ୍ତ ପରିବେଶ, ସାହାଯ୍ୟ ପ୍ରାପ୍ତ ହୋଇ ତା'ର ଇପ୍ସିତ ଲକ୍ଷ୍ୟସ୍ଥଳରେ ଉପନୀତ ହୁଏ ।

**୨. କର୍ମଯୋଗ :**

ରଜୁଗୁର୍ଜରୀ କୋଷ ଗାନ୍ଧାରତତ୍ତ୍ୱକୁ ଧାରଣ କରି ଜୀବର ଶରୀର ମଧ୍ୟରେ ଥାଏ । ତେଣୁ ଜୀବର ମନରେ ଗାନ୍ଧାର ବିଦ୍ୟାପ୍ରତି ସ୍ୱତଃ ଆଗ୍ରହ ସୃଷ୍ଟି ହୋଇଥାଏ । ମାତ୍ର ସେହି ଆଗ୍ରହ ହେବା ମାତ୍ରେ ଯଦି ବ୍ୟକ୍ତି ତା ପ୍ରତି ଆସକ୍ତ ହୋଇ ଅଭ୍ୟାସ ନ କରେ ବା ସୂତ୍ର ହାସଲ କରିବାପାଇଁ ଯତ୍ନ ନ କରେ, ତେବେ କୋଷର ପ୍ରଭାବରେ ଉତ୍ପନ୍ନ ହୋଇଥିବା ଆଗ୍ରହ ଆପେ ମଉଳିଯାଏ । ଯେଉଁବ୍ୟକ୍ତି ଏହି ଅବସ୍ଥାର ସୁଯୋଗ ନେଇ ଅଭ୍ୟାସ କର୍ମରେ ଲିପ୍ତ ରହେ ଓ ସିଦ୍ଧିପ୍ରାପ୍ତ ହେବା ପୂର୍ବରୁ ଦେହତ୍ୟାଗ କରିଥାଏ, ସେ ବ୍ୟକ୍ତି ପରଜନ୍ମର ପ୍ରାରମ୍ଭରୁ ରଜୁଗୁର୍ଜରୀ ଓ ନାଦଗର୍ଦ୍ଧଣ କୋଷର ପ୍ରଭାବରେ ବିଦ୍ୟାଟି ପ୍ରତି ଆକୃଷ୍ଟ ହୋଇପଡ଼େ ତଦନୁସାରେ ସୂତ୍ର ହାସଲ କରି ଅଗ୍ରସର ହେବାର ଲକ୍ଷ୍ୟ ନେଇ ଉପଯୁକ୍ତ ଗୁରୁଗ୍ରହଣ କରି ସାଧନକ୍ରିୟାରେ ଲାଗିଯାଏ । ଏହି ଅବସ୍ଥାରେ ଯଦି ତା'ର ଶରୀରସ୍ଥ ରଜୁଗୁର୍ଜରୀ, ଆଭିଣୀ ଓ ନାଦଗର୍ଦ୍ଧଣ ସହ ଏକତ୍ରିତ ହୋଇଯାଏ ତେବେ ବ୍ୟକ୍ତି ସାଧନର ଚରମ ସ୍ଥାନରେ ପହଞ୍ଚି ଏକ ବିଖ୍ୟାତ କଳାକାରର ମର୍ଯ୍ୟାଦା ପ୍ରାପ୍ତ ହୁଏ । ଉକ୍ତ ଶୀର୍ଷସ୍ଥାନରେ ପହଞ୍ଚିବା ପରେ ଯଦି ବ୍ୟକ୍ତିର ମୃତ୍ୟୁ ଘଟେ ତେବେ ପରବର୍ତ୍ତୀ ଜୀବନରେ ତା'ର ପୂର୍ବଜନ୍ମର ସମସ୍ତ ପ୍ରାପ୍ତି ଧୀରେ ଧୀରେ ସ୍ମରଣ ଆସେ ଓ ସେ ପର୍ଯ୍ୟାୟକ୍ରମରେ ବିଶ୍ୱ ବିଖ୍ୟାତ ସମ୍ମାନର ଅଧିକାର ପ୍ରାପ୍ତହୁଏ ।

**୩. ଅଭ୍ୟାସ ସତ୍ତ୍ୱେ ବିଫଳତା :**

କେତେକ କ୍ଷେତ୍ରରେ ଦେଖାଯାଏ, ସକଳ ଚେଷ୍ଟା ସତ୍ତ୍ୱେ ଜଣେ ବ୍ୟକ୍ତି ତା'ର ଇପ୍ସିତ ସ୍ଥାନରେ ପହଞ୍ଚିପାରେ ନାହିଁ । ସାଧନର ସମାପ୍ତି କରିପାରେ ନାହିଁ । ବିଶେଷ ଭାବରେ ଅଗ୍ରସର ହୋଇପାରେ ନାହିଁ । ଏହାର କାରଣ, ବ୍ୟକ୍ତି ଜଣକ ପ୍ରଥମଥର ପାଇଁ ରଜୁଗୁର୍ଜରୀର ପ୍ରେରଣା ଗ୍ରହଣ କରିଛି । ପୂର୍ବରୁ କୌଣସି ସଂଚିତ ଅଭ୍ୟାସ ନାହିଁ । ସାଧନର ପ୍ରାରମ୍ଭିକ ଅବସ୍ଥା । ତେଣୁ ତା'ର ରଜୁଗୁର୍ଜରୀ ବା ନାଦଗର୍ଦ୍ଧଣ କେହି ଇଚ୍ଛାମତେ ସାହାଯ୍ୟ କରିପାରନ୍ତି ନାହିଁ । ଫଳରେ ବ୍ୟକ୍ତି ତା ଦ୍ୱାରା ବିଦ୍ୟାଟି ସମ୍ଭବ ନୁହେଁ ଭାବି ହତାଶ ହୋଇପଡ଼େ ଏବଂ ଅଧାରୁ ଛାଡ଼ିଦିଏ । ଏହିପରି ଜନ୍ମ ପରେ ଜନ୍ମ ଚାଲିଯାଏ । କିନ୍ତୁ ଯେଉଁବ୍ୟକ୍ତି ଅସଫଳତା ସତ୍ତ୍ୱେ ଅଭ୍ୟାସକୁ ଶ୍ରଦ୍ଧାର ସହ ନିୟମିତ କାର୍ଯ୍ୟକାରୀ କରି ଚାଲିଥାଏ, ତା'ର ଜୀବନରେ ସେହି ଜନ୍ମରେ ନ ହେଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ସାର୍ଥକତା ନିଶ୍ଚୟ ଆସିବ, ଏଥିରେ ସନ୍ଦେହ ନାହିଁ । କାରଣ ସେହି ଜନ୍ମର ସମସ୍ତ ଅଭ୍ୟାସସୂତ୍ର ରଜୁଗୁର୍ଜରୀ ଓ ନାଦଗର୍ଦ୍ଧଣ ସାଇତି ରଖନ୍ତି । ତେଣୁ ଅଭ୍ୟାସର ବିଫଳତା କେବଳ ହତାଶାର ପ୍ରତିଫଳନ । ବାସ୍ତବରେ ବିଫଳତା ହିଁ ସଫଳତାର ପ୍ରଥମପାବଚ୍ଛ ।

# କେଶବ କୈବଲ୍ୟ କଣିକା

କେବଳ ତାଙ୍କରି ଚିନ୍ତା ଓ ଚେତନାରେ ତନ୍ମୟ ଓ ତଲ୍ଲୀନ ହୋଇ ରହିବାର ଅବସ୍ଥାହିଁ କୈବଲ୍ୟ । ଠାକୁରଙ୍କୁ ଧରି ସେହି କେବଳତା/କୈବଲ୍ୟ ଲାଭ ସକଳ ସାଧନା ମଧ୍ୟରେ ଅନ୍ୟତମ/ଶ୍ରେଷ୍ଠତମ । କର୍ମଯୋଗର ଲକ୍ଷ୍ୟହିଁ କୈବଲ୍ୟଲାଭ । ସଂସାରୀ/ବିଷୟୀ ମାନଙ୍କ ନିମନ୍ତେ ଏହି କର୍ମଯୋଗ ହିଁ ଶ୍ରେଷ୍ଠତମ ପଥ । କୈବଲ୍ୟରେ ଉପନୀତ ହେବା ପାଇଁ ଠାକୁରଙ୍କ ଶ୍ରୀମୁଖନିଃସୃତ କଣିକାର ମଧୁ ଆସ୍ୱାଦନ ହିଁ ଶ୍ରେଷ୍ଠତମ ଉପାୟ । ଅଗଣିତ ଅନୁଗତ ଭକ୍ତ ଶିଷ୍ୟ ଦାସମାନଙ୍କର ସ୍ଥୂଳସାକାର ଜୀବନରେ କୈବଲ୍ୟଲାଭର ପଥ ନିର୍ଦ୍ଦେଶ କରେ କୈବଲ୍ୟ କଣିକା । ବିଶ୍ୱାସ, ନିଷ୍ଠା, ଆନ୍ତରିକତାର ସହିତ ଏହି କୈବଲ୍ୟ କଣିକା ପାନ କରି କୈବଲ୍ୟ ସୋପାନରେ ଉପନୀତ ହୋଇପାରିଲେ ସିନା ଜୀବନକାଳ ମଧ୍ୟରେ ସୁମଧୁର ଅନୁଭୂତି ଲାଭ କରି କୈବଲ୍ୟବଳରୁ ଜୀବନ୍ମୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ଧନ୍ୟ ହେବ । ତା'ନକରି ବୃଥା କନକ ଓ କ୍ଷମତା, ପଦ ଓ ପଦବୀ ପାଇଁ ମାତିଗଲେ; ଅବଶେଷରେ ପ୍ରକୃତରେ ପାଇବ କ'ଣ ? ତେଣୁ ତୁମମାନଙ୍କ ପାଇଁ ଆମର ନିୟମିତ ଭେଟି -

୧- ସନ୍ଦେହ ରହିବ, ସଂସ୍ଥା ବାହାରେ ଯେ ସନ୍ଦେହ ରହିବ ତାହା ନୁହେଁ, ସଂସ୍ଥା ଭିତରେ ମଧ ସନ୍ଦେହ ରହେ,ରହିବ । ବିଷୟ କ୍ଷେତ୍ରଠାରୁ ଆଧ୍ୟାତ୍ମିକକ୍ଷେତ୍ରରେ ସନ୍ଦେହ ଅଧିକ ମାତ୍ରାରେ ରହିବ । ତମେମାନେ କିଛି ନା କିଛି କର୍ମ କରୁଛ, ଯଦି ସଙ୍ଗେ ସଙ୍ଗେ ତାହାର କିଛି ଫଳ ମିଳିଯାଆନ୍ତା, ତେବେ ଏହି ପଥରେ ଅଗ୍ରସର ହେବାପାଇଁ ଆଗ୍ରହ ସୃଷ୍ଟି ହୁଅନ୍ତା । କିଛିଦିନ କର୍ମକରି ତତ୍‌କ୍ଷଣାତ୍ ଫଳପ୍ରାପ୍ତି ନ ହେବାରୁ ବିକାର ସୃଷ୍ଟି ହେଉଛି, ସନ୍ଦେହ ମଧ ଆସୁଛି । କିନ୍ତୁ ମନେରଖ - ସନ୍ଦେହହିଁ ସଂସ୍କାରର ଦ୍ୱାର ଖୋଲିଦିଏ ।

୨- ''ଏ ଦେହ ଥିଲେ ସର୍ବପାଇ'' କର୍ମକଲେ ଏ ଜନ୍ମରେ ଏଠାକୁ ଆସୁଥିବା ଫଳ ଅବଶ୍ୟ ପାଇବ । ତାହା ନ କଲେ, ପରଜନ୍ମରେ ପୁଣି କର୍ମ କରିବାକୁ ପଡିବ ।

୩- ଧାରାର ଭାବ ଯେଉଁମାନେ ନ ବୁଝି ନ ଶୁଝି ଦେଖାଶିଖାରେ ନେଇଯାଉଛନ୍ତି, ସେମାନେ କିଛିଦିନ କରି ଛାଡିଦେଉଛନ୍ତି । କାହାକୁ କାହାକୁ ପଇଁତିରିଶ/ଚାଳିଶ ବର୍ଷ କିମ୍ବା ତହିଁରୁ ଯଥେଷ୍ଟ ଅଧିକ ବୟସ । ଦୀର୍ଘଦିନର ଗୃହୀତଫଳ କଣ ସେମାନଙ୍କର ଗୋଟିଏ ଯୋଡିଏ ବର୍ଷର କର୍ମଧାରା ମଧ୍ୟରେ ବିଲୋପ ହୋଇ ଫଳ ଦେଖାଇବ ? କିଛି ଦିନ ଧାରାଧରି କର୍ମଯୋଗ କରି କିଛିଫଳ ନ ଦେଖାଇବାରୁ ଧର୍ମଧାରା ଛାଡିଦେଉଛନ୍ତି । ଆହୁରି ଅନେକେ ମଧ ଛାଡିଦେବେ ।

୪- ଜଣେସାଧୁ ସମସ୍ତଙ୍କୁ ଜୀବଭାବରେ ଗ୍ରହଣ କରନ୍ତି । କିନ୍ତୁ ଜଣେ ସଂସାରୀ ସମସ୍ତଙ୍କୁ ଜୀବ ଭାବରେ ଗ୍ରହଣ କରିପାରେନା । କାରଣ, ତାହାର ବନ୍ଧନ ରହିଛି । ସଂସାରୀ ଜୀବ ଭାବରେ ତାହାର ପରିବାରର ସେବାକରେ । ତହିଁରେ ତାହାର ସ୍ୱାର୍ଥ ଥାଏ । ଯେଉଁଠି ସ୍ୱାର୍ଥ ଥାଇ ସେବା କରାଯାଏ, ତାହା ସ୍ୱାର୍ଥସେବା । ନିଃସ୍ୱାର୍ଥ ସେବାହିଁ ବାସ୍ତବସେବା ।

୫- ଦୀର୍ଘଦିନ ହେଲାଣି କର୍ମଧାରା ଦିଆଗଲା । ସମସ୍ତଙ୍କ ଭିତରେ କଣ ଗୋପିକାଭାବ ସୃଷ୍ଟି ହେଲାଣି ? ସାଧାରଣ କିଛି ସମସ୍ୟା ଘଟିଗଲେ ତାହା ବୃହତ୍ତର ହୋଇଯାଉଛି; ଏପରିକି ତାହା ଆମ ପର୍ଯ୍ୟନ୍ତ ନେଇ ଆସୁଛନ୍ତି । ତେଣୁ, ତୁମେମାନେ ଏତେ ଶୀଘ୍ର ଗୋପିକାଭାବ ଭିତରକୁ ଆସିବ ବା କିପରି ?

୬- ଗୁରୁକୁଳର ନିୟମ : ତମ ସିଦ୍ଧାନ୍ତ ତମେ ନେଇପାରିବ ନାହିଁ । ଗୁରୁହିଁ କେବଳ ସିଦ୍ଧାନ୍ତ ଦେବେ । ଗୁରୁଙ୍କ ସିଦ୍ଧାନ୍ତହିଁ ସ୍ଥିର ।

୭- ସଂସାର ଏକ ନରକଧନ୍ଦା, ଏ ଧନ୍ଦାରେ ମାତି ଜୀବ କିପରି ସହଜରେ ଧର୍ମଧାରା ଭିତରେ ପ୍ରବେଶ କରିବ ବା ପ୍ରଭୁଙ୍କ ନାମ ଧରୁ ଧରୁ କିପରି ବା ତା ଭିତରେ ସଂସ୍କାର ପ୍ରବେଶ କରିବ ?

୮- ଧର୍ମଗୁରୁ, ସାଧୁସନ୍ଥ ବା ଯୋଗୀମାନେ ପର୍ଯ୍ୟାୟ ଭୋଗ ନ ଦର୍ଶାଇ ଫଳକୁ ଦର୍ଶାଇ ଯାଇଛନ୍ତି । ପର୍ଯ୍ୟାୟଭୋଗ ଦର୍ଶାଇଥିଲେ, ଏହି ଧର୍ମଧାରା ମାର୍ଗରେ ବିଷୟୀ ଜୀବ ଆସିବା ପାଇଁ ସାହସ କରି ପାରିନଥାନ୍ତା । ଏଥି ପାଇଁ ସାଧୁସନ୍ଥ ଓ ଧର୍ମଗୁରୁମାନେ ଚତୁରତାର ସହିତ ସଂସାରୀଜୀବକୁ ଏ ପଥରେ ଆକର୍ଷଣ କରିବା ପାଇଁ ନାନାପ୍ରକାର ଲୋଭନୀୟ ସ୍ୱାଦୁଯୁକ୍ତ ଗୃହୀତ ଫଳ ଦର୍ଶାଇ ଯାଇଛନ୍ତି ।

୯- କଷଟୀର ପଥ : ଏଠି ସବୁ କଷା କଷି ହୋଇ ଆସେ । କୃପା ଫଳ ଆସେ କର୍ମଯୋଗରୁ, ଅଭ୍ୟାସ କର୍ମଦେଇ । ତୃଷ୍ଣାରୁ ଆସେ ଭାବ । କୃପାର ଫଳ ଯୋଗାଏ ବୁଦ୍ଧି, ବିବେକ ।

୧୦- ଦାନଦେଲେ ସ୍ରଷ୍ଟା ଗ୍ରହଣ କରନ୍ତି । ଦାନ ଦେବାବେଳେ ତୁମର ଶ୍ରଦ୍ଧା ଓ ଭକ୍ତି ଯୋଗୁଁ ସେ ତାହା ଗ୍ରହଣ କରିଥାଆନ୍ତି । ଦାନ ଦେବାପରେ ଅର୍ଥ ବିଷୟ ନେଇ ବିକାର ଭାବ ମଧ୍ୟ ସୃଷ୍ଟି ହୁଏ । ବିକାରଗ୍ରସ୍ତହୋଇ ଭର୍ତ୍ସନା, କୁତ୍ସାରଟନା ଓ ଅପନିନ୍ଦା ପ୍ରଚାର କରି ତାହାବି ଚରମରେ ପହଞ୍ଚେ । ଦାନ ଫଳ ଅଲଗା, ଧର୍ମ ଦରବାରରେ ଭର୍ତ୍ସନା, କୁତ୍ସା ଓ ଅପବାଦର ବିଚାର ମଧ୍ୟ ଅଲଗା ।

୧୧- ଅଙ୍କରେ ଯେପରି ବିଭାଗ ରହିଛି, ସେହିପରି ଦେବୋତ୍ତରୀ ଅଙ୍କ ଓ ଅଷ୍ଟୋତ୍ତରୀ ଅଙ୍କର ମଧ୍ୟ ହିସାବ ରହିଛି । ଦେବୋତ୍ତରୀ ୩୧ ଅଙ୍କର ହିସାବ ୨୦୦୫ ମସିହା ।

ନୂଆକୁ ପୁରୁଣା କରି, ପୁରୁଣାରେ ନୂଆ କରଇ ସ୍ଥିତ ।
ହଂସୁଟି ଉଦୟ, ହଂସୁଟି ପ୍ରଳୟ, ହଂସୁଟି ସକଳ ସ୍ଥିତ ।।

ଯାହା ଦେଖୁଛୁ ବ୍ରହ୍ମାଣ୍ଡେ, ସମସ୍ତ ଅଛି ଏହି ପିଣ୍ଡେ
ବ୍ରହ୍ମାଣ୍ଡେ ଯେତେକ ଭିଆଣ, ପିଣ୍ଡରେ ଅଛଇ ସେମାନ



# କଲ୍ୟାଣ ଦେଲି ତୋତେ

ପଦ୍ମ ଚରଣରୁ କରୁଣାର ଧାରା
କଲ୍ୟାଣ ରସ ଢ଼ାଳି ।
ଅଜ୍ଞାନ ତିମିର ଦୂରକର ପ୍ରଭୁ
କାଳ କବଳକୁ ଟାଳି ॥

*ଭକ୍ତ ବଂଧୁ ଭଗବାନ ଚିର ମଙ୍ଗଳମୟ । ସେ ସତ୍, ଚିତ୍, ଆନନ୍ଦ-ସଚ୍ଚିଦାନନ୍ଦ । ସନ୍ତାନର ମନ, ପ୍ରାଣରେ ଯେତେବେଳେ ଆନନ୍ଦର ତରଙ୍ଗ ସୃଷ୍ଟି ହୁଏ, ସେତେବେଳେ ସେ ଆନନ୍ଦ ଘନ ମୂର୍ତ୍ତି ସ୍ୱରୂପରେ ବିଭୋର ହୋଇ ଉଠନ୍ତି । ସ୍ଥୂଳ ଓ ସୂକ୍ଷ୍ମ ଉଭୟ ପର୍ଯ୍ୟାୟ ମଧ୍ୟରେ ଅବସ୍ଥାନ କରି ଜୀବ ଜଗତ ସହ ପ୍ରେମ ସଂପର୍କ ସୃଷ୍ଟି କରାଇ ଆନନ୍ଦର ବନ୍ୟା ଛୁଟାଇ ଦିଅନ୍ତି । କିନ୍ତୁ ସୃଷ୍ଟିଚକ୍ରର ମାୟା କୁଣ୍ଡଳୀ ମଧ୍ୟରେ ବନ୍ଦୀ ହୋଇ ଜୀବ ଆନନ୍ଦ ଅନୁଭବ କରିପାରେ ନାହିଁ କିମ୍ବା ତାଙ୍କୁ ଉପଲବ୍ଧ କରିପାରେ ନାହିଁ । ସେଥିପାଇଁ ପ୍ରତିଯୁଗରେ ବିଭିନ୍ନ ମାଧ୍ୟମ ଦେଇ ସେ ନିଜେ ଓହ୍ଲାଇ ଆସନ୍ତି ଏଇ ମର୍ତ୍ତ୍ୟଭୂମିକୁ ଜୀବକୁ ତା'ର ସ୍ଥିତି ସମ୍ପର୍କରେ ସଚେତନ କରାଇ ସତ୍, ଚିତ୍, ଆନନ୍ଦର ପୂର୍ଣ୍ଣ ସ୍ୱାଦୁ ପ୍ରଦାନ କରିବା ପାଇଁ ।*

*ଆଜି ମଧ୍ୟ ସେହି ଲକ୍ଷ୍ୟ ନେଇ ଦୟାସାଗର ବନମାଳୀ ସନ୍ନ୍ୟାସ ବେଶ ଗ୍ରହଣ କରି ଗୁରୁସ୍ୱାମୀ ଭୂମିକାରେ ଅବତୀର୍ଣ୍ଣ ହୋଇ ତାଙ୍କର ପ୍ରିୟ ସନ୍ତାନମାନଙ୍କ ଉଦ୍ଦେଶ୍ୟରେ ଅବାରିତ କଲ୍ୟାଣ ବାରି ସିଞ୍ଚନ କରି ଚାଲିଛନ୍ତି ''ଚରମ''ର ଏହି ଧାରାବାହିକ ସ୍ତମ୍ଭ ''କଲ୍ୟାଣ ଦେଲି ତୋତେ'' ଶୀର୍ଷକରେ । ଏ ସଂଖ୍ୟାରେ କଲ୍ୟାଣମୟଙ୍କର ଆଶିଷର ଧାରା.........*

## ''ଚରମ''ରେ ! ଧନ ମୋର !

ଗତଥର ତୋର ସ୍ଥିତି ସମ୍ପର୍କରେ ବୁଝାଇ ଦେଇଥିଲି । ସଂକୀର୍ଣ୍ଣତା ପରିହାର କରି ବ୍ୟାପକ ଭାବ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲି । କିନ୍ତୁ ବ୍ୟାପକ ଭାବ ଗ୍ରହଣ କରିବା ପୂର୍ବରୁ ନିଜକୁ ପ୍ରଥମେ ଏକ ସରଳ ଶିଶୁ ଭାବରେ ପ୍ରତିଷ୍ଠା କରିବା ଏକାନ୍ତ ଆବଶ୍ୟକ । କାରଣ ତୋର ପିତା କେବଳ ସରଳତାକୁ ହିଁ ଭଲ ପାଆନ୍ତି । ତେବେ ସରଳତା କିପରି ଆସିବ ? ଯେତେବେଳେ ନିଜକୁ ଅତି ଛୋଟ ଭାବରେ ଚିନ୍ତା କରିବୁ ସେତିକି ବେଳେ ହିଁ ତୋର ଭିତରେ ନ୍ୟୁନତା ଫୁଟି ଉଠିବ ଓ ଧୀରେ ଧୀରେ ତୁ ସରଳ ହୋଇଯିବୁ । ଏହି ଚିନ୍ତା ଅଭ୍ୟାସ କରିବା ପାଇଁ ତତେ ଅନେକ ପଥ ଦେଇ ସାରିଛି । ଅଶେଷ କୌଶଳ ବତାଇ ଦେଇଛି । ଯଦି ଠିକ୍ ଭାବରେ କାର୍ଯ୍ୟରେ ପରିଣତ କରୁଥିବୁ ତେବେ ନିଶ୍ଚୟ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବୁ ।

ଆଜି ଆଉ ଗୋଟିଏ ଉପାୟ ତୋତେ ଶିଖାଇ ଦେଉଛି । ଧୈର୍ଯ୍ୟ ଧରି ଶୁଣ୍ । ତୁ ଜାଣିଛୁ; ଗୁରୁକୃପା ପ୍ରାପ୍ତ ହେଲେ ଏ ଧରାଧାମରେ କୌଣସି ବସ୍ତୁ ଅସମ୍ଭବ ନୁହେଁ । ସବୁ ମିଳିଯିବ । ମାତ୍ର ଗୁରୁକୃପା ମିଳିବ କିପରି ? କର୍ମ କଲେ ସିନା ପାଇବୁ । କର୍ମ ନକଲେ ଫଳ ଆସିବ କେଉଁଠାରୁ ? ଯେଉଁ କର୍ମମାନ କଲେ କୃପା ପ୍ରାପ୍ତ ହେବ, ସେଥିମଧ୍ୟରୁ ମୁଖ୍ୟ ଅଂଗ ହେଉଛି, ''ଜନ୍ମଦାତ୍ରୀ, ଜନ୍ମଦାତା ଓ ଗୁରୁଜନ''ମାନଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ ଆଶୀର୍ବାଦ ଗ୍ରହଣ କରିବା । ସେହି ସଂମ୍ପର୍କରେ ତୋତେ କିଞ୍ଚିତ୍ ସୂଚନା ଦେଉଛି । ମନେ ରଖିବୁ ଓ କାମରେ ଲଗାଇବୁ ।

ଧନରେ ! ପ୍ରଥମେ ତୋର ଜନ୍ମଦାତ୍ରୀଙ୍କ କଥା ଚିନ୍ତାକର । ତୋତେ ଗର୍ଭରେ ଧାରଣ କରିବା ଦିନଠାରୁ ଜନ୍ମ ଦେବା ପର୍ଯ୍ୟନ୍ତ ଦିନଟିଏ ମଧ୍ୟ ସେ ଶାନ୍ତିରେ ରହିପାରିନାହିଁ । ଖାଇବାରେ ସୁଖ ନାହିଁ, ଶୋଇବାରେ ଆନନ୍ଦ ନାହିଁ । ବସିବା, ଚାଲିବା ଇତ୍ୟାଦି ସବୁଥିରେ ସେ କେବଳ ଦୁଃଖ ହିଁ ପାଇଛି । ନିଜ ଶରୀରର ଖାଦ୍ୟ ତଥା ତାଜା ରକ୍ତ ଦେଇ ତୋତେ ସେ ତା'ର ପବିତ୍ର ଗର୍ଭରେ ଅତି ଯତ୍ନରେ ସ୍ଥାନ ଦେଇ ସମସ୍ତ କଷ୍ଟକୁ ଆନନ୍ଦରେ ସହ୍ୟ କରି ନେଇଛି । ତୁ ଜନ୍ମ ନେଲା ପରେ ନିଜ ରକ୍ତକୁ କ୍ଷୀରରେ ରୂପାନ୍ତରିତ କରି ତୋତେ ଖୁଆଇ ମଣିଷ କରିଛି । ତୁ ତୋର ନିଜର କାର୍ଯ୍ୟ କରି ଶିଖିବା ପର୍ଯ୍ୟନ୍ତ ତୋର ସମସ୍ତ ମଇଳା, ଆବର୍ଜନାକୁ ନିଜ ହାତରେ ପରିଷ୍କାର କରି ନର୍କର ସେବା କରି ଆସିଛି । ତୁ ଯେତେ ଅନ୍ୟାୟ କଲେ ମଧ୍ୟ କେବେ ମଧ୍ୟ ତୋର ଦୋଷ ଧରିନାହିଁ । ବାତ୍ସଲ୍ୟ ମମତାରେ ତୋତେ ପାଳନ କରି ତୋର ପ୍ରତ୍ୟେକ ଦୋଷକୁ କ୍ଷମା କରି ଦେଇଛି । କିନ୍ତୁ ତୋଠାରୁ କ'ଣ ପାଇଛି ? ପାଇବାକୁ ଆଶା ରଖିଛି ? କିଛି ନାହିଁ । ତା'ର ଗୋଟିଏ ମୁହୂର୍ତ୍ତର କଷ୍ଟକୁ ତୁ କୋଟିଏ ଜନ୍ମରେ ମଧ୍ୟ ପରିଶୋଧ କରି ପାରିବୁ ନାହିଁ । ତେଣୁ ରେ ମୋର ରତ୍ନୁଣୀଧନ ! ଅତି ଗମ୍ଭୀରତାର ସହ ଚିନ୍ତାକର । ଜନ୍ମଦାତ୍ରୀ ଯଦି ଅସନ୍ତୁଷ୍ଟ ହୋଇଯାଏ, ତେବେ ତୋର ନିସ୍ତାର ନାହିଁ । କେହି ତୋର ସହାୟ ହେବେ ନାହିଁ । ସେଥିପାଇଁ ଜନନୀକୁ ପୂଜା କରି, ତା'ର ସମସ୍ତ ସୁଖ, ଦୁଃଖ ପ୍ରତି ସଚେତନ ହେବୁ । ଜନନୀଙ୍କୁ ମାତା ଧରିତ୍ରୀ, ଜଗଦ୍‌ଜନନୀ ରୂପରେ କଳ୍ପନା କରିବୁ । ଚିନ୍ତା କରିବୁ :

*''ମାତା ଧରିତ୍ରୀ ଜନନୀ ଦୟା ବ୍ରହ୍ମଦୟା ସତୀ ।*
*ଦେବୀ ତୁ ରମଣୀ ଶ୍ରେଷ୍ଠା ନିର୍ଦ୍ଦୋଷା ସର୍ବ ଦୁଃଖହା ॥*
*ଆରାଧ୍ୟା ମାୟା ପରମା ଦୟା ଶାନ୍ତିଃ କ୍ଷମା ଗତିଃ ।*
*ସ୍ୱାହା, ସ୍ୱଧା ଚ ଗୌରୀ ଚ ପଦ୍ମା ଚ ବିଜୟା ଦୟା ॥''*

ପ୍ରତିଦିନ ପ୍ରାତଃକାଳରେ ଶଯ୍ୟାତ୍ୟାଗ କରିବା ସମୟରେ ଓ ସଂଧ୍ୟା ସମୟରେ ତୋର ଅନ୍ୟାନ୍ୟ ନିତ୍ୟକର୍ମ ସହିତ ଏହି କର୍ମଟିକୁ ଯୁକ୍ତ କରିଦେବୁ । ଜନନୀଙ୍କୁ ଏହି ଭାବରେ କଳ୍ପନା କରି ତାଙ୍କୁ ପ୍ରଣାମ କରିବୁ । ପଦରଜ ଗ୍ରହଣ କରି ମଥାରେ ଲଗାଇବୁ । ନିଜକୁ ଯେତେ କଷ୍ଟ ହେଲେ ମଧ୍ୟ ତାଙ୍କର ଖାଇବା, ପିନ୍ଧିବା ଓ ରହିବା ସ୍ଥାନ ପାଇଁ ସର୍ବଦା ସତର୍କ ରହିବୁ । କେବେ କର୍କଶ ଭାଷା ଓ ଉଚ୍ଚକଣ୍ଠରେ ତାଙ୍କ ସହିତ କଥା ହେବୁନାହିଁ । ତାଙ୍କର ବଚନ କଦାପି ହେୟଜ୍ଞାନ କରିବୁ ନାହିଁ । ତାଙ୍କ ପ୍ରତି ନିଷ୍ଠୁର ବାକ୍ୟ, କ୍ରୋଧଯୁକ୍ତ ଶବ୍ଦ ପ୍ରୟୋଗ କରିବୁ ନାହିଁ । ପ୍ରତି ମୁହୂର୍ତ୍ତରେ ସଜାଗ ରହିବୁ, ଯେପରି ତାଙ୍କ ମନରେ ଚିନ୍ତା ନ ଆସେ ଯେ, ''ମୋର ପୁଅ ବା ଝିଅ ମୋତେ ଭଲ ପାଉ ନାହାନ୍ତି, ଅବହେଳା କରୁଛନ୍ତି ।'' ମନରେ ତାଙ୍କର ଏହି ଭାବ ସୃଷ୍ଟି ହେଲେ, ତୋର ଅନେକ କ୍ଷତି ହୋଇଯିବ ।

ଦ୍ୱିତୀୟରେ ତୋର ଜନ୍ମଦାତା ''ପିତାଗୁରୁ'' । ପିଲାଦିନରୁ ଆଜି ପର୍ଯ୍ୟନ୍ତ ଜୀବନର ସମସ୍ତ ଘଟଣା ପ୍ରବାହ ସ୍ମରଣ କର ! ପିତା ତୋ'ର ଭଲ ପାଇଁ କେତେ ବ୍ୟାକୁଳ ହୋଇଛନ୍ତି । ତୋ'ର ମଙ୍ଗଳ ପାଇଁ ଅନେକ କଷ୍ଟ ସହ୍ୟ କରିଛନ୍ତି । ଅନ୍ତରରେ ସ୍ନେହ ଚାପିରଖି ତୋତେ ସୁମଣିଷ କରିବାପାଇଁ ମୁହଁରେ କଠୋରତା ପ୍ରକାଶ କରି ତୋର ଆଚରଣ ମାର୍ଜିତ

କରାଇଛନ୍ତି । ନିଜେ ଅକ୍ଳାନ୍ତ ପରିଶ୍ରମ କରି ଆବଶ୍ୟକ ସ୍ଥଳେ ପରଘରେ ଗୋଲାମି କରି ତୋ ପାଇଁ ଅର୍ଥ ଉପାର୍ଜନ କରିଛନ୍ତି । ତୋର ଭବିଷ୍ୟତକୁ ନଜରରେ ରଖି ଉପାର୍ଜିତ ଅର୍ଥକୁ ଗୁରୁ, ବ୍ରାହ୍ମଣ, ବୈଷ୍ଣବଙ୍କ ସେବାରେ ମଧ୍ୟ ବିନିଯୋଗ କରିନାହାନ୍ତି । ସେଥିପାଇଁ ଦୋଷୀ ସାବ୍ୟସ୍ତ ହୋଇ ନର୍କଗାମୀ ହେବାକୁ ମଧ୍ୟ ଆଦରେ ଗ୍ରହଣ କରି ନେଇଛନ୍ତି । ଆଜି ତୁ ବଡ଼ ହୋଇ ସ୍ୱାବଲମ୍ବୀ ହୋଇଯିବା ପରେ ଯଦି ତାଙ୍କର ଏ ସମସ୍ତ ଦାନକୁ ଭୁଲିଯାଇ ତାଙ୍କ ପ୍ରତି ଅବିଚାର କରୁ, ତେବେ ତୋତେ କ୍ଷମା ଦେବ କିଏ ? ତେଣୁ ରେ ବାଉଳା ! ପିତାଙ୍କୁ ସାଧାରଣ ମନୁଷ୍ୟ ଭାବରେ ଗ୍ରହଣ ନ କରି କଳ୍ପନା କରିବୁ :

*"ପିତ୍ରେ ତୁଭ୍ୟଂ ନମୋ ନିତ୍ୟଂ ସଦାରାଧ୍ୟ ତମାସ୍ତ୍ରଂଯେ ।*
*ବିମଳ ଜ୍ଞାନଦାତ୍ରେ ଚ ନମସ୍ତେ ଗୁରୁବେ ସଦା ॥*
*ନମସ୍ତେ ଜୀବନାଧିକ୍ୟ ଦର୍ଶିନେ ସୁଖ ହେତବେ ।*
*ନମଃ ସଦା ସୁତୋୟାୟ ଶିବରୂପାୟତେ ନମଃ ॥*
*ଅପରାଧ କ୍ଷମିଣେଚ ସୁଖଦାୟ ସୁଖାୟଚ ।*
*ଦୁର୍ଲ୍ଲଭଂ ମାନୁଷମିଦଂ ଯେନ ଲବ୍ଧଂ ମୟା ବପୁଃ ।*
*ସମ୍ଭାବନୀୟଂ ଧର୍ମାର୍ଥେ ତସ୍ମୈ ପିତ୍ରେ ନମୋନମଃ ॥"*

ଏହି ଭାବରେ ପ୍ରତିଦିନ ସଞ୍ଜ, ସକାଳେ ପିତାଙ୍କୁ ସାକ୍ଷାତ୍ ଶିବ ସ୍ୱରୂପରେ ଚିନ୍ତାକରି ପ୍ରଣାମ କରିବୁ । ତାଙ୍କର ସମସ୍ତ ସୁବିଧା, ଅସୁବିଧାକୁ ଯତ୍ନର ସହିତ ଲକ୍ଷ୍ୟ କରି ତା'ର ସମାଧାନ କରୁଥିବୁ । ସେଥିପାଇଁ ଯେତେ କଷ୍ଟ ହେଲେ ମଧ୍ୟ କଦାପି ବିମୁଖ ହେବୁ ନାହିଁ । ତାଙ୍କ ସମ୍ମୁଖରେ କେବେ ଅଶାଳୀନ ଆଚରଣ କରିବୁ ନାହିଁ । କୁଭାଷା ପ୍ରୟୋଗ କରିବୁ ନାହିଁ । ତାଙ୍କର ଦୋଷ ଧରିବୁ ନାହିଁ । ତାଙ୍କର କଥା ତୋତେ ଗ୍ରହଣ ଯୋଗ୍ୟ ନ ହେଲେ ଅତି ନମ୍ର ଓ ଧୀର ଭାବରେ ତୋର ମତାମତ ଉପସ୍ଥାପିତ କରିବୁ । କିନ୍ତୁ ସିଧାସଳଖ ପ୍ରତ୍ୟାଖ୍ୟାନ କରି ତାଙ୍କ ମନରେ କଷ୍ଟ ଦେବୁ ନାହିଁ । ସର୍ବଦା ତାଙ୍କୁ ତୋ ନିଜ ପାଖରେ, ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖିବାକୁ ଚେଷ୍ଟା କରିବୁ । ଅନ୍ୟର କଥାରେ ପ୍ରଭାବିତ ହୋଇ ତାଙ୍କୁ କଦାପି ଉପେକ୍ଷା କରିବୁ ନାହିଁ ।

ମନେ ରଖିବୁ ! ଏକାଦଶୀ, ଅମାବାସ୍ୟା, ସଂକ୍ରାନ୍ତି, ପୂର୍ଣ୍ଣିମା ଓ ଦ୍ୱାଦଶୀ ତିଥିରେ ପିତା, ମାତା, ଗୁରୁ, ବ୍ରାହ୍ମଣ ଓ ବୈଷ୍ଣବମାନଙ୍କୁ ସେବାପୂଜା କଲେ ଅଶେଷ ଫଳପ୍ରାପ୍ତି ହୋଇଥାଏ । ଏକାଦଶୀରେ ପାପ କ୍ଷୟ ହୁଏ । ଅମାବାସ୍ୟାରେ ଧନ, ଜନ ବୃଦ୍ଧି ହୁଏ । ସଂକ୍ରାନ୍ତିରେ ବ୍ୟାଧିମୁକ୍ତି ହୁଏ । ପୂର୍ଣ୍ଣିମାରେ ଯଶ ଓ ଐଶ୍ୱର୍ଯ୍ୟ ମିଳିଥାଏ । ଦ୍ୱାଦଶୀରେ ସେବାପୂଜା କଲେ ଗୋଲୋକରେ ସ୍ଥାନ ମିଳେ ।

ଏହାପରେ ବୈଷ୍ଣବମାନଙ୍କ କଥା । ବାବୁରେ ! ଗୁରୁ, ବୈଷ୍ଣବ ଭିନ୍ନ ନୁହଁନ୍ତି । ଗୁରୁଙ୍କ ସେବା, ପୂଜା କଲେ ଯେଉଁ ପୁଣ୍ୟ ଅର୍ଜନ ହୁଏ, ବୈଷ୍ଣବମାନଙ୍କୁ ସମ୍ମାନିତ କଲେ ଠିକ୍ ସେହି ଫଳ ପ୍ରାପ୍ତ ହୁଏ । ତେଣୁ ଯଦି କେବେ ବୈଷ୍ଣବ ତୋ ଗୃହକୁ ଆସନ୍ତି ବା ତୁ ସେମାନଙ୍କ ସଂସ୍ପର୍ଶରେ ଆସୁ, ତେବେ ଶ୍ରଦ୍ଧା, ପ୍ରେମ ଓ ଭକ୍ତିରେ ତାଙ୍କୁ ଗୁରୁତୁଲ୍ୟ ମନେ କରି ତାଙ୍କର ଆଶୀର୍ବାଦ ଗ୍ରହଣ କରିବୁ । ଯଦି ଅହଂ ବଶତଃ ସେମାନଙ୍କୁ ହତାଦର କରୁ ବା ହେୟଜ୍ଞାନ କରୁ ତେବେ ଗୁରୁଦ୍ରୋହୀ, ବିଷ୍ଣୁଦ୍ରୋହୀ ପାପରେ ବିଚାରର ସମ୍ମୁଖୀନ ହୋଇଯିବୁ ।

ଶେଷରେ ଗୁରୁଜନ ମାନଙ୍କୁ ସର୍ବଦା ସମ୍ମାନ ଦେବାପାଇଁ ଅଭ୍ୟାସ କରିବୁ । ଗୁରୁଜନ କହିଲେ, କେବଳ ବୟସ ନୁହେଁ ଅନ୍ୟ ସମସ୍ତ ବିଷୟକୁ ବିଚାରକୁ ନେବୁ । ଧନ, ବୟସ, ଐଶ୍ୱର୍ଯ୍ୟ, ବିଦ୍ୟା, ବୁଦ୍ଧି, ଜ୍ଞାନ ଆଦି ସମସ୍ତ ଗୁଣ ବା ଯେ

କୌଣସି ଗୋଟିଏ ଗୁଣରେ ଯିଏ ତୋଠାରୁ ଅଧିକ ତାଙ୍କୁ ଗୁରୁଜନ ଭାବରେ ଗ୍ରହଣ କରିବୁ । ବିଚାର କରିବୁ; ସେମାନଙ୍କର ପ୍ରାରବ୍ଧ କର୍ମଫଳ (ସୁକର୍ମ) ପ୍ରଭାବରେ ସେମାନେ ତୋଠାରୁ ଉଚ୍ଚ/ଶ୍ରେଷ୍ଠ ଆସନରେ ଅଛନ୍ତି । ତେଣୁ ସେମାନେ ତୋଠାରୁ ନିଶ୍ଚିତ ଭାବରେ ଶ୍ରେୟ । ନିଜର ପିତା, ମାତାଙ୍କୁ ଯେଉଁ ସମ୍ମାନ ଦେବୁ, ଗୁରୁଜନମାନଙ୍କୁ ମଧ୍ୟ ଠିକ୍ ସେହି ଭାବରେ ନେବୁ । ଅଭ୍ୟାସ ବଳରେ ଯଦି ଏ ସୃଷ୍ଟିର ପ୍ରତ୍ୟେକଙ୍କୁ ତୋଠାରୁ ଉନ୍ନତ ଓ ଶ୍ରେଷ୍ଠ ବୋଲି ଗ୍ରହଣ କରି ପାରିବୁ, ତୋଠାରେ ନମ୍ରତା, ସ୍ୱଷ୍ଟ ଭାବରେ ଫୁଟି ଉଠିବ । ସେହି ନମ୍ରତା ବଳରେ ତୁ କ୍ରମଶଃ ଧୀର, ସରଳ ହୋଇ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଯିବୁ । ସ୍ରଷ୍ଟା ସୂକ୍ଷ୍ମରୂପରେ ସମସ୍ତଙ୍କ ପିଣ୍ଡରେ ବିଦ୍ୟମାନ । ଯେତେବେଳେ ତୋ ଚତୁଃପାର୍ଶ୍ୱରେ ବିଚରଣ କରୁଥିବା ସମସ୍ତ ନରନାରାୟଣଙ୍କର ଶ୍ରଦ୍ଧାଯୁକ୍ତ ଆଶୀର୍ବାଦ ତୋ ଉପରେ ଅଜାଡ଼ି ହୋଇ ପଡ଼ିବ, ସେତେବେଳେ ତୁ ସମସ୍ତଙ୍କର ଅତି ଆପଣାର ହୋଇଯିବୁ । ତା ପରେ କ'ଣ ହେବ ଜାଣିଛ ? ତୋର ପିତା ଏକାନ୍ତ ଭାବରେ ତୋ ଅତି ପ୍ରିୟ ହୋଇଯିବେ ଓ ତୁ ତାଙ୍କର ଅତି ନିକଟରେ ହୋଇ ସତ୍-ଚିତ୍-ଆନନ୍ଦରେ ନିତ୍ୟ ବିଚରଣ କରି ବ୍ରହ୍ମମୟ ହୋଇଯିବୁ ।

ଏଥରକ ଏତିକିରୁ ରହୁଛି ।

ତୋର

ଚିରମଙ୍ଗଳକାଂକ୍ଷୀ

ପିତା

ଚେଚେଚେ

ମାୟା ଛଡ଼ାଇ ତୋ କାୟାକୁ ଭେଦ ।
ତେବେ ତୁ ପାଇବୁ ଅନାଦି ଛନ୍ଦ ।।
ଛନ୍ଦ କରିଣ ତୋ ଦେହରେ ଅଛି ।
ମୁକ୍ତି ମଣ୍ଡଳେ ବିରାଜି ଦିଶୁଛି ।।

ଜୀବେ ପରମ ରୂପ ଆପେ
ବିହରେ ଜମ୍ବାକୋଟି ରୂପେ ।।

ପରସ୍ତିରୀ ହରିଣ ଯେ ବହନ୍ତି ତୁଳସୀ ।
ଶତେ ଜନ୍ମ କୃମି ହୋଏ ନର୍କ କୁଣ୍ଡେ ବସି ।।

# ପୁରାଣ ପୃଷ୍ଠାରୁ : ଗଳ୍ପାଂଶ : ସୁରଭୀ ଉପାଖ୍ୟାନର ମୀମାଂସାଖଣ୍ଡ

ହୃଦୟନ୍ତ୍ରର ଶୈତ୍ରୀ ସ୍ନାୟୁରେ ଥିବା 'ରଦ' ଶବ୍ଦ କୋଷକୁ ଏଠାରେ ନାରଦ ବୋଲି ବୋଲା ଯାଇଅଛି । ଏହି ପଥଦେଇ ନାଦବ୍ରହ୍ମରୁ ଶବ୍ଦଜ୍ଞାନ ସମାଧି ଅବସ୍ଥାପରେ ଯୋଗୀକୁ ଜ୍ଞାତ ହୁଏ । ଏଠାରେ ଏହି ଗଳ୍ପାଂଶରେ ନାରାୟଣ ବୋଇଲେ ଜୀବବ୍ରହ୍ମ ବା ଜୀବାତ୍ମାକୁ ବୁଝାଯାଏ । ଏହି ଜୀବବ୍ରହ୍ମ ପିଣ୍ଡ ଗଠନ, ବର୍ଦ୍ଧନରେ ସହାୟକ କୋଷସମୂହକୁ ସତେଜ ରଖେ ଏବଂ ଦିଗ୍‌ଦର୍ଶନ ଦିଏ । ତେଣୁ, ଗଳ୍ପାଂଶର ପ୍ରାରମ୍ଭରେ ଶୈତ୍ରୀ ସ୍ନାୟୁସ୍ଥ ରଦଶବ୍ଦ କୋଷ ଜୀବବ୍ରହ୍ମଙ୍କୁ ସୁରଭୀର ଜନ୍ମ ବୃତାନ୍ତ ସମ୍ବନ୍ଧରେ ଜିଜ୍ଞାସା କରି ଦିଗ୍‌ଦର୍ଶନ ଲୋଡ଼ିଛନ୍ତି ।

ସୁରଭୀ ବୋଇଲେ ବ୍ରହ୍ମଜ୍ଞାନାମୃତ ରସ । ଏହି ରସ ମହାଶୂନ୍ୟରୁ କ୍ଷରିତ ଅକ୍ଷର ତତ୍ତ୍ୱ ଅଟେ । ସଂସାରୀ ବୋଇଲେ ଧରାପୃଷ୍ଠରେ ଭୂମିଷ୍ଠ ହୋଇ ସଂସାର ବିଷୟରେ ସମ୍ମୋହିତ ଜୀବମାନଙ୍କୁ ବୁଝାଯାଏ । ଆଜନ୍ମ ସେମାନେ ବିକେନ୍ଦ୍ରିୟ ଗୃହର ଗୁଣକର୍ମାନୁସାରେ ଆତଯାତ ହୁଅନ୍ତି । ବ୍ରହ୍ମଜ୍ଞାନାମୃତ ରସ ପାନ କଲେ ସେମାନଙ୍କର ଧର୍ମଧାରା ପ୍ରତି ଆକର୍ଷଣ ସୃଷ୍ଟିହୁଏ । ଆକର୍ଷଣବଶରୁ ଧାରାଧରି ଧରାପୃଷ୍ଠରେ ଯୋଗସାଧନା କଲେ ବିକେନ୍ଦ୍ରିୟ ଗୃହର କବାଟ ବନ୍ଦ ହୁଏ ଏବଂ ସତ୍ୟେନ୍ଦ୍ରିୟ ଗୃହର କବାଟ ଫିଟେ । ଫଳରେ ସେମାନଙ୍କର ସକଳ ପାପ ମୋଚନ ହୁଏ । ପାପ ମୋଚନ ପରେ ତାଙ୍କର ମାୟା ମୋହ ଓ ଆସକ୍ତି ଭାବ କଟିଯାଏ । ମାୟା ବୋଇଲେ ରହ ସୈନ୍ଦ୍ରିକ ସ୍ନାୟୁକୋଷ । ଏହା ଦ୍ୱାରା ବ୍ରହ୍ମ ପିଣ୍ଡ ମଧ୍ୟରେ ଗୋପନ ଅବସ୍ଥାରେ ଥାଏ । କସ୍ତୁରୀମୃଗ ଯେପରି ନିଜ ନାଭିମଣ୍ଡଳରେ ଥିବା କସ୍ତୁରୀର ସୁବାସରେ ମୋହିତ ହୋଇ ଘନବନର ଚାରିଆଡ଼େ ସୁବାସର ଉତ୍ସ ଖୋଜିବୁଲେ ଓ ନିଜ ମଧ୍ୟରେ ତାହାର ଅବସ୍ଥିତି ସମ୍ପର୍କରେ ଆଦୌ ଅବଗତ ହୋଇପାରେ ନାହିଁ, ଜୀବ ସେହିପରି ବ୍ରହ୍ମଙ୍କୁ ନିଜ ମଧ୍ୟରେ ଅବସ୍ଥିତ ଥିବା ବିଷୟରେ ଅନୁଭବ ସମ୍ପନ୍ନ ଭାବରେ ଅବଗତ ନହୋଇ ବିଶ୍ୱର ସବୁଠି ଖୋଜିହୁଏ । ଅନେକେ ଶୁଣକଥା ବା ପୋଥିଗତ ବିଦ୍ୟା ବଳରେ ବ୍ରହ୍ମ ପିଣ୍ଡମଧ୍ୟରେ ଅବସ୍ଥିତ ବୋଲି ଜାଣି ନିଜକୁ ପରମଯୋଗୀ ବୋଲି ଆପଣା ମୁଖରେ ପ୍ରଚାର କରନ୍ତି । ମାତ୍ର ନିଜେ ବ୍ରହ୍ମ ଉପଲବ୍ଧି କଣିଚାଏ ମଧ୍ୟ କରି ନଥାନ୍ତି । ଏହା ଜୀବ ଚାରିପାର୍ଶ୍ୱରେ ଥିବା ପ୍ରକୃତିସ୍ଥ ସ୍ଥୂଳଭାବ ଘେରି ରହିଥିବାରୁ ଘଟିଥାଏ । ଜୀବ ଗୁରୁ ବରଣ କରି ଧାରା ଗ୍ରହଣ ପରେ ନିତ୍ୟ ଯୋଗାଭ୍ୟାସ ଚାଲୁରଖିଲେ, କ୍ରମଶଃ ବିକେନ୍ଦ୍ରିୟ ଗୁଣକର୍ମର ବିଲୋପ ଘଟି ସତ୍ୟେନ୍ଦ୍ରିୟ ଗୁଣକର୍ମର ପର୍ଯ୍ୟାୟକ୍ରମିକ ବିକାଶ ସାଧନ ହୁଏ । ଫଳରେ ପ୍ରକୃତିର ସ୍ଥୂଳଭାବ, ଆସକ୍ତି, ମାୟା, ମୋହ ଦୂରେଇଯାଏ ।

ଗୋମାତା ବୋଇଲେ ଜ୍ଞାନଭଣ୍ଡାର । ସୁରଭୀ ବା ବ୍ରହ୍ମଜ୍ଞାନାମୃତ ରସ ସକଳ ଜ୍ଞାନଭଣ୍ଡାରର ଉତ୍ସ ଅଟନ୍ତି । ବହୁ କ୍ଷୀର ପ୍ରଦାୟିନୀର ଅର୍ଥ ହେଉଛି, ଭୌତିକାନ୍ତ ଜ୍ଞାନରସ ପାଦନ କରୁଥିବା ବ୍ରହ୍ମଜ୍ଞାନାମୃତ ରସ । ବହୁକ୍ଷୀର ହେଉଛି ଆସୁରିକ ଶକ୍ତିର ମାୟା । ଏହା ତନ୍ତ୍ରରେ ପ୍ରାପ୍ତ ହୁଏ । ଏହି ଜ୍ଞାନରସ ଦ୍ୱାରା ଅସୁରମାନେ ଶୀଘ୍ର ବରପ୍ରାପ୍ତ ହୁଅନ୍ତି । ଗୋଲୋକ ନଗର ବୋଇଲେ, ତ୍ରିକୂଟ ସନ୍ଧିକୁ ବୁଝାଏ । ବୃନ୍ଦାବନ ହେଉଛି ଶ୍ରୋତ ଲଲାଟଚକ୍ର । ଏହା ଏକାଧାରରେ ନିତ୍ୟ ଏବଂ ବ୍ୟକ୍ତ ।

ରାଧାକାନ୍ତ ଶ୍ରୀକୃଷ୍ଣ ହେଉଛନ୍ତି, କର୍ମଧାରା/ଧର୍ମଧାରା ଧାରଣ କରୁଥିବା/କରିଥିବା ଜୀବର କାନ୍ତ ଅର୍ଥାତ୍ ଆତ୍ମା । ପ୍ରେମମୟୀ ରାଧା ବୋଇଲେ, ଅମୃତ ଜ୍ଞାନମୟୀ ସୂକ୍ଷ୍ମ କର୍ମ/ଧର୍ମ ଧାରା । ଜୀବର ପ୍ରେମରସ ପାନକାରୀ ବ୍ରହ୍ମତତ୍ତ୍ୱକୁ ଏହା ଏଠାରେ ବୁଝାଉଅଛି । ଏ ଗଳ୍ପାଂଶରେ ଏଠାରେ ଗୋପାଙ୍ଗନା ହେଉଛନ୍ତି ସୈରେନ୍ଦ୍ରୀ ଜୀବକୋଷ ଓ ସ୍ନାୟୁ । ଏମାନେ ଯୋଗୀର ଯୋଗରୂଢ଼ ଅବସ୍ଥାର ସଦ୍‌ଭାବ ଗ୍ରହଣ କରି ପିଣ୍ଡ ମଧ୍ୟରେ ସଞ୍ଚୟ କରି ରଖି ସ୍ଥୂଳ ଓ ସୂକ୍ଷ୍ମ କର୍ମ ଓ ଧର୍ମ ଧାରାକୁ ଯୋଗାଇ ଥାଆନ୍ତି । ଫଳରେ ଯୋଗୀ ଅନବରତ ଗୋପିକା ଭକ୍ତିଭାବ ରସରେ ବୁଡ଼ି ରହି ଥାଆନ୍ତି । ଶ୍ରୀକୃଷ୍ଣଙ୍କର କ୍ଷୀର ପାନର ଇଚ୍ଛା କହିଲେ, କର୍ମ/ଧର୍ମଧାରା ଧାରଣକାରୀ ଜୀବାତ୍ମାର ଭୌତିକାନ୍ତ ଜ୍ଞାନରସ ପାନର ଇଚ୍ଛାକୁ ବୁଝାଏ । ଏଠାରେ କ୍ଷୀରପାନ ବୋଇଲେ, ପ୍ରେମସୁଧାରସ ସମ୍ବଳିତ ବ୍ରହ୍ମଜ୍ଞାନ ତତ୍ତ୍ୱ । ଏହା ପିଣ୍ଡତତ୍ତ୍ୱରେ ମାହେନ୍ଦ୍ରୀ ଜ୍ଞାନରସ କ୍ଷରଣକାରୀ ସ୍ନାୟୁକୁ ବୁଝାଏ । ବାମପାର୍ଶ୍ୱରୁ ଗାଭୀରୂପା ବତ୍ସାଯୁକ୍ତା ଅତି କ୍ଷୀରବତୀ ସୁରଭୀର ଅର୍ଥ ଅର୍ଣ୍ଣୋହିତ୍ସାଜ୍ଞାନ । ମହୀର୍ଣ୍ଣହିତ୍ସାଜ୍ଞାନ ଦକ୍ଷିଣପାର୍ଶ୍ୱରେ ଥାଏ । ଅର୍ଣ୍ଣୋହିତ୍ସାଜ୍ଞାନ ଅର୍ଥାତ୍ ପିଣ୍ଡତତ୍ତ୍ୱଜ୍ଞାନ ଜୀବ ମାତୃଗର୍ଭରେ

ଅନୁଭବ କରେ । ମହାର୍ଣ୍ଣହିସାଜ୍ଞାନ ବା ବ୍ରହ୍ମାଣ୍ଡ ତତ୍ତ୍ୱଜ୍ଞାନ ଜୀବ ଯୋଗସ୍ଥ ହୋଇ ସମାଧି ସ୍ତରରେ ଅନୁଭବ କରେ । ଉଭୟ ପ୍ରକାର ଜ୍ଞାନର ଭାବ ସମାନ ଅଟେ । ତହିଁରେ କୌଣସି ପାର୍ଥକ୍ୟ ନଥାଏ, ନାହିଁ । ଶ୍ରୀଦାମର ଅର୍ଥ ରୌଧିକାର୍ଯ୍ୟ ସ୍ନାୟୁ । ଏହା ଆତ୍ମାର ନିକଟବର୍ତ୍ତୀ ତେଣୁ ସଖା । ଏହା ଧ୍ୟାନ ଆତ୍ମା ଅଟେ । ଜୀବର ପ୍ରଗାଢ଼ ଯୋଗାରୂଢ଼ ଅବସ୍ଥାରେ ଜୀବାତ୍ମା ଓ ଧ୍ୟାନାତ୍ମା ଏକତ୍ର ମିଳିତ ହୋଇ ସଖାଭାବରେ ଅଧିଷ୍ଠାନ କରି ଥାଆନ୍ତି । ଭନ୍‌ଭାଣ୍ଡ ବୋଇଲେ, ଠୁଳବ୍ରହ୍ମଜ୍ଞାନ ତତ୍ତ୍ୱ । ଏହା ଯୋଗୀର ସମାଧି ଅବସ୍ଥା ପରେ ତ୍ରିକୂଟରୁ ଆସି ରଜସ୍ୱୟ ନାଡ଼ିରେ ପହଞ୍ଚିଥାଏ । ଏହା ଯୋଗୀର ପରା, ପଶ୍ୟନ୍ତି, ମଧ୍ୟମାକୁ ଜ୍ଞାନତତ୍ତ୍ୱରେ ସାହାଯ୍ୟ କରେ । ଅମର ଓ ନୀରୋଗ ହୋଇ ଜରାମରଣରୁ ରକ୍ଷା ପାଇବାର ଅର୍ଥ ହେଉଛି, ଯୋଗୀ ଯୋଗ ମାର୍ଗରେ ନିତ୍ୟନୈମିତ୍ତିକ ଭାବରେ ନିରବଚ୍ଛିନ୍ନ ସାଧନା କରି ସମାଧି ଅବସ୍ଥାପରେ ତାହାର ସକଳ ପ୍ରକୃତିସ୍ଥ ଭାବ, ସ୍ନାୟୁ, କୋଷ, ଇନ୍ଦ୍ରିୟାଦି ନିସ୍ତେଜ ଓ ଦୁର୍ବଳ ହୋଇଯିବା । ଷଡ଼ଚକ୍ର ଭେଦ ପର୍ଯ୍ୟାୟରେ ଗୁହ୍ୟ, ଲିଙ୍ଗ, ନାଭି, ହୃଦୟ, କଣ୍ଠ, ଲଲାଟ ମଣ୍ଡଳର କୋଷାଦି ବିକାର ଶୂନ୍ୟ ହେବା । ଫଳତଃ ବିକେନ୍ଦ୍ରିୟ କୋଷର ଦମନ ହୋଇ ସତ୍ୟେନ୍ଦ୍ରିୟ କୋଷ ଓ ସ୍ନାୟୁର ସତ୍ୟାନୁଗାମୀ ନୀତି ପାଳନରେ ଦୃଢ଼ିକରଣ ଅବସ୍ଥାରେ ଯୋଗୀ ଉପନୀତ ହୁଏ । କ୍ଷୀର ଭୂମିରେ ପଡ଼ିବାର ଅର୍ଥ, ବୈଖାରୀ ଦ୍ୱାରା ଜ୍ଞାନ ପ୍ରକ୍ଷାଳନ ହେବା । ଏହା ଜୀବର ଯୋଗ ମାର୍ଗରେ ଅନୁଭବ ସୂତ୍ର ଅଟେ । ଗୋଲୋକରେ କ୍ଷୀର ସରୋବର ସୃଷ୍ଟିହେବା ବୋଇଲେ, ଯୋଗର ପ୍ରାଥମିକ ଅବସ୍ଥାରେ ଜୀବର ଗୋଲୋକ ବା ତ୍ରିକୂଟ ସନ୍ଧିସ୍ଥ ଦ୍ୱିଦଳ ବିଶିଷ୍ଟ ପଦ୍ମ (ହଂ,କ୍ଷଂ) ମୁଦ୍ରିତ ରହି ଅଚେତନ ଅବସ୍ଥାରେ ଥାଏ । ଜୀବ ଧର୍ମଧାରା ଧରି କର୍ମଯୋଗ ଅଭ୍ୟାସରେ ସଂପୂର୍ଣ୍ଣ ଅଭ୍ୟସ୍ତ ହୋଇ ଅଷ୍ଟାଙ୍ଗଯୋଗ ସୋପାନରେ ଆରୋହଣ କରି ସିଦ୍ଧିପ୍ରାପ୍ତି ପରେ ଜୀବର ଗୋଲୋକ ଚୈତନ୍ୟପ୍ରାପ୍ତ ହୋଇ ପ୍ରସ୍ଫୁଟିତ ହୁଏ । ବୈଖାରୀ ଦ୍ୱାରରେ ଜ୍ଞାନ ପ୍ରକ୍ଷାଳିତ ହୋଇଥାଏ ଏବଂ ଯୋଗୀ ବ୍ରହ୍ମଜ୍ଞାନ ତତ୍ତ୍ୱସାର ଚୈତନ୍ୟ ଦ୍ୱାରରେ ଅନୁଭବ କରିପାରେ । ଦୀର୍ଘପ୍ରସ୍ଥ ୧୦୦ ଯୋଜନ ବୋଇଲେ, ନିଧୌତିକ ସ୍ନାୟୁକୋଷ, ଏଠାରେ ବ୍ରହ୍ମଜ୍ଞାନ ଠୁଳହୋଇ କ୍ରମ ଅନୁଯାୟୀ ଚୈତନ୍ୟକୁ କ୍ଷରିତ ହୁଏ । ଏଠାରେ ଗୁଚ୍ଛ ହୋଇ ୧୦୦ ଗୋଟି ସ୍ନାୟୁ କୋଷ ରହିଅଛି । ଯେଉଁ ଜୀବର ଏହି ଶହେ ସଂଖ୍ୟା ପୂର୍ଣ୍ଣ ହୋଇ ନଥାଏ, ସେ ଏହା କସ୍ମିନ୍‌କାଳେ ଅନୁଭବ କରି ପାରେ ନାହିଁ କିମ୍ବା ଗୋପିକା ଭାବ ତୋଳିପାରେ ନାହିଁ । ସୁରଭୀର ଲୋମକୂପ ଅର୍ଥାତ୍ ବ୍ରହ୍ମାଣ୍ଡ ତତ୍ତ୍ୱ ସମ୍ବନ୍ଧୀୟ ଜ୍ଞାନତତ୍ତ୍ୱ ଯୋଗୀର ଜ୍ଞାନାତ୍ମା ଅବସ୍ଥାରେ ଅହରହ ଚିର ଚୈତନ୍ୟରେ ଦୋଳାୟମାନ ହୋଇ ରହିଥାଏ । ତହିଁରୁ ଗୋମାତାଙ୍କର ସୃଷ୍ଟି ବୋଇଲେ, ମହାଶୂନ୍ୟ ବା ସହସ୍ରାର ଭୃତୌକୀ ମଣ୍ଡଳରେ ହରିଦ୍ରାବର୍ଣ୍ଣ ଧାରଣ କରି ଜ୍ଞାନ ତତ୍ତ୍ୱଥାଏ । ଏହାଯୋଗୀର ସମାଧି ଅବସ୍ଥାରେ ଯୋଗୀର ଚୈତନ୍ୟକୁ କ୍ରମାନୁଯାୟୀ ଗୈରିକ ବର୍ଣ୍ଣ ଧାରଣ କରି ଅକ୍ଷର ତତ୍ତ୍ୱ ହୋଇ କ୍ଷରିତ ହୋଇ ଆସେ । ଗୋବଂଶ ବିସ୍ତାରର ଅର୍ଥ ହେଉଛି, କାସୌଲ ନାଡ଼ି । ଏହା ପ୍ରେମଜ୍ଞାନ ସୁଧାରସ ପାନରେ ଯୋଗୀକୁ ସାହାଯ୍ୟ କରେ । ପୁଣି ଏହି ନାଡ଼ିରେ ଭୂତତ୍ତ୍ୱଜ୍ଞାନ ଠୁଳ ହୋଇ ରହେ । ଜଗତ ବୋଇଲେ ଏଠାରେ କୃଷ୍ଣାସ୍ନାୟୁକୋଷକୁ ବୁଝାଯାଏ । ଏହା ଚୈତନ୍ୟକୁ ଅକ୍ଷର ତତ୍ତ୍ୱ ପ୍ରେରଣରେ ସାହାଯ୍ୟ କରେ ।

ପରମାତ୍ମନ୍ ଶ୍ରୀକୃଷ୍ଣ ବୋଇଲେ ଜୀବାତ୍ମା ପରମାତ୍ମା (ଯିଏକି ଜୀବପିଣ୍ଡରେ ନୀରବ, ନିଷ୍କଳ, ନିଷ୍କ୍ରିୟ ରହି ମୂକସାକ୍ଷୀ ସ୍ୱରୂପ ବିରାଜମାନ) । ବୃନ୍ଦାବନ ଅର୍ଥାତ୍ ଲଲାଟ ଚକ୍ରରେ ସୁରଭୀ ଅର୍ଥାତ୍ ମହାଶୂନ୍ୟ ବା ସହସ୍ରାରୁ ନିର୍ଗତ ଅକ୍ଷର ତତ୍ତ୍ୱ ସ୍ୱରୂପ ବ୍ରହ୍ମଜ୍ଞାନାମୃତ ରସର ଉପାସନା କରିବା ବା ଅଷ୍ଟାଙ୍ଗ ଯୋଗ ମାର୍ଗରେ ଅବିଚଳିତ ରହି ଯୋଗୀ ଗୋଟିଏ ପରେ ଗୋଟିଏ ଚକ୍ରଭେଦ କରିବା ସହିତ ଅଷ୍ଟାଙ୍ଗ ଯୋଗର ଗୋଟିଏ ପରେ ଗୋଟିଏ ଶ୍ରେଣୀ ବା ସୋପାନ ଆରୋହଣ କରିବା ଅର୍ଥ ପ୍ରକାଶ କରୁଅଛି । ଜୀବାତ୍ମାର ଇଚ୍ଛା ଶକ୍ତିରୁ ଜୀବ ଧାରା ଧାରଣ କରି ଏହି ପ୍ରକାର ଜୀବଚର୍ଯ୍ୟାରେ ନିରବଚ୍ଛିନ୍ନ ରହିବା ହିଁ ଯୋଗଚର୍ଯ୍ୟାର ଅୟମାରମ୍ଭ ଅଟେ ।

ଷଡ଼ାକ୍ଷର ମନ୍ତ୍ର ବୈଖାରୀ ସୂତ୍ର ଦେଇ ଚୈତନ୍ୟକୁ ଆସେ । ପ୍ରଥମେ ଏହା ଷଡ଼ବୀଜ ଅର୍ଥାତ୍ ହ୍ଲୀଁ, କ୍ଲୀଁ, ଶ୍ରୀଁ, ଧ୍ରୀଁ, ପ୍ଲୀଁ ଓ ଶ୍ରୀଁ ଆକାରରେ ଯୋଗୀର ଚୈତନ୍ୟରେ ଠୁଳ ହୁଅନ୍ତି ଏବଂ ତତ୍ପରେ ପର୍ଯ୍ୟାୟକ୍ରମରେ ମନ୍ତ୍ରଆକାର ଧାରଣ କରନ୍ତି । ମନ୍ତ୍ରଧାରଣ କରୁଥିବା ଚୈତନ୍ୟର ଏହି ସ୍ନାୟୁକୋଷକୁ ଧୋରୋତ୍ରିକ ସ୍ନାୟୁ ବୋଲାଯାଏ । ଷଡ଼ାକ୍ଷର ମନ୍ତ୍ରର ସ୍ୱରୂପ ହେଉଛି ଓଁ ହରେ ରାମ କୃଷ୍ଣ, ଓଁ କ୍ଲୀଁ କୃଷ୍ଣାୟ ନମଃ, ଓଁ ରାଂ ରାମାୟ ନମଃ, ଓଁ ଗଣେଶାୟ ନମଃ, ଓଁ ନମଃ ଶିବାୟ, ଓଁ କେଶବାୟ ନମଃ ଇତ୍ୟାଦି । ଏକଲକ୍ଷଥର ଜପ କରିବା ବୋଇଲେ, ଯୋଗୀ ଶରୀରର ଏକ ଲକ୍ଷ କୋଷ ଓ ସ୍ନାୟୁରେ ଷଡ଼ାକ୍ଷର ମନ୍ତ୍ରଠୁଳ ହୋଇ ପ୍ରସାରିତ ହେବା ଅର୍ଥ ପ୍ରକାଶ କରେ । ଯୋଗୀ ଯୋଗମାର୍ଗରେ ଅବିଚଳିତ ଓ ନିରବଚ୍ଛିନ୍ନ ସାଧନା ସୂତ୍ର ଧରି ଆଗେଇ ଚାଲିଲେ ସୂକ୍ଷ୍ମସୂତ୍ରରେ ଏହା ଘଟିଥାଏ । କୃଷ୍ଣ (ଜୀବାତ୍ମା) ରାଧା (ଧର୍ମ କର୍ମଧାରା)କୁ ଧରି ଏବଂ ରାଧା କୃଷ୍ଣଙ୍କୁ ଧାରଣ କରି କର୍ମଯୋଗ ଅଭ୍ୟାସ ଫଳରେ ଯୋଗୀ ପିଣ୍ଡରେ ଅଭୂତପୂର୍ବ ଆଧାତ୍ମିକ ଚେତନାର ଉନ୍ମେଷ ଘଟେ । ସର୍ବକାମକ୍ରୋଡାର ଅର୍ଥ ହେଉଛି, କଲ୍ପକମ୍ପ ସ୍ନାୟୁକୋଷ । ଏଥିରେ ୩୨ ଗୋଟି

ସ୍ନାୟୁ ରହିଛି । ଏହା ଜୀବର ଯୋଗମାର୍ଗରେ କାମଶକ୍ତିକୁ ନିୟନ୍ତ୍ରଣ ଓ ଦମନ କରି ଯୋଗସାଧନାରେ ସହାୟକ ହୁଏ । ରଦ୍ଧିଦ ବୋଇଲେ, ବୃଧୋରୀକ୍ଷ ସ୍ନାୟୁ । ଏହା ଯୋଗୀକୁ ଲୟଠାବ କରିବାରେ ସାହାଯ୍ୟ କରେ ଏବଂ ତ୍ରାଟକ ସୂତ୍ରରେ ଯୋଗାଭ୍ୟାସରେ ଦୃଢ଼ରଖେ । ବୃଦ୍ଧିଦ ହେଉଛି ଉଧୋରୀକ୍ଷ ସ୍ନାୟୁ । ଏହା ଜୀବର ଅନୁକୂଳ ପ୍ରତିକୂଳ ଅବସ୍ଥାକୁ ଓଲଟପାଲଟ କରି ବଦଳାଇ ଦିଏ ଏବଂ ଯୋଗ ସାଧନରେ ଦୃଢ଼ତା ରଖେ ଓ ପରେ ପୁଣି ଦୃଢ଼ତା ଭାଙ୍ଗିଦିଏ । ମୁକ୍ତି ବୋଇଲେ ସକଳ ବିଷୟବୃତ୍ତିର ଗ୍ରନ୍ଥି ମୋଚନ । ବୃହଗ ସ୍ନାୟୁ ଜୀବର ଚିତ୍ତ ରାଜ୍ୟରେ ରହିଛି । ଏହିସ୍ନାୟୁ ଯୋଗାଭ୍ୟାସ ଦ୍ୱାରା ସକ୍ରିୟ ହେଲେ ଚୈତନ୍ୟ ଗୃହରୁ ମୌକ୍ତିକ ରସ କ୍ଷରଣ ହୁଏ ଏହା ଚିତ୍ତରାଜ୍ୟକୁ ପ୍ଲାବନ କଲେ, ଜୀବର ବିଷୟ ବୃତ୍ତି ଛିନ୍ନ ହୁଏ । ଯୋଗୀ ପୀୟୂଷ ପଥରେ ସଦା ଆନନ୍ଦ ଓ ନିତ୍ୟଶାନ୍ତି ଅନୁଭବ କରି ଅଗ୍ରଗାମୀ ହୋଇଥାଏ । ଜୀବ ରାଧା ବା କର୍ମଧାରା ଧର୍ମଧାରା ଧରି ପ୍ରତିଦିନ ଯଥାରୀତି ଅଭ୍ୟାସ ଯୋଗ ଆଚରଣ କରି ଯୋଗୀ ପର୍ଯ୍ୟାୟରେ ଉପନୀତ ହେଲେ, ଶ୍ରୀଧନଦାରମା ବା ସୃଜନିକା ଚେତନା ସ୍ନାୟୁ ସଂଜୀବିତ ହୋଇ ଯୋଗୀର ବୈରାଗ୍ୟ ପ୍ରକରଣ ଅବସ୍ଥାକୁ ଦୃଢ଼କରେ । ଏହି ସ୍ନାୟୁ ଦ୍ୱାରା ଯୋଗମାୟା ଯୋଗୀକୁ ପରୀକ୍ଷା କରି ଥାଆନ୍ତି ।

ବିଷ୍ଣୁ ବୋଇଲେ ଆଦିବିଷ୍ଣୁ ଲିଙ୍ଗ । ଏହା ଜୀବର ଲିଙ୍ଗଚକ୍ରର କେନ୍ଦ୍ରସ୍ଥଳରେ ଅତି ଗୋପନରେ ବିରାଜି ଥାଆନ୍ତି । ବରାହ କଳ୍ପର ଅର୍ଥ ପୃଥ୍ୱୀଧୋରୀ ସ୍ନାୟୁ ମଣ୍ଡଳ । ଏହା ପିଣ୍ଡ ଧାରଣ କରେ । ଜୀବ ଭୂପୃଷ୍ଠରେ ଜନ୍ମିବା ମୁହୂର୍ତ୍ତରୁ ମାତୃକଳା ଦୋଷ ଧରି କାମ ବିକାର ଗ୍ରସ୍ତ ହୋଇ ରହିଥାଏ । ସେତେବେଳୁ ଲିଙ୍ଗଚକ୍ରରେ ଥିବା ବୈଷ୍ଣୋଧୋରୀ ସ୍ନାୟୁ ଆଲିଙ୍ଗିଧୋରୀ କୋଷ ସହିତ ସଂଯୁକ୍ତ ହୋଇ ଜୀବପିଣ୍ଡରୁ ସୁରଭୀ (ବ୍ରହ୍ମଜ୍ଞାନାମୃତରସ)ର କ୍ଷୀର (କ୍ଷରିତାଂଶ ଜ୍ଞାନତତ୍ତ୍ୱ) ମାୟା ଅର୍ଥାତ୍ ଜୀବପିଣ୍ଡରେ ବ୍ରହ୍ମର ଲୀଳା ବଳରେ ହରଣ କରିନେଇଥାଆନ୍ତି । ଏହାଦ୍ୱାରା ଜୀବ ପ୍ରକୃତଜ୍ଞାନ ରସ ଆସ୍ୱାଦନ କରିପାରେ ନାହିଁ । ବିକେନ୍ଦ୍ରିୟ କୋଷ ଓ ସ୍ନାୟୁମଣ୍ଡଳର ବଶବର୍ତ୍ତୀ ହୋଇ ଦିଗହରା ପରି ନାନାଦି କୁତ୍ସିତ ଚିନ୍ତା, ବାକ୍ୟ ଓ କର୍ମରେ ଲିପ୍ତ ରହେ । ପରବର୍ତ୍ତୀ ପର୍ଯ୍ୟାୟରେ ଜୀବର ବିଷୟ ହାନୀ ଘଟିଲେ/ପୂର୍ବ ଜନ୍ମଜନ୍ମାନ୍ତରର ସଂସ୍କାରକ୍ରମେ ସେ ଗୁରୁଦ୍ୱାରକୁ ଆସି ଗୁରୁବରଣ କରି ଧାରା ଧାରଣ ପରେ ନିତ୍ୟଦିନର ଅଭ୍ୟାସ କର୍ମଯୋଗରେ ଅଭ୍ୟସ୍ତ ହେଲାପରେ, ପିଣ୍ଡରେ ଥିବା ଗୃଧାନିକ ସ୍ନାୟୁମଣ୍ଡଳ ପ୍ରକୃତ ଜ୍ଞାନରସ ପାନ ନିମନ୍ତେ ଜୀବର ମନକୁ ବଳାଇ ଥାଆନ୍ତି । ଏହି ଗୃଧାନିକ ସ୍ନାୟୁମଣ୍ଡଳରେ ଜୀବ ପିଣ୍ଡରେ ଇନ୍ଦ୍ରିୟ ଓ ଇନ୍ଦ୍ରିୟଗଣ ସ୍ୱରୂପରେ ଦେବତାମାନେ ଠୁଳ ହୁଅନ୍ତି । ସେମାନେ ବ୍ରହ୍ମା ଅର୍ଥାତ୍ ରୌଷିକ ସ୍ନାୟୁର ନିକଟବର୍ତ୍ତୀ ହୁଅନ୍ତି । ଏହି ରୌଷିକ ସ୍ନାୟୁ ବ୍ରହ୍ମଦଣ୍ଡ ବା ମେରୁଦଣ୍ଡରେ ଅବସ୍ଥିତ । ଏହି ପଥରେ ବ୍ରହ୍ମ ଆତ୍ମା ସ୍ୱରୂପରେ ଗତିଶୀଳ ଅଟନ୍ତି ।

ଅଷ୍ଟାଙ୍ଗ ଯୋଗ ପ୍ରକ୍ରିୟାରେ ମୂଳାଧାରରୁ କୁଣ୍ଡଳିନୀଶକ୍ତି ବ୍ରହ୍ମଦଣ୍ଡନାଡ଼ରେ ଚକ୍ରଭେଦ କରି ସହସ୍ରାରେ ଶିବଙ୍କ ସହିତ ମିଳିତ ହେଲେ ସମଗ୍ରପିଣ୍ଡ ଜ୍ଞାନମୟ ହୋଇଯାଏ । ଏହାକୁ 'ସମଗ୍ର ବିଶ୍ୱ ଦୁଗ୍ଧ ପରିପୂର୍ଣ୍ଣ ହେବା' ବୋଲି କୁହାଯାଇଅଛି । ଏହି ଅବସ୍ଥାରେ ଯୋଗୀର ସୌରୀସୃକଃ ସ୍ନାୟୁରେ ପୂର୍ଣ୍ଣତଃ ପୂର୍ଣ୍ଣବ୍ରହ୍ମଜ୍ଞାନତତ୍ତ୍ୱ ଠୁଳ ହୋଇ ରହିଥାଏ ।

* * * * *

ଯୋଗମାର୍ଗ ନୁହେଁ ସହଜ
ଯୋଗପଥ ଖସରା ।
ଅଭ୍ୟାସ କରିଲେ ସହଜ
ପୁଣି ସରଳ ପରା ॥
ବଚନ ମଧୁର ଏ ନୁହେଁ
ଏ ଯେ ତିକ୍ତ କଷାୟ ।
ଅନୁଭବ ଯେହୁ କରଇ
ତ୍ୟାଗ କରେ ବିଷୟ ॥
ବିଷୟା ବିଷ ପଥ ଠେଲି
ପୀୟୂଷ ପଥେ ଚଳି ।
ଧାରାଧରି ପୃଷ୍ଠରେ
ଦିଅ କାଳକୁ ଟାଳି ॥

# ମହାପୁରୁଷ ଅଚ୍ୟୁତଙ୍କ ବିରଚିତ 'ଜ୍ୟୋତିଃ ସଂହିତା'ରୁ ଉଦ୍ଧୃତାଂଶର ବ୍ୟାଖ୍ୟା

ମହାପୁରୁଷ ଅଚ୍ୟୁତାନନ୍ଦ 'ଅଣାକାର ସଂହିତା'ରେ ଉଲ୍ଲେଖ କରିଅଛନ୍ତି ଯେ, ସେ ସେତେବେଳକୁ (ଅଣାକାର ସଂହିତା ରଚନା କାଳ ବେଳକୁ) ୩୬ (ଛତିଶ) ଗୋଟି ସଂହିତା ରଚନା କରି ସାରିଥିଲେ । ତତ୍ପରବର୍ତ୍ତୀ କାଳରେ ସେ ଆଉ କେତେଗୋଟି ସଂହିତା ରଚନା କଲେ, ତାହାର ଆକଳନ ଏ ଯାବତ୍ ବିଧିବଦ୍ଧ ଭାବରେ ସଠିକ ନିର୍ଦ୍ଧାରଣ ହୋଇ ପାରିନାହିଁ । କେତେକ ସ୍ଥଳରେ ସଂହିତାକୁ ଗୀତା ଭାବରେ ମଧ୍ୟ ନାମ କରଣ କରାଯାଇଥିବାର ପ୍ରମାଣ ମିଳେ । ଏପରିକି 'ଅବାଡ଼ ସଂହିତା'କୁ କେତେକ ତାଳପତ୍ର ପୋଥିରେ 'ଅବାଡ଼ବର୍ଣ୍ଣନା' ବୋଲି ନାମକରଣ କରାଯାଇଅଛି । ତେଣୁ ଅଚ୍ୟୁତଙ୍କର ସୃଷ୍ଟି ସମ୍ଭାରକୁ ସଂପୂର୍ଣ୍ଣ ରୂପେ କଳନା କରିବା ଦୁଃସାଧ୍ୟ, କଷ୍ଟସାଧ୍ୟ ମଧ୍ୟ ।

'ଜ୍ୟୋତିଃ ସଂହିତା' ଯୋଗ ସାଧନର ଏକ ନିର୍ଦ୍ଦିଷ୍ଟ ଧାରାକୁ କେନ୍ଦ୍ର କରି ରଚିତ । ଜ୍ୟୋତିଃ ସଂହିତାର ୮୧ ଗୋଟି ପଦରୁ ମାତ୍ର ୧୨ ଗୋଟି ସୁନିର୍ବାଚିତ ପଦ ଉଦ୍ଧୃତ ହୋଇ 'ଚରମ'ର ଏହି ପାଖୁଡ଼ାରେ ସଂଯୁକ୍ତ କରାଯାଇଅଛି ଓ ଉଦ୍ଧୃତାଂଶର ସରଳ, ସହଜ ବ୍ୟାଖ୍ୟା ପାଠକମାନଙ୍କର ଅବଗତି ନିମନ୍ତେ ନିମ୍ନରେ ଦିଆଯାଉଅଛି ।

ଆସନ ବୋଇଲେ ଯୋଗାଭ୍ୟାସ ନିମନ୍ତେ ଶ୍ରୀଗୁରୁଙ୍କ ନିର୍ଦ୍ଦିଷ୍ଟ ସ୍ଥୂଳ ଧ୍ୟାନ ଆସନ । ଏହା ଅଷ୍ଟାଙ୍ଗ ଯୋଗର ଏକ ବିଶେଷ ଅଙ୍ଗ । ଯୋଗୀ ଏହି ନିର୍ଦ୍ଦିଷ୍ଟ ସ୍ଥୂଳ ଆସନରେ ଘଣ୍ଟାଘଣ୍ଟା, ଦିନ ଦିନ ଧରି ସର୍ବ ସହଜ ଓ ସୁଖରେ ବସି ରହିପାରିଲେ, ତାଙ୍କର ଆସନ ସିଦ୍ଧି ହେଲା ବୋଲି ଅନୁଭବରେ ଆଣି ପାରନ୍ତି । ଅମନ ବୋଇଲେ ବ୍ୟୋମ, ଆକାଶ, ଶୂନ୍ୟ, ମହାଶୂନ୍ୟ । ଅମନ ମନ୍ଦିର ବୋଇଲେ ଶୂନ୍ୟ ମନ୍ଦିର । ନିରକାରଙ୍କର ଠୁଳଭାବକୁ ଚିତ୍ତକୋଷରେ ଠୁଳେଇ ପାରିବାକୁ ଏଠାରେ ବ୍ୟକ୍ତ କରାଯାଇଅଛି । ଯୋଗୀର ଆସନ ସିଦ୍ଧି ପରେ ଧାରଣା ଓ ଧ୍ୟାନ ସିଦ୍ଧି ସ୍ତରରେ ଏହି ଠୁଳ ଭାବରେ ନିମଜ୍ଜିତ ହୋଇ ଯୋଗୀ ସମାଧି ସ୍ତରକୁ ଆଗେଇ ଯାଇ ପାରନ୍ତି ॥୫୪॥

'ଜ୍ୟୋତିଃ' ହେଉଛି ବତିଶ କଳା ମଧ୍ୟରୁ ଏକ କଳା । ଜ୍ୟୋତିଃଚକ୍ର (ହ୍ରୀଂ)ର ସ୍ଥାନ ଦୁଇଭ୍ରୂଲତା ମଧ୍ୟରେ ଅବସ୍ଥିତ ତ୍ରିକୂଟ ସନ୍ଧିରେ । ଜ୍ୟୋତିଃବ୍ରହ୍ମ ବୋଇଲେ ଠୁଳବ୍ରହ୍ମ । ଧ୍ୟାନରେ ବସି ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ର ଜପି ତ୍ରିକୂଟ ସନ୍ଧିରେ ଠୁଳବ୍ରହ୍ମଙ୍କୁ ଧ୍ୟାନ କରାଯାଏ । ପ୍ରାଣାୟାମ ଶୋଧନ କରି ନିଃଶ୍ୱାସ ପ୍ରଶ୍ୱାସର ବେଗ ନିୟନ୍ତ୍ରଣ କରି ଚାନ୍ଦ୍ରାୟଣୀ ସୂତ୍ର ବା ବାମ ନାସପୁଡ଼ାରେ ପବନ ଧିର ଗତିରେ ସୂତାଖିଅ ପରି ଚାଳନା କରି ଧ୍ୟାନଜପ କରିବା ପାଇଁ ମହାପୁରୁଷ ଅଚ୍ୟୁତ ଏଠାରେ ନିର୍ଦ୍ଦେଶ କରି ଅଛନ୍ତି ॥୫୫॥

ଯୋଗୀ ଶ୍ରୀଗୁରୁଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସାଧନ ପ୍ରଣାଳୀରେ ଯୋଗ ଆଚରଣ କଲେ, ଶ୍ୱେତ ଅର୍ଥାତ୍ ଜ୍ଞାନମୟ କୋଷର ବର୍ଣ୍ଣରୁ ତ୍ୟାଗଜ୍ଞାନ ଆହରଣ, ପୀତ ଅର୍ଥାତ୍ ସୌରୀ ଜ୍ଞାନମୟ କୋଷର ବର୍ଣ୍ଣରୁ ବୈରାଗ୍ୟ ପ୍ରକରଣ କ୍ରିୟା ଆହରଣ, ନୀଳ ଅର୍ଥାତ୍ ବ୍ରହ୍ମମୟ ଜ୍ଞାନ କୋଷର ବର୍ଣ୍ଣରୁ ବ୍ରହ୍ମଜ୍ଞାନ ଉଦୟ ଆହରଣ ଏବଂ ଲୋହିତ ଅର୍ଥାତ୍ ଭୌମୀମୟ ଜ୍ଞାନକୋଷର ବର୍ଣ୍ଣରୁ ସନ୍ୟାସ ସୂତ୍ର ଓ ସଂକଳ୍ପ ବଦ୍ଧ ହେବା ଜ୍ଞାନ ଆହରଣ କରନ୍ତି । ଏହି ଅବସ୍ଥାରେ ଯୋଗୀର ତ୍ରିକୂଟସ୍ଥ ଗୁମ୍ଫାରେ ଜ୍ୟୋତିଃବ୍ରହ୍ମ ଅର୍ଥାତ୍ ଠୁଳବ୍ରହ୍ମ ଏକ ଉଜ୍ଜ୍ୱଳ ଜ୍ୟୋତିବିନ୍ଦୁ ସ୍ୱରୂପରେ ଉଦୟ ହୋଇ ଯୋଗୀଙ୍କୁ ଦର୍ଶନ ଦାନ କରିଥାଆନ୍ତି ॥୫୬॥

ଅଖଣ୍ଡ ବୋଇଲେ ପୂର୍ଣ୍ଣବ୍ରହ୍ମ । ଏହା ଆଂଶିକ ବା ଖଣ୍ଡିତ ନୁହନ୍ତି । ମଣ୍ଡଳର ଅର୍ଥ ଏଠାରେ ଜ୍ୟୋତିଃମଣ୍ଡଳ । ଯୋଗୀର ତ୍ରିକୂଟ ଗୁମ୍ଫାରେ ପୂର୍ଣ୍ଣବ୍ରହ୍ମଙ୍କର ଜ୍ୟୋତିଃ (କିରଣ) ମଣ୍ଡଳ ଆକାରରେ ପ୍ରକାଶ ପାଇଲେ, ଯୋଗୀଙ୍କର ହୃଦୟରୁ ବ୍ରହ୍ମଜ୍ଞାନ ଉଦୟ ହୁଏ । ଏହାକୁ ପରାଜ୍ଞାନ କୁହାଯାଏ । ଯୋଗୀ ବ୍ରହ୍ମଜ୍ୟୋତିଃ ଦର୍ଶନ କରି ଅପାର ଜ୍ଞାନର ଅଧିକାରୀ ହୋଇ ପାରନ୍ତି ॥୫୭॥

ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟ ଶିଷ୍ୟ ରାମଦାସଙ୍କୁ କୁମର ବୋଲି ସ୍ନେହରେ ସମ୍ବୋଧନ କରି କହୁଅଛନ୍ତି ଯେ, ଯୋଗୀ ଯୋଗମାର୍ଗରେ ଗତି କରି ଜ୍ୟୋତିଃବ୍ରହ୍ମଙ୍କୁ ଦର୍ଶନ କଲେ, ଯୋଗ ସିଦ୍ଧ ଅବସ୍ଥା ପ୍ରାପ୍ତହେଲେ ଏହା ନିଶ୍ଚିତ ଭାବରେ ବିଶ୍ୱାସ କରିବେ । ଏହି ବିଶ୍ୱାସ ଅନୁଭୂତି ସିଦ୍ଧ ଅଟେ । ଏହା ମୁହଁର କଥାନୁହେଁ ॥୫୮॥

ଯୋଗୀ ଯୋଗ ମାର୍ଗରେ ଅଗ୍ରସର ହେବା କାଳରେ ଏହି ନିର୍ଦ୍ଦିଷ୍ଟ ଧାରା ଅନୁସାରେ ପ୍ରତିଦିନ ଯୋଗ ସାଧନା ଅଭ୍ୟାସ କଲେ, ବ୍ରହ୍ମଦର୍ଶନ/ଜ୍ୟୋତିଃ ଦର୍ଶନ ରୂପକ ଦିବ୍ୟଭୁବନର ପଥ ଆଦୌ ଅବରୋଧ ନହୋଇ ତାହା ଉନ୍ମୁକ୍ତ, କୁସୁମିତ ଓ ସୁରଭିତ ନିଶ୍ଚିତ ଭାବରେ ହେବ ହିଁ ହେବ ।।୫୯।।


ବିଶ୍ୱର ସମସ୍ତ ଯୋଗୀମାନଙ୍କୁ ଉପଦେଶ ଛଳରେ ମହାପୁରୁଷ ଅଚ୍ୟୁତ ନିର୍ଦ୍ଦେଶ ଦେଇ କହୁଅଛନ୍ତି ଯେ, ଯୋଗ ମାର୍ଗରେ ଅଭ୍ୟାସ ସାଧନା କରି ଯେପରି ଏହି ଜନ୍ମରେ ଜ୍ୟୋତିଃବ୍ରହ୍ମଙ୍କୁ ସାଧନାରେ ସାଧନ କରି ଯୋଗସିଦ୍ଧ ହୋଇ ପାରିବ, ସେଥି ନିମନ୍ତେ ପ୍ରତିଦିନ ଅଭ୍ୟାସ କର୍ମଯୋଗ ସାଧନା ନିରବଚ୍ଛିନ୍ନ ଭାବରେ ଚଳାଇ ରଖିବା ଏକାନ୍ତ ଆବଶ୍ୟକ ଅଟେ ।।୬୦।।

ଶୁକ୍ଳପକ୍ଷର ଚନ୍ଦ୍ର ଯେପରି ପ୍ରତିପଦ୍ ତିଥିଠାରୁ କ୍ରମଶଃ ବୃଦ୍ଧିପ୍ରାପ୍ତ ହୋଇ ପୂର୍ଣ୍ଣିମା ତିଥିରେ ସଂପୂର୍ଣ୍ଣ ଚନ୍ଦ୍ର ରୂପେ ବିକଶିତ ହୋଇ ଉଦୟାସ୍ତ ହୁଏ, ସେହିପରି ଯୋଗୀ ଦୃଢ଼ ସଂକଳ୍ପବଦ୍ଧ ହୋଇ ଯୋଗମାର୍ଗରେ ପାଦଚାଳି ପ୍ରତିଦିନ ଅଭ୍ୟାସ ସାଧନା କଲେ, ପର୍ଯ୍ୟାୟ ଭୋଗ ଅନ୍ତରେ ପୂର୍ଣ୍ଣ ଜ୍ୟୋତିବ୍ରହ୍ମ ମଣ୍ଡଳ ଅବଶ୍ୟ ଦର୍ଶନ କରନ୍ତି, କରି ପାରିବେ ।।୬୧,୬୨।।

ଯୋଗୀ ଯୋଗାଭ୍ୟାସରେ ନିରବଚ୍ଛିନ୍ନ ଭାବରେ ଦୃଢ଼ ରହିଲେ, ତାହାର ସକଳ ପାପ ଅର୍ଥାତ୍ ବିକେନ୍ଦ୍ରିୟ ବୃତ୍ତିର ସଂପୂର୍ଣ୍ଣ ଛେଦନ ହୋଇ ସତ୍ୟେନ୍ଦ୍ରିୟ ବୃତ୍ତି ସକଳ ସଂପୂର୍ଣ୍ଣ ବିକାଶ ଲାଭ କରିବ । ଫଳତଃ ଯଥା ସମୟରେ ସେ ପୂର୍ଣ୍ଣ ଜ୍ୟୋତିଃ ମଣ୍ଡଳରେ ବ୍ରହ୍ମଙ୍କୁ ଦିବ୍ୟ ଭୁବନ ଅର୍ଥାତ୍ ସପ୍ତସୌରୀ ସମ୍ବନ୍ଧୀୟ ଜ୍ଞାନତତ୍ତ୍ୱ ଅନୁସାରେ ଯୋଗମାର୍ଗରେ ବ୍ରହ୍ମଦର୍ଶନ କରି ଅନୁଭବରେ ଗଚ୍ଛିତ ରଖି ପାରିବେ । ପ୍ରାଥମିକ ଅବସ୍ଥାରେ ଯୋଗୀ ମାୟାବ୍ରହ୍ମ ଅନୁଭବ କରନ୍ତି । ଏହା ସ୍ଥୂଳରେ ଅନୁଭୂତ ହୁଏ । ତତ୍ପରବର୍ତ୍ତୀ ଅବସ୍ଥାରେ ଯୋଗୀ ଯୋଗ ସାଧନାରେ ରତ ରହିଲେ, ସୂକ୍ଷ୍ମରେ ଜ୍ୟୋତିବ୍ରହ୍ମ ଦର୍ଶନ କରି ଅନୁଭବରେ ଆଣି ପାରନ୍ତି ।।୬୩,୬୪।।

ଯୋଗୀର ପୂର୍ଣ୍ଣ ସମାଧି ଅବସ୍ଥା ହୋଇ ସାରିଲେ, ଯୋଗୀ ଯେତେବେଳେ ଇଚ୍ଛା କରିବେ ପୂର୍ଣ୍ଣବ୍ରହ୍ମଙ୍କର ଜ୍ୟୋତିଃ ମଣ୍ଡଳ ସଂପୂର୍ଣ୍ଣ ଭାବରେ ଦର୍ଶନ କରିପାରିବେ । ପୁଣି ଯୋଗୀର ଇଚ୍ଛାନୁସାରେ ସେ ଜ୍ୟୋତିଃ ଅଙ୍ଗରେ ନିଜେ ସଂପୂର୍ଣ୍ଣ ଲୀନ ହୋଇ ଯାଇ ପାରିବେ । ଏହି ଅବସ୍ଥା ପ୍ରାପ୍ତି ପୂର୍ବରୁ ସକଳ ଜାଗତିକ ମାୟା ଲୋପ ହୋଇ ଯାଇଥାଏ । ଯୋଗୀ ଆଦୌ ମୋହଗ୍ରସ୍ତ ହୁଏ ନାହିଁ । ସକଳ ବିକାର ଲୋପ ହୋଇଯାଏ । ଯୋଗୀର ଚେତନାରେ ତ୍ୟାଗ, ଭାବ, ପ୍ରେମ, ଅନୁରାଗ ପୂର୍ଣ୍ଣ ଜାଗ୍ରତ ଅବସ୍ଥାରେ ରହେ । ପ୍ରଭୁଙ୍କର ପାଦପଦ୍ମରେ ଅହରହ ମନ ଅନୁରାଗ ଭାବ ସମର୍ପିତ ହୋଇ ରହିଥାଏ ।

*''ଏ ଯୋଗ ମାର୍ଗର ବିଧାନ ।*
*ଯୋଗୀଏ କର ସାବଧାନ ।।*
*ଯୋଗ ନ କରି ଆଶା କଲେ ।*
*ନିରାଶ ହୋଇବଟି ଭଲେ ।।*
*ଯେ ଯୋଗୀ ଯାଏ ଯେତେ ଦୂର ।*
*ସେ ଜାଣେ ତାହାର ପ୍ରକାର ।।*
*ବଚନ କଥା ନୁହେଁ ଏହା ।*
*ଯୋଗରେ ମିଳିଥାଏ ତାହା ।।*
*ବିଶ୍ୱାସ କର ବା ନ କର ।*
*ଯୋଗୀ ଜାଣଇ ଏ ବେଭାର ।।''*



# ନୀଳଚକ୍ର ଚରମର ସଙ୍କେତ

## ପ୍ରାର୍ଥନା : ( ୨ ) :

**ଆ**ତ୍ମଶୁଦ୍ଧି ଏବଂ ଚିତ୍ତଶୁଦ୍ଧି ପାଇଁ ଧ୍ୟାନ ଏବଂ ପ୍ରାର୍ଥନା ଏକାନ୍ତ ଅପରିହାର୍ଯ୍ୟ । ହିନ୍ଦୁ ମାନଙ୍କ ପାଇଁ ତ୍ରିସନ୍ଧ୍ୟା ଏବଂ ମୁସଲମାନ ମାନଙ୍କ ପାଇଁ ଦିନକୁ ପାଞ୍ଚଥର ନମାଜ (ପ୍ରାର୍ଥନା) କରିବା ପାଇଁ ନିଜନିଜର ଧର୍ମଶାସ୍ତ୍ରରେ ଉପଦେଶ ଦିଆଯାଇଛି । ସେହିପରି ପୃଥିବୀର ସବୁ ଧର୍ମରେ ପ୍ରାର୍ଥନାର ଗୁରୁତ୍ୱ ସମ୍ବନ୍ଧରେ ନିର୍ଦ୍ଦେଶ ଅଛି । ସବୁଯୁଗରେ ଯୁଗପୁରୁଷମାନେ ପ୍ରାର୍ଥନାର ଗୁରୁତ୍ୱ ଉପଲବ୍ଧି କରି ପ୍ରାର୍ଥନା ଓ ଧ୍ୟାନାଦି ପାଇଁ ବିଶ୍ୱମାନବକୁ ପ୍ରେରଣା ଦେଇଯାଇଅଛନ୍ତି ।

ଆଶା, ବିଶ୍ୱାସ, ଉଦ୍‌ବେଗ, ଭକ୍ତି ଇତ୍ୟାଦି ଆନ୍ତରିକ ଭାବ ସମୂହର ସମନ୍ୱିତ ଉଚ୍ଛ୍ୱାସର ଭାଷାୟନକୁ ପ୍ରାର୍ଥନା କୁହାଯାଏ । ଏହା ପଦ୍ୟ, ଗଦ୍ୟ ଯେକୌଣସି ଭାଷାରେ ମଧ୍ୟ ହୋଇପାରେ । ସଂସ୍କୃତ, ଇଂରାଜୀ, ହିନ୍ଦୀ, ଓଡିଆ, ଇତ୍ୟାଦି ପୃଥିବୀର ଯେକୌଣସି ଭାଷାରେ ପ୍ରାର୍ଥନା କରାଯାଇପାରେ । ଏହାପୁଣି ଗଦ୍ୟ ପଦ୍ୟର ଭେଦଭାବ ରଖେ ନାହିଁ । ମନୋଭାବକୁ ପ୍ରକାଶ କରିବା ପାଇଁ ଆକାଂକ୍ଷିତ ପ୍ରାଣୀ ଉପରୋକ୍ତ ଯେକୌଣସି ଭାବ ବା ଭାଷାରେ ଭାବନାର ମାଧ୍ୟମ ରୂପେ ବାଛି ନେଇ ପ୍ରାର୍ଥନା କରିପାରେ ।

ପ୍ରାର୍ଥନା ଏକ ସହଜ, ସୁଲଭ, ସାବଲୀଳ, ସାର୍ଥକ ଏବଂ ମନୋଜ୍ଞ ଶବ୍ଦ । ଏହା ଏପରି ଏକ ସାଧାରଣ ଶବ୍ଦ ଯେ, ଆମେ ଏହାକୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହାର କରି ପାରୁଛେ । ଏଥିରେ ସ୍ପଷ୍ଟ ଅନୁମେୟ ଯେ, ଏହି ଶବ୍ଦଟି ଅତ୍ୟନ୍ତ ବ୍ୟାପକ ଓ ସୁଦୂରପ୍ରସାରୀ । ସ୍ତୁତି, ସ୍ତବ, ବନ୍ଦନା, ଭଜନ, କୀର୍ତ୍ତନ, ଜଣାଣ ପରି ଏହା ପ୍ରାଣୀ ଆତ୍ମାର ଏକ ସମ୍ବେଦନ ପୂର୍ଣ୍ଣ ଅଭିବ୍ୟକ୍ତି, ପରିପ୍ରକାଶ ଓ ସହଜାତ ପ୍ରବୃତ୍ତି ।

ପ୍ରାର୍ଥନା ଦ୍ୱାରା କେତେକ ସୂକ୍ଷ୍ମ ଓ କେତେକ ସ୍ଥୂଳ କ୍ରିୟା ଆମ ମଧ୍ୟରେ ଘଟିଥାଏ । ଏହା ଦ୍ୱାରା ସ୍ମୃତିଶକ୍ତି ଅଧିକ ଜାଗ୍ରତ ଓ ବଳିଷ୍ଠ ହୋଇଥାଏ । ପ୍ରାର୍ଥନା ଓ ଧ୍ୟାନ ସଂଯମ ଏବଂ ଏକାଗ୍ରତା ରୂପକ ମହାଧନ ପ୍ରାପ୍ତିର ସାଧନ ଅଟେ । ବେଦକୁ ଶ୍ରୁତି କୁହାଯାଏ; କାରଣ ବୈଦିକଯୁଗର ପ୍ରାଚୀନ ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ଗୁରୁଙ୍କର ମୁଖନିଃସୃତ ବେଦମନ୍ତ୍ର ଗୁଡିକୁ ଶୁଣିଶୁଣି ମନେ ରଖୁଥିଲେ । ଏହା ସେମାନଙ୍କ ଦ୍ୱାରା ସେତେବେଳେ ସମ୍ଭବ ହୋଇପାରିଥିଲା । କାରଣ, ସେମାନେ ପ୍ରତ୍ୟହ ସଂଜ ସକାଳେ ଗୁରୁକୁଳ ଆଶ୍ରମରେ ଶ୍ରଦ୍ଧା ଓ ଏକାଗ୍ରତାର ସହିତ ସମବେତ ପ୍ରାର୍ଥନା କରୁଥିଲେ, ସମବେତ ଧ୍ୟାନ କରୁଥିଲେ ।

ପ୍ରାଚୀନ କାଳରେ ଗୁରୁକୁଳ ଆଶ୍ରମରେ ପ୍ରତ୍ୟୁଷ ଆରମ୍ଭ ହେଉଥିଲା ଭଗବତ୍ ପ୍ରାର୍ଥନାରୁ । ଓଁ କାର ସହିତ ପ୍ରାର୍ଥନାର ମଧୁର ସଂଯୋଗରେ ଶ୍ୟାମଳ ଘନ ବନଦେଶର ବାତାବରଣରେ ଯେଉଁ ମଧୁମୟ ଗୁଞ୍ଜରଣ ସୃଷ୍ଟି ହେଉଥିଲା, ତାହା ସକଳ ଆତ୍ମାରେ ଗଭୀର ଶାନ୍ତି ଭରିଦେଉଥିଲା । ସେହିପରି ଧ୍ୟାନ ଓ ପ୍ରାର୍ଥନା କାଳୀନ ଦୀପମାଳାର କମ୍ର ଆଲୋକ, ଝୁଣା ଗୁଗ୍‌ଗୁଳ, କର୍ପୂର ଧୂମର ମନୋଜ୍ଞ ସୁଗନ୍ଧ ସହିତ ସମବେତ ପ୍ରାର୍ଥନା ବାତାବରଣ ଓ ପରିବେଶକୁ କେତେ ପବିତ୍ର, ସୁଖକର ଏବଂ ଶୁଚିମନ୍ତ କରି ତୋଳୁଥିଲା ।

ଏତାଦୃଶ ପବିତ୍ର ବାତାବରଣ ଓ ନିର୍ମଳ ପରିବେଶରେ ସେ ସମୟର ଜନପଦର ପ୍ରତ୍ୟେକ ନାଗରିକ ଭଗବତ୍ ସତ୍ତାକୁ ପ୍ରାଣେ ପ୍ରାଣେ ଅନୁଭବ କରି ଭଗବତ୍ ପ୍ରେମରେ ତଲ୍ଲୀନ ହୋଇ ଯାଉଥିଲେ । ଫଳତଃ ସେମାନଙ୍କର ଦୈହିକ ଜୀବନଥିଲା ନିରଳସ, ନିରାଡ଼ମ୍ବର, ମାନସିକ ଜୀବନ ଥିଲା ନିରହଂକାର, ନିଃସନ୍ଦେହ ଏବଂ ନିରଙ୍କୁଶ ।

ପ୍ରାର୍ଥନା ଏବଂ ଧ୍ୟାନ ମନକୁ ବହିଃର୍ମୁଖୀ ନ କରି ଅନ୍ତଃର୍ମୁଖୀ କରାଇଥାଏ । ମନ ଅନ୍ତଃର୍ମୁଖୀ ହେଲେ, ପ୍ରାର୍ଥନା ଦ୍ୱାରା ସଂଗୃହୀତ ପ୍ରାଣୀକଶକ୍ତି ପ୍ରାଣୀଠାରେ ସଞ୍ଚିତ ଓ ଠୁଳ ହୋଇରହେ । ଏହା ମନକୁ ଶାନ୍ତ ଶୀତଳ ଏବଂ ଦେହକୁ ନୀରୋଗ କରେ । ଏହାଦ୍ୱାରା ଜୀବର ଚିନ୍ତା ଚେତନା ଜାଗ୍ରତ ହୁଏ । ଭକ୍ତିଭାବ ଉଦ୍ରେକ ହୁଏ ଏବଂ ମାନସିକ ଏକାଗ୍ରତା ଆସେ । ମାନସିକ ଏକାଗ୍ରତା ଦ୍ୱାରା ଲୟ,ଧେୟ ଠିକ୍ ରୂପେ ହୋଇଥାଏ । ସ୍ମୃତିଶକ୍ତି ବୃଦ୍ଧିପ୍ରାପ୍ତ ହୁଏ ।

ଆତ୍ମୀୟତା ଓ ଆଗ୍ରହହୀନ, ଅନୁରାଗ ଓ ଶ୍ରଦ୍ଧାବିହୀନ ପ୍ରାର୍ଥନାରେ ଚିନ୍ତା ଓ ଚେତନାର ବିକାଶ ହୋଇପାରେ ନାହିଁ । ଏହି ପରି ନିରର୍ଥକ ପ୍ରାର୍ଥନାରେ ମାନସିକ ଏକାଗ୍ରତା ମଧ୍ୟ ସୃଷ୍ଟି ହୁଏ ନାହିଁ । ପ୍ରାର୍ଥନା ଓ ଧ୍ୟାନ ସମୟରେ ପ୍ରାର୍ଥନା ଓ ଧ୍ୟାନ ସହିତ ସମ୍ପର୍କ ସ୍ଥାପନ କରାଯାଇ ନ ପାରିଲେ,ଏହା ଦ୍ୱାରା ଯେଉଁ ଶାନ୍ତି,ଶୃଙ୍ଖଳା ଏବଂ ତପୋମୟ ପରିବେଶ ସୃଷ୍ଟି ହେବା କଥା, ତାହାହୋଇପାରେ ନାହିଁ,ହୋଇପାରୁ ନାହିଁ ମଧ୍ୟ । ଫଳରେ ପ୍ରାର୍ଥନା ଓ ଧ୍ୟାନ ଏକ ପ୍ରହସନରେ ପରିଣତ ହୋଇଛି । ତଦ୍ୱାରା ଫଳପ୍ରାପ୍ତି ତେଣୁ ଶୂନ୍ୟରେ ପର୍ଯ୍ୟବସିତ ।

ପ୍ରାର୍ଥନା ଓ ଧ୍ୟାନ କରିବାର ଏକ ଶୈଳୀ ରହିଛି । ତାହା ସମସ୍ତଙ୍କୁ ଧାରା ଦେବା ସମୟରେ ଶିକ୍ଷା ଦିଆଯାଉଛି । ଅଭ୍ୟାସ ଅଭାବରୁ ଏହି ଶୈଳୀ ଅଧିକାଂଶଙ୍କର ଆୟତ୍ତକୁ ଆସିପାରିନାହିଁ । ସେଥିପ୍ରତି ଯତ୍ନଶୀଳ ହେବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ । ନଚେତ୍ ଫଳ ଲାଭ ହେବନାହିଁ । ପ୍ରାର୍ଥନାକାଳୀନ ଆସନ, ମୁଦ୍ରା, ଲୟ, ଧେୟ, ସ୍ୱର, ତାଳ ସବୁକିଛି ମନେରଖି ଶିଖିବାକୁ ହୁଏ, ହେବ । ପ୍ରାର୍ଥନା ପରି ଧ୍ୟାନସମୟର ଆସନ, ମୁଦ୍ରା, ମନ୍ତ୍ର,ଲୟ,ଧେୟ ଆଦିକୁ ସ୍ମରଣରେ ରଖି ଅଭ୍ୟାସ କରିବା ବାଞ୍ଛନୀୟ । ତାହା ନକରି ମନରେ ଆଗ୍ରହ, ଅନୁରାଗ, ଶ୍ରଦ୍ଧା, ନିଷ୍ଠା, ଭକ୍ତି, ଭାବ ରଖି ନିଜନିଜର ଇଚ୍ଛାନୁସାରେ ଯେନତେନ ପ୍ରକାରେଣ ଧର୍ମକୁ ଆଖିଠାର ମାରି ତୁରନ୍ତ ପ୍ରାର୍ଥନା ଓ ଧ୍ୟାନ ଶେଷ କରିଦେଇ ମନେ ମନେ ଆତ୍ମସନ୍ତୋଷ ଲାଭ କରି ଫଳ କ'ଣ ବା ପାଇପାରିବ ? ଏପରିକି ଅନେକ ଧ୍ୟାନପ୍ରାର୍ଥନା କରିବାକୁ ଆସୁଛନ୍ତି ମାତ୍ର କାୟା, ବସ୍ତ୍ର, ଆସନ ଓ ସ୍ଥାନାଦିଶୁଚି ପ୍ରତି ଆଦୌ ଲକ୍ଷ୍ୟ ଦେଉନାହାନ୍ତି । ଏହା ଅତ୍ୟନ୍ତ ପାପାଚାର ଅଟେ । ସାଧନମାର୍ଗର ପ୍ରାଥମିକସ୍ତରରେ ରହି ମଧ୍ୟ ନିଜକୁ ସିଦ୍ଧଶରୀର ବୋଲି ଜ୍ଞାନକରି ଆପଣା ଆପେ ଆପଣାର ବ୍ୟକ୍ତିଗତ ଆଚରଣ ନିର୍ବାଚନ କରିନେବା ପରି ପ୍ରତାରଣାପୂର୍ଣ୍ଣ କାର୍ଯ୍ୟ ଆଉଅଧିକ କ'ଣ ଥାଇପାରେ ?

ପ୍ରାଚୀନ ବୈଦିକଯୁଗର ଭାରତୀୟ ଶିକ୍ଷା-ସଂସ୍କୃତି, ଆଧ୍ୟାତ୍ମିକତାର ବାତାବରଣକୁ ଫେରାଇଆଣିବାର ଦାୟିତ୍ୱ ଆମ୍ଭମାନଙ୍କର । ତେଣୁ ସର୍ବପ୍ରଥମେ ନିଜନିଜକୁ ଶୁଚିମନ୍ତ କରି ପ୍ରାର୍ଥନା ଓ ଧ୍ୟାନରେ ମନପ୍ରାଣଦେବା ଆବଶ୍ୟକ । ଧୂପ, ଦୀପ, ଝୁଣା, ଗୁଗ୍ଗୁଳ, କର୍ପୂର, ଅଗୁରୁ, ଚନ୍ଦନ, ପୁଷ୍ପମାଲ୍ୟାଦି ଦ୍ୱାରା ଗୃହ ଓ ଶାଖାର ପରିବେଶକୁ ଶୁଦ୍ଧ, ପୂତ, ପରିମଳଶୂନ୍ୟ, କରିବା ବାଞ୍ଛନୀୟ । ପରିଚାଳକମାନେ ଶାଖାର ପ୍ରତ୍ୟେକ ଭାଇଭଉଣୀଙ୍କୁ ପ୍ରାର୍ଥନା,ଧ୍ୟାନର ମହିମା ଓ ମହତ୍ତ୍ୱ ବିଷୟରେ ସଚେତନ କରାଇ ସ୍ୱୟଂ ଧ୍ୟାନ ଓ ପ୍ରାର୍ଥନାରେ ସକ୍ରିୟ ଅଂଶଗ୍ରହଣ କରିବା ଉଚିତ୍ । ଏହା ଦ୍ୱାରା ଧ୍ୟାନ ଓ ପ୍ରାର୍ଥନାର ଉଦ୍ଦେଶ୍ୟ ସାର୍ଥକ ଓ ସଫଳ ହେବା ସହିତ ସ୍ୱଗୃହରେ ଏବଂ ଶାଖାଗୃହରେ ଉଚିତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇପାରିବ । ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇପାରିଲେ, ଭୌତିକ ପରିବେଶ ସୁସ୍ଥ ହୋଇପାରିବ । ସମସ୍ତେ ତ୍ରିତାପଜ୍ୱାଳାରୁ ରକ୍ଷା ପାଇଯିବେ ॥

ଭଜାଣି ଆସୁଛି ଝଡ଼ ବତାଶ
ସଜାଗ ହୁଅରେ ନ ପିଇ ବିଷ ।

# ଶୈବ୍ୟା କାବେରୀ ତୀର୍ଥ ପ୍ରତିଷ୍ଠା

*ଓଡ଼ିଶା କୋହେନୂର ପ୍ରେସ୍ ପଞ୍ଜିକାରେ ପ୍ରକାଶିତ ସ୍ୱର୍ଣ୍ଣକ୍ଷେତ୍ର ଇଛବସୂଚୀ କ୍ରମରେ ଏଥରର ନିବେଦନ ''ଶୈବ୍ୟା, କାବେରୀ ତୀର୍ଥ ପ୍ରତିଷ୍ଠା ।'' ସତ୍ୟଯୁଗରୁ କଳିଯୁଗ ପର୍ଯ୍ୟନ୍ତ ବିସ୍ତୃତ ଏକ ଅପୂର୍ବ ଭକ୍ତିସୁଧା ଭକ୍ତପର୍ବତିର ଲିଖିଭୂମି । ପରମ କାରୁଣିକ, ପରମେଶ ତାଙ୍କ ବଚନ ଅନୁଯାୟୀ ପୂର୍ବଯୁଗରେ ପ୍ରଦାନ କରିଥିବା ଆଶୀର୍ବାଦକୁ ଏ ଯୁଗରେ ସାକାର କରାଇଛନ୍ତି କେନ୍ଦୁଝର ଜିଲ୍ଲାର ବୈତରଣୀ ତୀର ରାଜନଗରଠାରେ । ସେହି ଅମରଗାଥାର ସ୍ମାରକରେ ଆମର ଏଥରର ଭେଟି ''ଶୈବ୍ୟାକାବେରୀ ତୀର୍ଥ ପ୍ରତିଷ୍ଠା ।'' ।*

## ୧୪୦୫ ସାଲ ମେଷ ଦି ୨୮ ନ ବୈଶାଖ ପୂର୍ଣ୍ଣିମା, ସୋମବାର
## ସ୍ଥାନ : ରାଜନଗର (ପଣସା), ବୈତରଣୀ ତୀର, କେନ୍ଦୁଝର

ସ୍ମରଣିକା

**ଲୀ**ଳାମୟଙ୍କ ଲୀଳା ଯେତିକି ବିଚିତ୍ର, ସେତିକି ମନୋରମ । ମହାଶୂନ୍ୟରେ ୪୨ କଳ୍ପ ଭୋଗ କରାଇ ୪୩ କଳ୍ପର ପ୍ରାରମ୍ଭରେ ମର୍ତ୍ତ୍ୟଲୀଳାର କଳ୍ପନା କରିଥିଲେ ସେ ମହାନାୟକ । ସର୍ବପ୍ରଥମେ ନିଜକୁ ଦୁଇଭାଗ କରି ପୁରୁଷ ଓ ପ୍ରକୃତି ରୂପରେ ରୂପାନ୍ତରିତ ହୋଇ ଲୀଳାର ପ୍ରଥମ ପର୍ବ ଉନ୍ମୋଚନ କଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପୁରୁଷ ଅଂଶରେ ବ୍ରହ୍ମା ଓ ପ୍ରକୃତି ଅଂଶରେ ସାବିତ୍ରୀ ହୋଇ ସୃଷ୍ଟି ନିର୍ମାଣ ସମାପ୍ତ କଲେ । ମର୍ତ୍ତ୍ୟଭୂମି ସୃଷ୍ଟି ପୂର୍ବରୁ ଏହାକୁ ୫୨ଟି ଛନ୍ଦପୁଷ୍ପରେ ସଜାଇ ଦେଲେ । ପ୍ରଥମ ଛନ୍ଦରେ ରଖିଲେ ସତ୍ୟ, ଦ୍ୱାପର, ତ୍ରେତୟା ଓ କଳି । ପ୍ରତିଯୁଗରେ ହିରଣ୍ୟଗର୍ଭ ଓ ମର୍ତ୍ତ୍ୟଭୂମି ମଧ୍ୟରେ ସମନ୍ୱୟତା ରକ୍ଷାକରି ହିରଣ୍ୟଗର୍ଭରୁ ସମସ୍ତ ଜ୍ଞାନ ତତ୍ତ୍ୱ ଶିବଲୋକ ମାଧ୍ୟମରେ ମର୍ତ୍ତ୍ୟଭୂମିକୁ ଅବତରଣ କରାଇବାକୁ ନିଜର ସର୍ଜ୍ଜ, ଉର୍ଜ୍ଜ, ତ୍ରିକୂଟ ସନ୍ଧି ଓ ବୃଜିନ ଚକ୍ଷୁ ଦ୍ୱାରା ଚାରିଗୋଟି ଜ୍ଞାନୀପୁତ୍ରଙ୍କୁ (ଯଥା: ସନକ, ସନନ୍ଦ, ସନାତନ ଓ ସନତ୍‌କୁମାର) ସୃଷ୍ଟିକରି ହିରଣ୍ୟଗର୍ଭର ''ଶାଦ୍ୟୋତମଣ୍ଡଳ''ରେ ଅବସ୍ଥାପିତ କରାଇ ଦେଲେ ।

ଏହାପରେ ଯୁଗ ନିର୍ମାଣ ପ୍ରକ୍ରିୟାରେ ସତ୍ୟଯୁଗ ମର୍ତ୍ତ୍ୟଭୂମିକୁ ଅବତରଣ କଲା । ଲୀଳା ସଂପାଦନର ଦ୍ୱିତୀୟ ପର୍ଯ୍ୟାୟରେ କ୍ରିୟାଯୋଗୀ ମାନଙ୍କୁ ସୃଷ୍ଟି କରି ସାଧନସୂତ୍ର ଦେଇ ଧରାଧାମକୁ ପଠାଇଦେଲେ । ଏହି ସୁପୁତ୍ରମାନେ ପ୍ରାପ୍ତ ସୂତ୍ରର ଆଧାରରେ କଠୋର ତପ ଆଚରଣ କରି ସ୍ରଷ୍ଟାଙ୍କୁ ନିଜର କଳ୍ପିତ ରୂପରେ ଦର୍ଶନ କରି ବହୁଜ୍ଞାନର ଅଧିକାରୀ ହେଲେ ଏବଂ ସେହି ଜ୍ଞାନଗଙ୍ଗାକୁ ଧରାପୃଷ୍ଠରେ ବିଛାଡ଼ି ଦେଲେ । ଏହି ସନ୍ତାନମାନେ ମୁନି, ଋଷି, ସାଧକ ଇତ୍ୟାଦି ନାମରେ ମର୍ତ୍ତ୍ୟରେ ପରିଚିତ ହେଲେ । ଏହିଠାରୁ ଆରମ୍ଭ ହେଲା ଋଷିଯୁଗ ।

ପରାଜ୍ଞାନର ଅଧିକାରୀ ଉକ୍ତ ମୁନି, ଋଷିମାନେ ସେମାନଙ୍କ ପ୍ରଜ୍ଞା, ଧୀ ତଥା କୁଣ୍ଡଳିନୀ ଶକ୍ତିର ପ୍ରଭାବରେ ତ୍ରିକାଳଦର୍ଶୀ ହୋଇ ସୃଷ୍ଟିଚକ୍ରର ସମସ୍ତ ରହସ୍ୟ କାରଣ ଜଗତରୁ ଅବଗତ ହେଲେ ଏବଂ ନିଜର ବିବେକ, ବିଚାର ଧାରା ପ୍ରୟୋଗରେ ଜଗତ୍ କଲ୍ୟାଣ ପାଇଁ ଗୋଟିକ ପରେ ଗୋଟିଏ ବରଭିକ୍ଷା କରି ମର୍ତ୍ତ୍ୟଭୂମିକୁ ଆହୁରି କମନୀୟ କରାଇଲେ ଓ ସ୍ରଷ୍ଟାଙ୍କର ଲୀଳାଭୂମିରେ ପରିଣତ କରିଦେଲେ ।

ଉକ୍ତ ଲୀଳାମୟ ବିଚିତ୍ର ପୁରୁଷଙ୍କ ଶ୍ରୀପଦ ଦର୍ଶନ ଓ ବନ୍ଦନା ପାଇଁ କଳ୍ପରୁ ଜଣେ ତପସ୍ୱିନୀ କିପରି ପାଗଳିନୀ ହୋଇ ଅକଥନୀୟ ଘାତ, ପ୍ରତିଘାତ ସହ୍ୟ କରି ଆଜିଯାଏ ଅପେକ୍ଷା କରି ରହିଛି ତାହାରି ସମାଧାନ ହିଁ ଆଜିର ପବିତ୍ର ଉତ୍ସବ ''ଶୈବ୍ୟା, କାବେରୀ ତୀର୍ଥ ପ୍ରତିଷ୍ଠା ।'' ଆସନ୍ତୁ ଶୁଣିବା ସେହି ଅମର ଗାଥା ।

କଳ୍ପଯୁଗ ଭୋଗପରେ ସତ୍ୟଯୁଗ ଆରମ୍ଭରୁ ଶ୍ରୀବିଷ୍ଣୁଙ୍କ ନଖକୋଣରୁ ମାଆ ଗଙ୍ଗା, ଯମୁନା, ସରସ୍ୱତୀ ନାମକ ତିନିକନ୍ୟା ଜନ୍ମ ଗ୍ରହଣ କଲେ । ଜଗଦୀଶ୍ୱରଙ୍କ ଯୁଗାନୁବାଦ ଲୀଳା ସମ୍ପର୍କରେ ଅବଗତ ହୋଇ ମର୍ତ୍ତ୍ୟଧାମରେ ସଦା ବିଚରଣ କରିବାକୁ ତପସ୍ୟା କଲେ । ତପସ୍ୟାରେ ସିଦ୍ଧିଲାଭ କରି ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ରୂପ ନେଇ ମର୍ତ୍ତ୍ୟଧାମକୁ ଅବତରଣ କରି ଆସିଲେ । ପିତାଙ୍କର ମର୍ତ୍ତ୍ୟାଗମନରେ ତାଙ୍କ ପଦ ଧୌତ କରିବାପାଇଁ ଯମୁନା ଓ ସରସ୍ୱତୀ ସେମାନଙ୍କ ଇଚ୍ଛାମତେ ଅନେକ ସହଚରୀ (ନଦୀ) ସୃଷ୍ଟି କରିଦେଲେ । ତନ୍ମଧ୍ୟରୁ ଏକ ସଖୀ କାବେରୀ । କିନ୍ତୁ ସେ (କାବେରୀ) ମର୍ତ୍ତ୍ୟଗମନରୁ ବଞ୍ଚିତ ହୋଇଗଲେ । କାରଣ ସେ ସୃଷ୍ଟିହେବା ମାତ୍ରେ ତପସ୍ୟା କରିବା ପୂର୍ବରୁ 'ବୃଷୀଟକ' ନାମକ ଏକ ରାକ୍ଷସର ରୂପଲାବଣ୍ୟରେ ଆସକ୍ତ ହୋଇ ତା'ର ସହଧର୍ମିଣୀ ହେବାକୁ କାମନା କଲେ । ବିଷ୍ଣୁକନ୍ୟା ହୋଇ କାବେରୀଙ୍କର ଏପରି ଅସଙ୍ଗତ କାମନାରେ ବ୍ରହ୍ମା କ୍ଷୁବ୍ଧ ହୋଇ ଅଭିଶାପ ଦେଲେ, ''କାବେରୀ ! ମର୍ତ୍ତ୍ୟଧାମକୁ ଅବତରଣ ପୂର୍ବରୁ ତୁ କାମପ୍ରବଣା ହୋଇ ସାରିଲୁଣି । ସେଠାକୁ ଯିବାପରେ ତୁ ଆହୁରି ଅପବିତ୍ର ହେବୁ । ତେଣୁ ଅଭିଶାପ ଦେଉଛି ତୁ କଦାପି ମର୍ତ୍ତ୍ୟଧାମକୁ ଯାଇପାରିବୁ ନାହିଁ କିମ୍ବା ଆଉ ତୋର ପିତାଙ୍କ ସହ ଯୁକ୍ତ ହୋଇ ପାରିବୁ ନାହିଁ ।'' ଅଭିଶପ୍ତ କାବେରୀ ସାତକଳ୍ପ ପର୍ଯ୍ୟନ୍ତ ପାଗଳିନୀ ହୋଇ ବିରହ ବେଦନାରେ ମହାଶୂନ୍ୟରେ ଭ୍ରମଣ କଲେ । ଏହାପରେ ଦେବର୍ଷି ନାରଦଙ୍କ ଦର୍ଶନ ଲାଭ କରି ନିଜର ଦୁଃଖ ବର୍ଣ୍ଣନା କରି ଶାପମୁକ୍ତ

ପାଇଁ ପ୍ରାର୍ଥନା କଲେ । ମୁନିବର ଅଭାଗିନୀର ଦୁଃଖରେ ମ୍ରିୟମାଣ ହୋଇ ଶାପମୁକ୍ତ ହେବାର ପଥପ୍ରଦର୍ଶନ କରି ମନ୍ତ୍ରଦାନ କଲେ । ମନ୍ତ୍ର ଗ୍ରହଣ କରି କାବେରୀ କଠୋର ତପ ଆଚରଣ ଆରମ୍ଭ କରିଦେଲେ ।

କାବେରୀଙ୍କର ମାନସସ୍ୱାମୀ ''ବୃଷୀଟଙ୍କ'' ରାକ୍ଷସଙ୍କର ମନକୁ ଆୟତ୍ତ କରାଇ ମୁନିବର ତାକୁ ମଧ୍ୟ ବ୍ରହ୍ମଦର୍ଶନର ମନ୍ତ୍ରଦାନ କଲେ । ଭୟଙ୍କର ତପ ଆଚରଣ କରି ସତ୍ୟଯୁଗର ଶେଷ ପ୍ରାନ୍ତରେ ରାକ୍ଷସ ବୃଷୀଟଙ୍କ ବ୍ରହ୍ମଦର୍ଶନ ଲାଭ କରି ''ବସୁକ ଋଷି'' ନାମରେ ପରିଚିତ ହେଲେ । ତ୍ରେତୟାରେ ପୁନର୍ବାର ଜନ୍ମଗ୍ରହଣ କରି ''ବୃକର୍ଣ୍ଣକ ରାଜଋଷି''ର ପରିଚୟ ବହନ କଲେ । ଦ୍ୱାପରରେ ଅପୂର୍ଣ୍ଣ ରହିଥିବା ଜ୍ଞାନକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ''ବିଭିନାଦ'' ନାମ ନେଇ ଜନ୍ମଗ୍ରହଣ କଲେ ଓ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇ ''ବ୍ରହ୍ମର୍ଷି''ର ମର୍ଯ୍ୟାଦା ଲାଭ କଲେ । ଏହାପରେ କଳ୍ପଯୁଗର କାବେରୀଙ୍କର ମନୋବାଞ୍ଛା ତାଙ୍କର ସ୍ମରଣ ଆସିଲା । ନିଜର ଧ୍ୟାନମାର୍ଗରେ କାବେରୀଙ୍କର ଗତିପଥ ଜ୍ଞାତ ହୋଇ କଳିଯୁଗରେ ପୁଣିଥରେ ଜନ୍ମ ନେବାକୁ ସ୍ଥିର କଲେ । ତେଣୁ କଳିଯୁଗର ଆରମ୍ଭରେ ଉଜ୍ଜୟିନୀ ନଗରରେ ଜନ୍ମ ଗ୍ରହଣ କଲେ । ଏହି ନଗରରେ ପ୍ରତିଷ୍ଠିତ ସିଦ୍ଧବଂଶରେ ବିଭାଟକ ଋଷିଙ୍କ ପୁତ୍ର ମୌର୍ଯ୍ୟ, ମୌର୍ଯ୍ୟଙ୍କ ପୁତ୍ର ଶୁମ୍ଭକ । ଉକ୍ତ ଶୁମ୍ଭକ ମୁନିଙ୍କ ଔରସରୁ ଜନ୍ମଗ୍ରହଣ କରି ଶୈବ୍ୟା ନାମରେ ପରିଚିତ ହେଲେ । ବାଲ୍ୟକାଳରୁ ହିଁ ଯୋଗ କରିବା ପାଇଁ ମଞ୍ଜୁଷାତଟକୁ ଚାଲିଗଲେ ଓ ସେଠାରେ ତପସ୍ୟା କରି ସମାଧିସ୍ଥ ହୋଇଗଲେ । ଏହି ଅବସ୍ଥାରେ ସେ ଜାଣିପାରିଥିଲେ ଯେ, ଶ୍ରୀମନ୍ନାରାୟଣ କେଶବ ନାମଧରି ମାନବ ଅଙ୍ଗରେ ମର୍ତ୍ତ୍ୟଲୀଳା ସଂରଚନ କରୁଥିବା ସମୟରେ ତାଙ୍କ ପ୍ରିୟ କନ୍ୟା କାବେରୀଙ୍କ ମନୋବାଞ୍ଛା ପୂର୍ଣ୍ଣକରି ତାକୁ ମର୍ତ୍ତ୍ୟରେ ମହାତୀର୍ଥର ମର୍ଯ୍ୟାଦା ପ୍ରଦାନ କରିବେ । ତେଣୁ ସେ ପ୍ରଭୁଙ୍କ ନିକଟରେ ବରଭିକ୍ଷା କରିଥିଲେ, ''ହେ ପ୍ରଭୁ ! ଅଭାଗିନୀ କାବେରୀ ମୋତେ ପତି ରୂପରେ ପାଇବା ପାଇଁ କାମନା କରି ଅଭିଶପ୍ତ ହେଲା । କଳ୍ପରୁ କଳିଯାଏ ଅକଥନୀୟ ଦୁଃଖ, ଯନ୍ତ୍ରଣା ସହ୍ୟ କରି ଚାଲିଛି । କଳିଶେଷରେ ଯେତେବେଳେ ଆପଣ ନରତନୁରେ ମର୍ତ୍ତ୍ୟାବତରଣ କରି ଆପଣଙ୍କର ଶ୍ରୀପଦ ସ୍ପର୍ଶରେ ତାକୁ ମହାତୀର୍ଥର ମର୍ଯ୍ୟାଦା ଦାନ କରିବେ, ସେତେବେଳେ ତା'ର ପ୍ରଥମ ଇଚ୍ଛାର ସ୍ୱାଗତ ପାଇଁ ତା'ର ତୀର୍ଥସ୍ଥଳିରେ ମୋ ନାମରେ ଘାଟ ପ୍ରତିଷ୍ଠା କରି ଯୁଗ ଯୁଗ ପାଇଁ ତା ସହିତ ମୋତେ ଯୁକ୍ତ କରି ତା'ର ପ୍ରଥମ ଇଚ୍ଛା ପୂର୍ଣ୍ଣ କରିବେ ।'' ସେହିଦିନୁ ବରପ୍ରାପ୍ତ ହୋଇ ମାନସପତ୍ନୀ କାବେରୀଙ୍କ ସହ ମିଳନ ପାଇଁ ଋଷିପ୍ରବର ଆଜି ପର୍ଯ୍ୟନ୍ତ ଅପେକ୍ଷା କରି ରହିଛନ୍ତି ।

ନାରଦଙ୍କ ଆଶୀର୍ବାଦରେ ମହାତପ ଆଚରଣ କଲେ ତପସ୍ୱିନୀ କାବେରୀ । ତାଙ୍କର କଠୋର ତପରେ ମୁଗ୍ଧ, ଚକିତ ଓ ସନ୍ତୁଷ୍ଟ ହୋଇ ବ୍ରହ୍ମାତାଙ୍କୁ ଶାପମୁକ୍ତ କଲେ ଓ ନଦୀ ହୋଇ ମର୍ତ୍ତ୍ୟଧାମରେ ବିଚରଣ କରିବାକୁ ଆଜ୍ଞା ପ୍ରଦାନ କଲେ । ସେହିଦିନୁ କାବେରୀ ନାମ ନେଇ ନଦୀ ଆକାରରେ ସେ ମର୍ତ୍ତ୍ୟଧାମରେ ବିଚରଣ କଲେ । ପାତାଳ ପଥରେ ସୂକ୍ଷ୍ମ ଧାରା ନେଇ ଦକ୍ଷିଣରୁ ପ୍ରତ୍ୟେକ ଦିଗକୁ ଧାବମାନ ହେଲେ । ତଥାପି ତାଙ୍କର ଇଚ୍ଛା ପୂର୍ଣ୍ଣ ହୋଇ ପାରିଲା ନାହିଁ । କିପରି, କେଉଁଠି ପିତାଙ୍କର ନରତନୁ ପାଦ ଧୌତ କରିବେ, ସେହି ଚିନ୍ତାରେ ପାଗଳୀ ହୋଇ ଧରିତ୍ରୀ ଘୁରିବୁଲିଲେ । ସତ୍ୟପୂର୍ଣ୍ଣ ହୋଇ ତ୍ରେତୟା ଯୁଗ ପ୍ରବେଶ କଲା । ତଥାପି କୌଣସି ସୂଚନା ପାଇଲେ ନାହିଁ । ଏହି ପରିକ୍ରମା ସମୟରେ କୋଶଳରାଜ୍ୟ ଅନ୍ତର୍ଗତ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଉଜଳ କୋଶଳ ନାମକ ସ୍ଥାନରେ ତପସ୍ୟାରତ ଗୋର୍ଣ୍ଣସକ ବ୍ରହ୍ମର୍ଷିଙ୍କ ଦର୍ଶନ ଲାଭ କଲେ । କିନ୍ତୁ ସାଧନକ୍ରିୟାରେ ଅପୂର୍ଣ୍ଣାଙ୍ଗ ଥିବାରୁ ବ୍ରହ୍ମର୍ଷି କାବେରୀଙ୍କୁ ଅଗ୍ରଗାମୀ ହେବାକୁ ସୁଯୋଗ ନଦେଇ ତାଙ୍କ ପଥରୁଦ୍ଧ କରିଦେଲେ । ଯୋଗୀବର ଦେଖିଲେ କାବେରୀ ସେ ପର୍ଯ୍ୟନ୍ତ ଯମଦଣ୍ଡ ମୁକ୍ତିର ସିଦ୍ଧିପ୍ରାପ୍ତ ହୋଇ ନାହାନ୍ତି । ତେଣୁ ତାଙ୍କର ଜଳଧାରା ପବିତ୍ର ହୋଇ ପାରିବ ନାହିଁ ବା ମର୍ତ୍ତ୍ୟବାସୀମାନଙ୍କୁ କୌଣସି ପବିତ୍ରତା କିମ୍ବା ମୁକ୍ତି ପଥ ପ୍ରଦର୍ଶନ କରିପାରିବେ ନାହିଁ । ସେଥିପାଇଁ ତାଙ୍କୁ ''ଆକର୍ଣ୍ଣ ଓ ବୈତର୍ଣ୍ଣ'' ନାମକ ଦୁଇଟି ଯୋଗରେ ସିଦ୍ଧିଲାଭ କରି ପୂଣ୍ୟତୋୟା ହେବା ପାଇଁ ମନ୍ତ୍ରଦାନ କଲେ । ମାଆ କାବେରୀ ୨୧ ବର୍ଷକାଳ ଏହିଯୋଗରେ ସମାଧିସ୍ଥ ହୋଇଗଲେ ଏବଂ ଶେଷରେ ଦୁଇଟିଯାକ ଯୋଗରେ ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହୋଇ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ପରି ଅତି ପବିତ୍ରଧାରାରେ ରୂପାନ୍ତରିତ ହେଲେ । ଋଷିବର କାବେରୀଙ୍କର ଏକନିଷ୍ଠ ତପ ସାଧନାରେ ଆଶ୍ଚର୍ଯ୍ୟ ହୋଇଗଲେ । ସିଦ୍ଧିପ୍ରାପ୍ତ ଦୁଇଟି ଯୋଗ ମଧ୍ୟରୁ ''ବୈତର୍ଣ୍ଣ'' ଯୋଗ ଅତି ଅଦ୍ଭୁତ, ଦୁର୍ଲ୍ଲଭ ଓ ଦୁଃସାଧ । ଏହି ସିଦ୍ଧିର ମହାତ୍ମ୍ୟ ହେଉଛି, ଯେଉଁ ବ୍ୟକ୍ତି ଉକ୍ତ ସିଦ୍ଧି ଅର୍ଜନ କରିଥାଏ ତାକୁ ଯମଦଣ୍ଡ ଲାଗେ ନାହିଁ । କୌଣସି ପାପ ସ୍ପର୍ଶ କରେ ନାହିଁ । ଯଦି କୌଣସି ପାପୀ ଉକ୍ତ ସିଦ୍ଧ ବ୍ୟକ୍ତିକୁ ସ୍ପର୍ଶ କରେ ତେବେ ସେହି ମୁହୂର୍ତ୍ତରେ ତା'ର ସମସ୍ତ ପାପ ଜଳିଯାଇ ସେ ପବିତ୍ର ହୋଇଯାଏ । ତେଣୁ ଋଷିବର ସନ୍ତୁଷ୍ଟ ହୋଇ କାବେରୀଙ୍କୁ ବରଦାନ କଲେ, ''ଆଜିଠାରୁ ତୁ ଯମଦ୍ୱାର ନିକଟରେ ସଦା ପ୍ରବାହିତ ହେବୁ । ''ବୈତର୍ଣ୍ଣ'' ଯୋଗରେ ସିଦ୍ଧିପ୍ରାପ୍ତ ହୋଇଥିବାରୁ ତୋର ନାମ ଆଜିଠାରୁ ''ବୈତରଣୀ'' ହେବ । ଯେଉଁ ବ୍ୟକ୍ତି ତୋତେ ସ୍ପର୍ଶ କରିବ, ତୋର ପବିତ୍ର ଜଳରେ ସ୍ନାନ କରିବ ତା'ର ସମସ୍ତ ପାପରାଶୀ କ୍ଷୟ ହେବ ଏବଂ ସେ ଯମଦଣ୍ଡରୁ ମୁକ୍ତ ହୋଇ ନିର୍ବାଣ ପ୍ରାପ୍ତି ହେବ । କିନ୍ତୁ ମର୍ତ୍ତ୍ୟଧାମରେ ତୋ ସହିତ ଏହି ଶକ୍ତି ଯୁକ୍ତ ହେବ, ଯେତେବେଳେ ସ୍ଥୂଳରେ ତୋର ପିତା ଶ୍ରୀମନ୍ନାରାୟଣ ନରତନୁରେ ତୋତେ ଦର୍ଶନ ଦେଇ ଆଶୀର୍ବାଦ କରିବେ । ଏହି ତ୍ରେତୟାଯୁଗରେ ଉକ୍ତ କୋଶଳ ରାଜକନ୍ୟା କୌଶଲ୍ୟା

ଅଯୋଧାର ସମ୍ରାଟ ଦଶରଥଙ୍କୁ ବିବାହ କରିବେ । ତାଙ୍କରି ଗର୍ଭରୁ ଜନ୍ମ ନେବେ ପ୍ରଭୁ ଜଗତପତି ଏବଂ ପରିଚିତ ହେବେ ଶ୍ରୀରାମ ନାମରେ । ତେଣୁ ତୁ ତାଙ୍କ ଦର୍ଶନ ଓ ଆଶୀର୍ବାଦ ପ୍ରାପ୍ତହେବା ପରେ ମୋର ଦୁଇ ନାସାପୁଟ ଦେଇ ପ୍ରବାହିତ ହୋଇଯିବୁ ଏହି କୋଶଳ ରାଜ୍ୟରେ । ସେ ପର୍ଯ୍ୟନ୍ତ ଏହିଠାରେ ସୂକ୍ଷ୍ମରେ ଅବସ୍ଥାନ କର ।

ଅନେକ ବର୍ଷ ଅତିକ୍ରମ ହୋଇଗଲା । କରୁଣାସାଗର ଭକ୍ତବତ୍ସଳ ଭାବଗ୍ରାହୀ ଶ୍ରୀରାମ ଜନ୍ମଗ୍ରହଣ କରି ଅନୁଜ ଲକ୍ଷ୍ମଣ ଓ ପତ୍ନୀ ଜାନକୀଙ୍କ ସହ ବନବାସ କଲେ । ସେହି ସମୟରେ ସତ୍ୟଯୁଗରୁ ତପରେ ବୁଡ଼ି ରହିଥିବା ପନସ ଋଷିଙ୍କ ଆଶ୍ରମକୁ ପ୍ରଭୁ ମାଆ ବୈଦେହୀ ଓ ଭ୍ରାତା ଲକ୍ଷ୍ମଣଙ୍କ ସହ ଆସିଥିଲେ ଏବଂ ତାଙ୍କ ଆଶ୍ରମରେ ବାରଦିନ ଅବସ୍ଥାନ କରିଥିଲେ । ଏହି ସମୟରେ ଦୁଇଟି ସଂଯୋଗ ସଂଗଠିତ ହୋଇଥିଲା । ପ୍ରଥମରେ ଋଷିପ୍ରବର ପନସ ବର ମାଗିଥିଲେ, ''ପ୍ରଭୁ ! ଦ୍ୱାପର ଯୁଗରେ ମଧ ଆପଣ କୃଷ୍ଣାବତାର ସମୟରେ ମୋର ଏହି ଆଶ୍ରମକୁ ପଦାର୍ପଣ କରି ମୋତେ ଧନ୍ୟ କରିବେ । କଳିଶେଷରେ ଯେତେବେଳେ ଆପଣ ଚାରିଯୁଗର ମୀମାଂସା କରିବାକୁ ପୂର୍ଣ୍ଣାବତାର ହୋଇ ଆସିବେ, ସେତେବେଳେ ମୋର ଏହି ସିଦ୍ଧ ପୀଠରେ ନିଜେ ଉପସ୍ଥିତ ରହି ହୋମ, ଯଜ୍ଞ ଓ ସତ୍‌ସଙ୍ଗ କରି ଯୁଗଯୁଗ ପାଇଁ ମୋର ତପସାଧନାର କୀର୍ତ୍ତି ସ୍ଥାପନ କରିଯିବେ ।'' ଭକ୍ତର ପ୍ରାର୍ଥନା ସ୍ୱୀକାରକରି ବରପ୍ରଦାନ କରିଥିଲେ ପ୍ରଭୁ ଭକ୍ତବତ୍ସଳ ରଘୁପତି । ଉକ୍ତ ଦ୍ୱାଦଶଦିବସ ରହଣି ସମୟରେ ଗୁରୁ ଗୋର୍ଣ୍ଣସଙ୍କ ନିର୍ଦ୍ଦେଶରେ ଶିଷ୍ୟା ବୈତରଣୀ ପ୍ରଭୁଙ୍କୁ ଦର୍ଶନ କରି ଧନ୍ୟା ହେଲେ । ଦୟାସାଗର ଯେତେବେଳେ ବୈତରଣୀଙ୍କୁ ବରମାଗିବାପାଇଁ ଅନୁମତି ପ୍ରଦାନ କଲେ ସେତେବେଳେ ସେ କହିଲେ, ''ହେ ପିତା ! ମର୍ତ୍ତ୍ୟଧାମରେ ତୁମର ଏହି ଦୁର୍ଲ୍ଲଭ, ନରରୂପ ଦର୍ଶନରେ ମୋର ସମସ୍ତ ପାପ ଧୌତ ହୋଇଛି । ଏହାଠାରୁ ଅଧିକ କେଉଁବର ମୁଁ ମାଗିବି ? ଆଜି ଋଷିପ୍ରବର ପନସଙ୍କ ଆଶ୍ରମରେ ମର୍ତ୍ତ୍ୟଧାମରେ ଆପଣଙ୍କ ନରତନୁର ପ୍ରଥମ ଦର୍ଶନ ଲାଭ କଲି । ତେଣୁ ଉକ୍ତ ପବିତ୍ର ପୀଠର ପାର୍ଶ୍ୱଦେଇ ମୁଁ ପ୍ରବାହିତ ହେବି । ଯୁଗଯୁଗ ଧରି ଏହି ସଂଯୋଗ ସ୍ଥଳରେ ମୋ ନାମରେ ତୀର୍ଥ ଆପଣ ନିଜେ ପ୍ରତିଷ୍ଠା କରନ୍ତୁ । ଜନ୍ମ ନେବା ସମୟରେ କାବେରୀ ନାମ ନେଇ ମର୍ତ୍ତ୍ୟଧାମକୁ ଆସିଥିଲି । କିନ୍ତୁ ଶ୍ରୀଗୁରୁଦେବଙ୍କ ଆଶୀର୍ବାଦରୁ ''ବୈତର୍ଣ୍ଣ'' ସିଦ୍ଧିପ୍ରାପତ ହୋଇ ମୋର ନାମ ପରିବର୍ତ୍ତନ ହୋଇ ବୈତରଣୀ ହୋଇ ସାରିଲାଣି । ମର୍ତ୍ତ୍ୟରେ ବୈତରଣୀ ନାମରେ ଅଭ୍ୟସ୍ତ ହେବାପରେ ମର୍ତ୍ତ୍ୟମାନବ ମୋର ପ୍ରଥମ ନାମ ''କାବେରୀ'' ସମ୍ପୂର୍ଣ୍ଣ ଭାବରେ ଭୁଲିଯିବେ । ତେଣୁ ହେ ପିତା ! ଏଠାରେ ଯେଉଁ ତୀର୍ଥ ପ୍ରତିଷ୍ଠା କରିବେ, ସେ ତୀର୍ଥକୁ ମୋର ପୂର୍ବନାମ ''କାବେରୀ'' ନାମରେ ନାମିତ କରନ୍ତୁ । ଆଉ ଏକ ଅଛି ପ୍ରଭୁ ! ଯେଉଁ ''ବୃଷୀଟକ'' ରାକ୍ଷସକୁ ପତିରୂପରେ ପାଇବା ପାଇଁ ମୁଁ ଅଭିଶପ୍ତା ହୋଇଗଲି ଆଜି ସେଇ ଅଭିଶାପ ମୋ ପାଇଁ ଚରମ ଆଶୀର୍ବାଦରେ ପରିଣତ ହୋଇଛି । ଯଦି ତାଙ୍କ ପ୍ରତି ଆସକ୍ତ ହୋଇ ନଥାନ୍ତି, ତେବେ ମୁଁ ଏତେ ସୌଭାଗ୍ୟର ଅଧିକାରିଣୀ ହୋଇ ନଥାନ୍ତି । ତେଣୁ ବାସ୍ତବରେ ସେ ହିଁ ମୋର ଏତେ ସୌଭାଗ୍ୟର କାରଣ । ଥରକପାଇଁ ହେଉ ପଛକେ ମୁଁ ତାଙ୍କୁ ମୋର ହୃଦୟରେ ସ୍ୱାମୀ ରୂପରେ ବରଣ କରିଛି । ସ୍ୱାମୀ ବିନା ସ୍ତ୍ରୀର ଗତି ନାହିଁ, ମୁକ୍ତି ନାହିଁ ଏବଂ ପଥ ମଧ ନାହିଁ । ଶ୍ରୀଗୁରୁଙ୍କ ଆଶୀର୍ବାଦରେ ମୁଁ ଆଜି ବୈତର୍ଣ୍ଣ ସିଦ୍ଧିରେ ସୌଭାଗ୍ୟବତୀ । ମୋର ଜଳରାଶୀ ସ୍ପର୍ଶରେ ଜୀବ ଯମଦ୍ୱାର ଅତିକ୍ରମ କରି ସ୍ୱ-ନିଳୟରେ ପହଞ୍ଚପାରିବ । କିନ୍ତୁ ମାନସ ସ୍ତରରେ ମୁଁ ତାଙ୍କର ପତ୍ନୀ ହେଲେ ମଧ ବାସ୍ତବରେ ମୁଁ ଆଜି ପତିହରା । ତେଣୁ ହେ ଭକ୍ତବତ୍ସଳ ! ମୋତେ ମୋ ପତିଙ୍କ ସହ ଏହି ସ୍ଥାନରେ ମିଳନ କରାନ୍ତୁ । ମୋର ଏହି ପବିତ୍ର ତୀର୍ଥରେ ତାଙ୍କ ନାମରେ ଘାଟ ପ୍ରତିଷ୍ଠା କରି ପତିପତ୍ନୀର ସ୍ୱର୍ଗୀୟ ସମ୍ପର୍କକୁ ସ୍ୱୀକୃତି ଦାନ କରନ୍ତୁ ।'' ପ୍ରିୟତମା କନ୍ୟାର ବ୍ୟାକୁଳତାରେ ଅଧିର ହୋଇ ପିତା ପୁରୁଷୋତ୍ତମ ଶ୍ରୀରାମ ବରଦାନ କରିଥିଲେ, ''ହେ ମୋର ଅଲିଅଳି କନ୍ୟା ! ତୋର ସମସ୍ତ ଇଚ୍ଛା ପୂର୍ଣ୍ଣ କରିବି । କିନ୍ତୁ ଏବେ ନୁହେଁ । କାରଣ ଯୁଗ ମିମାଂସା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏହାପରେ ଦ୍ୱାପର ଯୁଗରେ କୃଷ୍ଣାବତାର ହୋଇ ପାଣ୍ଡବଙ୍କ ଅଜ୍ଞାତବାସକାଳରେ ତାଙ୍କ ସହ ଏହି ସ୍ଥାନକୁ ଆସି ନଅଦିନ ଅବସ୍ଥାନ କରିବି । ସେତେବେଳେକୁ ତୁ ଏହି ପୀଠ ଦେଇ ବୈତରଣୀ ନାମରେ ପ୍ରବାହିତ ହେଉଥିବୁ । ତୋରି ଜଳାଧାରରେ ସ୍ନାନ କରି ତୋତେ ପୁଣ୍ୟତୋୟା ବୈତରଣୀ ନାମରେ ସ୍ୱୀକୃତି ଦାନ କରିବି । କଳିଯୁଗରେ ଅତିଗୋପନ ଭାବରେ ମୋର ଖେଳ ସମ୍ପାଦିତ ହେବ । ସେତେବେଳେ ଚାରିଯୁଗର ମିମାଂସା ସୂତ୍ର ନେଇ ମୁଁ ଆସିବି ଓ ଆଗାମୀ ସତ୍ୟଯୁଗ ପାଇଁ ନୂତନ କ୍ଷେତ୍ର, ଧାମ, ପୀଠ, ତୀର୍ଥ ଓ ଘାଟ ପ୍ରତିଷ୍ଠା କରିଯିବି । ଏହି ଆଶ୍ରମର ପ୍ରତିଷ୍ଠାତା ପନସ ଋଷି ମଧ ଏହିଠାରେ ମୋର ଉପସ୍ଥିତିରେ ହୋମ, ଯଜ୍ଞ ଓ ସତ୍‌ସଙ୍ଗର ବର ମାଗି ନେଇଛନ୍ତି । ତୋର ସ୍ୱାମୀ ବୃଷୀଟକ ଆଉ ରାକ୍ଷସ ହୋଇ ନାହାନ୍ତି । ବର୍ତ୍ତମାନ ରାଜର୍ଷି ବୃଜର୍ଣ୍ଣକ ନାମରେ କଠୋର ତପ କରୁଛନ୍ତି । ଦ୍ୱାପର ଶେଷରେ ବିଭିଲାଦ ଋଷି ନାମରେ ଆସି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେବେ ଓ ବ୍ରହ୍ମର୍ଷିର ମର୍ଯ୍ୟାଦା ଲାଭ କରିବେ । କଳିରେ ଉଜ୍ଜୟିନୀ ନଗରରେ ବିଭାଟେ ବଂଶରେ ଜନ୍ମନେଇ ଶୈବ୍ୟାଋଷି ନାମରେ ତପକରି ମଞ୍ଜୁଷାତଟରେ ସମାଧିସ୍ଥ ହୋଇଯିବେ । ଆଜି ପବିତ୍ର ବୈଶାଖ ପୂର୍ଣ୍ଣିମା । ଋଷି ପନସଙ୍କର ସିଦ୍ଧି ଦିବସ ଓ ତୋର ବରପ୍ରାପ୍ତି ଦିବସ । ତେଣୁ କଳିଯୁଗରେ ଠିକ୍ ଏହି ଦିବସରେ ମୁଁ ନିଜେ ଏଠାରେ ଉପସ୍ଥିତ ରହି ତୋର ସମସ୍ତ ମନୋବାଞ୍ଛା ପୂର୍ଣ୍ଣ କରିବି । ତୋର ପ୍ରଥମ ନାମ ଅନୁସାରେ ''କାବେରୀତୀର୍ଥ''

ଓ ତୋର ସ୍ୱାମୀଙ୍କର ତତ୍‌କାଳୀନ ନାମ ''ଶୈବ୍ୟା'' ନାମରେ ''ଶୈବ୍ୟା ଘାଟ'' ପ୍ରତିଷ୍ଠା କରିବି । ସେହି ପର୍ଯ୍ୟନ୍ତ ଅପେକ୍ଷାକର । ତୋର ପ୍ରଥମ ନାମ ''କାବେରୀ'' ଏ ଧରାପୃଷ୍ଠରୁ ଆଦୌ ବିସ୍ମୃତ ହେବନାହିଁ । ବୈତରଣୀ ନାମ ଧାରଣ ପୂର୍ବରୁ ଯେଉଁ ନାମରେ ଯେଉଁସ୍ଥାନରେ ପ୍ରବାହିତ ହେଉଥିଲୁ ସେଠାରେ ସେହିପରି ଅମ୍ଳାନ ହୋଇ ରହିବୁ ଓ ବୈତରଣୀ ନାମରେ ତୀର୍ଥ ମର୍ଯ୍ୟାଦା ପାଇବା ସମୟରେ ଧରାପୃଷ୍ଠରେ ତୋର କାବେରୀ ନାମର ଧାରା ମଧ ସେହି ଆଶୀର୍ବାଦ ଓ ମହିମାରେ ମହିମାମଣ୍ଡିତ ହେବ ।'' ଏହାପରେ ଦ୍ୱାପର ଆରମ୍ଭରେ ଶ୍ରୀଗୁରୁ ବ୍ରହ୍ମର୍ଷି ଗୋର୍ଣ୍ଣସବଙ୍କ ଦୁଇ ନାସିକା ଦେଇ ଆନନ୍ଦରେ ଅଧିରା ବୈତରଣୀ ସର୍ବପାପନାଶିନୀର ଶକ୍ତି ଧାରଣ କରି କୋଶଳ ରାଜ୍ୟ ଦେଇ ପ୍ରବାହିତ ହୋଇଗଲେ । ଯେଉଁ ପର୍ବତମାଳାରେ ବ୍ରହ୍ମର୍ଷି ଗୋର୍ଣ୍ଣସବ ତାଙ୍କର ଦୁଇ ନାସିକା ଦ୍ୱାର ଦେଇ ବୈତରଣୀଙ୍କୁ ପ୍ରବାହିତ କରାଇଥିଲେ ସେହି ପର୍ବତର ନାମ ଆଜି ଗୋନାସିକା ଅର୍ଥାତ୍ ''ଗୋର୍ଣ୍ଣସବଙ୍କ ନାସିକା'' ପର୍ବତ ନାମରେ ନାମିତ ହୋଇ ସେହି ପୂର୍ବସ୍ମୃତିକୁ ସଦାଜାଗ୍ରତ କରାଇ ଦେଉଛି ।

ପନସ ଋଷିଙ୍କ ନାମ ଅନୁସାରେ ତ୍ରେତୟାରୁ ତାଙ୍କ ଆଶ୍ରମ ଅନ୍ତର୍ଗତ ଏହି ପବିତ୍ର ଅଞ୍ଚଳ ''ପଣସା'' ନାମରେ ନାମିତ ହୋଇ ଦ୍ୱାପର ଓ କଳିର ମଧ ସମୟ ପର୍ଯ୍ୟନ୍ତ ପରିଚିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଅଞ୍ଚଳର ରାଜାଧିରାଜ ଏଠାରେ ତାଙ୍କର ରାଜଧାନୀ ସ୍ଥାପନ କରି ରହିଥିବାରୁ ତାଙ୍କର ସମ୍ମାନାର୍ଥେ ଅଞ୍ଚଳଟିର ନାମ ରାଜନଗର ନାମରେ ପରିଚୟ ବହନ କରି ଚାଲିଛି । ବିବର୍ତ୍ତମାନ ପ୍ରକ୍ରିୟାରେ ସମାଜ ସିନା ଭୁଲି ଯାଇଛି ପୂର୍ବଯୁଗର ପନସ ଋଷି, ବୈତରଣୀ, ଗୋର୍ଣ୍ଣସବଙ୍କର ଆଶ୍ରମ, ତପସ୍ୟା, ମହିମା ଓ ଏହି ସ୍ଥାନରେ ଜଗଦ୍‌ପତିଙ୍କର ତ୍ରେତୟା ଓ ଦ୍ୱାପରଯୁଗର ଆବିର୍ଭାବ ଏବଂ ଲୀଳା । କିନ୍ତୁ ପ୍ରଭୁ ଶ୍ରୀମୁଖରେ ଯେଉଁ ବରଦାନ କରିଥିଲେ, ଯେଉଁସ୍ଥାନରେ କରିଥିଲେ ତାହା ଭୁଲିବେ କିପରି ?

ସତ୍ୟରୁ କଳିଶେଷ ପର୍ଯ୍ୟନ୍ତ ଉକ୍ତ ପବିତ୍ର ସ୍ଥାନକୁ ନେଇ ଯେଉଁ ଅପୂର୍ବ ଲୀଳା ସଂଘଟନ ହୋଇ ଯାଇଛି, ତାକୁ ପଞ୍ଚଦଶ ଶତାବ୍ଦୀରେ ଆଧାତ୍ମିକ ଜଗତରେ ଚହଳ ପକାଇଥିବା ପଞ୍ଚସଖାଙ୍କ ମଉଡ଼ମଣି ଅଚ୍ୟୁତାନନ୍ଦ ତାଙ୍କର ନିର୍ବିକଳ୍ପ ସମାଧିରେ ଧ୍ୟାନସ୍ଥ ହୋଇ ପ୍ରଭୁଙ୍କ କଳିଲୀଳା ଦର୍ଶନ ସମୟରେ ଉପଲବ୍ଧ କଲେ ଓ ତାଙ୍କର ଭବିଷ୍ୟମାଳିକା ''ମନ ଚଇତନ ସମ୍ବାଦ''ରେ ଲିପିବଦ୍ଧ କଲେ । ସେଥିରୁ କିଛି ଅଂଶ ନିମ୍ନରେ ଉଦ୍ଧାର କରାଗଲା ।

''ମନ କହେ ଶୁଣ ସୁତ ଚେତନାକୁ ପାଇ ।
ପନସ ଋଷିଙ୍କ କଥା ଦେଉଛି ବତାଇ ॥
ଉଜନକୋଶଳ ଦେବା ନାମ ପରକାଶ ।
ଏହିଠାରେ ପନସ ଯେ ତପ ପରବେଶ ॥
ତପ ଆଚରଣେ କିଛି କାଳ ବିତିଗଲା ।
ସତ୍ୟଯାଇ ତ୍ରେତୟାର ସୂତ୍ର ମିଆଇଲା ॥
ବନ୍‌ବାସେ ସତ୍ୟପାଳି ଶ୍ରୀରଘୁନନ୍ଦନ ।
ଫଳମୂଳ ଆହାରରେ କାଟୁଥିଲେ ଦିନ ॥
ଦ୍ୱାଦଶ ଦିବସ ରାତ୍ରି ଲକ୍ଷ୍ମଣ ବୈଦେହୀ ।
ସଙ୍ଗତରେ ବାସକରି ବୈଶାଖ ପୁନେଇଁ ॥
ଶ୍ରୀଗୁରୁଙ୍କ ଚେତନାରେ ତପ ଛାଡ଼ି ଦେଇ ।
ସୂକ୍ଷ୍ମବେଶେ ଭେଟ କଲା ବୈତରଣୀ ଯାଇ ॥
ତୁମ ଅଙ୍ଗ ପରଶରେ ପାପ ଧୌତ ହେଲା ।
ଏତିକି ମାଗୁଣି ପିତା; ଆପିତ ସରିଲା ॥

ଦ୍ୱାପର ଯୁଗରେ ମୁହିଁ ପାଣ୍ଡବଙ୍କ ମେଳେ ।
କୃଷ୍ଣନାମ ବହିଥିବି; ଅଜ୍ଞାତର ଖୋଳେ ॥
ନବଦିନ ସ୍ନାନ କରି ଶାନ୍ତିରେ ତପତ ।
କଳିରେ କାଳ କାଟିବା ହୋଇଛି ଗୁପତ ॥''

ମହାପୁରୁଷ ଅଚ୍ୟୁତ ଆଜକୁ ପାଞ୍ଚଶହ ବର୍ଷପୂର୍ବେ ଧ୍ୟାନରେ ଦର୍ଶନ କରି ଯାହା ଲେଖି ଯାଇଥିଲେ ଆଜି ତାହା ସତ୍ୟ ହୋଇଛି । ଉକ୍ତ ମାଳିକାର ସମସ୍ତ ଅର୍ଥ, ତତ୍ତ୍ୱ ଓ ପୂର୍ବାପର ସାରାଂଶ ଗଳ୍ପ ଆକାରରେ ପଦ୍ୟାଂଶ ପୂର୍ବରୁ ବର୍ଣ୍ଣିତ ହୋଇଅଛି । ମହାପୁରୁଷ ତାଙ୍କ ଉପରୋକ୍ତ ମାଳିକା ''ମନଚଇତନ ସମ୍ବାଦ''ରେ ଶବ୍ଦର ଅଦ୍ଭୁତ ଚମତ୍କାରିତା ପ୍ରଦର୍ଶନ କରି ଆଜିର ଦିବସକୁ ଅତି ସୁନ୍ଦର ଭାବରେ ନିର୍ଣ୍ଣୟ କରି ଯାଇଛନ୍ତି ।

''ତେରଶତେ ଶତକକୁ ଯୁକତ କରିବୁ ।
ବେନିଯୋଗ ତିନି ଥୋଇ ସାଲ ଭିଆଇବୁ ॥''

ଅର୍ଥାତ୍ ତେରଶତେ (ତେରଶହରେ) ଶତକକୁ (ଶହେକୁ) ଯୁକ୍ତ ବା ଯୋଗ କରିବୁ । ୧୩୦୦+୧୦୦=୧୪୦୦ । ବେନି ଯୋଗ ତିନିଥୋଇ ଅର୍ଥାତ୍ ବେନି (୨) ଯୋଗକରି ତିନି (୩) ଥୋଇବୁ ଅର୍ଥାତ୍ ଦୁଇ ଯୋଗ ପରେ ପୁନର୍ବାର ତିନି ଯୋଗ କରିବୁ । ୨+୩=୫ । ୧୪୦୦+୫=୧୪୦୫ । ଏହି ଯୋଗକରି ସାଲ ଭିଆଇବୁ । ଅର୍ଥାତ୍ ଯୋଗଫଳ ଯାହା ହେବ ତାହା ସାଲ ସଂଖ୍ୟା ବୋଲି ଗ୍ରହଣ କରିବୁ । ତେଣୁ ସାଲ ହେଲା ୧୪୦୫ ।

''ମେଷ ଅଠେଇଶ ଦିନ ବୈଶାଖ ପୂର୍ଣ୍ଣିମା ।
ନାମ ଯଜ୍ଞ, ହୋମ ଯଜ୍ଞ ତୀର୍ଥର ମହିମା ॥''

୧୪୦୫ ସାଲରେ ଯେଉଁଦିନ ନାମ ଯଜ୍ଞ ଓ ହୋମଯଜ୍ଞ ସହ ତୀର୍ଥର ମହିମା ପ୍ରକାଶ ପାଇବ ସେହିଦିନଟି ମେଷ ଦି ୨୮ ନ ହୋଇଥିବ ଓ ବୈଶାଖ ପୂର୍ଣ୍ଣିମା ହୋଇଥିବ ।

''ଏଇ ଦିନ ପୁରୁଷ ଯେ ଆସିବେ ଏଠାଇଁ ।
ଗୀତାଧ୍ୱନୀ ନାମ ତାଳେ ସତ୍‌ସଂଗ ଧାଇଁ ॥
କମ୍ପିବ ଏଠାରେ ମହୀ ବୈତରଣୀ କୂଳେ ।
କେତେଯୋଗୀ, ତପି, ମୁନି, ଋଷିଙ୍କର ମେଳେ ॥
ସ୍ୱର୍ଗରୁ ଦେବତା ଗଣେ ସୂକ୍ଷ୍ମରେ ଆସି ।
ଗୁପତରେ ରହି ଲୀଳା କରୁଥିବେ ବସି ॥
କାବେରୀର ମାନସିକ ହେବ ଯେ ପୂରଣ ।
ଶୈବ୍ୟା ନାମେ ଘାଟ ହେବ ତୀର୍ଥକୁ ଧାରଣ ॥''

ଅର୍ଥାତ୍ ୧୪୦୫ ସାଲ ମେଷ ଦି ୨୮ ନ ବୈଶାଖ ପୂର୍ଣ୍ଣିମାଦିନ ଏହି ସ୍ଥାନ ଅର୍ଥାତ୍ ବୈତରଣୀକୂଳ ପନସ ମୁନିଙ୍କ ଆଶ୍ରମକୁ ପୁରୁଷ ଆସିବେ । ଏଠାରେ ମହାପୁରୁଷ କଳିଯୁଗାବତାର ଜଗତପତିଙ୍କୁ ପୁରୁଷ ବୋଲି ସମ୍ବୋଧନ କରିଛନ୍ତି । ଗୀତାଧ୍ୱନୀ ଓ ତାରକ ନାମର ତାଳେ ତାଳେ ସତ୍‌ସଂଗ ଅନୁଷ୍ଠିତ ହେବ । ତାଙ୍କ ଉପସ୍ଥିତିରେ ବୈତରଣୀ କୂଳର ଏହି ସ୍ଥାନରେ ମହୀ ଅର୍ଥାତ୍ ଧରିତ୍ରୀ କମ୍ପି ଉଠିବ । ଯୋଗୀ, ମୁନି, ଋଷି, ତପି, ଦେବା ଦେବୀମାନେ ସୂକ୍ଷ୍ମରେ ଏଠାରେ ଅବସ୍ଥାନ କରି ପ୍ରଭୁଙ୍କ ମର୍ତ୍ତ୍ୟଲୀଳା ଦର୍ଶନ କରିବା ସଂଗେ ସଂଗେ ଅନେକ ଲୀଳା କରୁଥିବେ । ଏହି ଦୁର୍ଲଭ ମୁହୂର୍ତ୍ତରେ ଜଗଦୀଶ୍ୱର ଭକ୍ତବତ୍ସଳ, ତ୍ରିଲୋକସ୍ୱାମୀ କାବେରୀଙ୍କ (ବୈତରଣୀ) ମନସ୍କାମନା ପୂର୍ଣ୍ଣକରି 'କାବେରୀତୀର୍ଥ' ଓ 'ଶୈବ୍ୟା ଘାଟ'' ପ୍ରତିଷ୍ଠା କରିବେ ॥''

''ଏହିଠାରେ ଶ୍ରୀ ଚୈତନ୍ୟ ପୂର୍ଣ୍ଣଜ୍ଞାନ ପାଇ ।
ହରଷ ମନରେ ବିଜେ ଶ୍ରୀକ୍ଷେତ୍ରକୁ ଧାଇଁ ॥''

ଶ୍ରୀଚୈତନ୍ୟଦେବ ନାମ ପ୍ରେମରେ ପାଗଳ ହୋଇ ବିଚରଣ କରୁଥିବା ସମୟରେ ଏହି ପବିତ୍ର ସ୍ଥାନରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଥିଲେ ଏବଂ ଅତି ଆନନ୍ଦରେ ଏହିଠାରୁ ଶ୍ରୀକ୍ଷେତ୍ରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ ।

''କେଶବ ଦେବେଟି ସିଦ୍ଧି କରିବେ ଉଦ୍ଧାର ।
ଭକ୍ତ ମେଳି ସଙ୍ଗପାଳି, ତୀର୍ଥ ଯାତରାର ॥
ଏହିଠାରୁ ଭସ୍ମ, ଅସ୍ଥି, ବିସର୍ଜନ ତଟେ ।
ବୈତରଣୀ ଦେବ ମୁକ୍ତି ପଣର ଆକଟେ ॥
ଯୁଗ ଯୁଗ ଧରି ତାର ନାମ ବହିଯିବ ।
ପୂର୍ଣ୍ଣିମା ଦିବସ ତୀର୍ଥ ପୂର୍ଣ୍ଣ ହେଉଥିବ ॥
ଭବିଷ୍ୟ ମାଳିକା ଲେଖା ଅନ୍ୟଥା ନୁହଇଁ ।
ଅଚ୍ୟୁତ ବଚନ ପଣ ସଦା ସିଦ୍ଧି ଥାଇ ॥''

ଅର୍ଥାତ୍ କଳିଯୁଗ ଶେଷରେ ଗୋଲୋକବିହାରୀ ଯେତେବେଳେ କେଶବ ନାମଧରି ଅବତୀର୍ଣ୍ଣ ହେବେ- ସେତେବେଳେ ଉପରୋକ୍ତ ଦିବସରେ ଏହିଠାରେ ଉପସ୍ଥିତି ହୋଇ ବୈତରଣୀଙ୍କୁ ତୀର୍ଥର ମର୍ଯ୍ୟାଦା ଦେଇ ତାହାରି ଜଳରାଶି ମାଧ୍ୟମରେ ସିଦ୍ଧିଦାନ କରି ଜୀବ ଉଦ୍ଧାର କାର୍ଯ୍ୟର ଏକ ଅଂଶ ପୂର୍ଣ୍ଣ କରିବେ । ଏହି ପବିତ୍ର ପୂର୍ଣ୍ଣିମାଠାରୁ ଉକ୍ତ ''କାବେରୀତୀର୍ଥ''ରେ ଭସ୍ମ, ଅସ୍ଥି ବିସର୍ଜନ ଆଦି ସଂସ୍କାର କାର୍ଯ୍ୟ ଆରମ୍ଭ ହେବ । ନିଜର କଠୋର ତପ, ସିଦ୍ଧି ଓ ପ୍ରଭୁଙ୍କ ଆଶୀର୍ବାଦରେ ବୈତରଣୀ ତାଙ୍କର ଏହି ତୀର୍ଥରେ ବିସର୍ଜିତ ହୋଇଥିବା ଭସ୍ମ ଓ ଅସ୍ଥିଧାରକଙ୍କୁ ମୁକ୍ତି ଦାନ କରି ପତିତପାବନୀର ମର୍ଯ୍ୟାଦା ଲାଭ କରିବେ । ଯୁଗଯୁଗ ଧରି ଏହି ତୀର୍ଥର ନାମ, ମହିମା ଅମ୍ଳାନ ହୋଇ ରହିବ ।

ସତ୍ୟଯୁଗରୁ ଅମୀମାଂସିତ ଲୀଳାର ମିମାଂସା ହୋଇଯାଇଛି । ପ୍ରଭୁ ଶ୍ରୀ କେଶବଚନ୍ଦ୍ର ତ୍ରେତୟାଯୁଗରେ ରାମାବତାରରେ ଦେଇଥିବା ନିଜର ରକ୍ଷା କରି ଆଜି ଏଠାରେ ଗୀତାଯଜ୍ଞ, ନାମଯଜ୍ଞ ଓ ସତ୍‌ସଂଗ ସହିତ ଦେବା, ଦେବୀ, ଯୋଗୀ, ମୁନି, ଋଷି, ତପିମାନଙ୍କର ସୂକ୍ଷ୍ମ ଉପସ୍ଥିତିରେ ''କାବେରୀ ତୀର୍ଥ'' ଓ ''ଶୈବ୍ୟାଘାଟ'' ପ୍ରତିଷ୍ଠା କରି ବୈତରଣୀ ଓ ଋଷିପ୍ରବର ପନସଙ୍କୁ ଧନ୍ୟ କରିବା ସଂଗେ ସଂଗେ ଅନେକ ମହିମାରେ ମହିମା ମଣ୍ଡିତ ଏହି ଅଞ୍ଚଳକୁ ଅପୂର୍ବ ସୌଭାଗ୍ୟ ଦାନ କରିଛନ୍ତି ।

ମାଆଲୋ..... ବୈତରଣୀ ! ଯୁଗ ଯୁଗ ଧରି କଠୋର ତପ ଆଚରଣ କରି କେଶବଙ୍କୁ ଆଜି କୋଳରେ ଧରି ଆମକୁ ଯେଉଁ ସୌଭାଗ୍ୟ ଦାନ କଲୁ, ସେ ଋଣ କୋଟି କୋଟି ଯୁଗ ବିତିଗଲେ ମଧ୍ୟ ଆମ୍ଭେ ପରିଶୋଧ କରି ପାରିବୁ ନାହିଁ । ତେଣୁ ତୋର ପବିତ୍ର ପାଦପଦ୍ମରେ କେବଳ ପ୍ରଣାମଟିଏ ଦେବା ବ୍ୟତୀତ ଆମର ଆଉ କିଛି ନାହିଁ । ସେତିକି ଗ୍ରହଣ କରି କରୁଣା କର ମାଆ । ତୋରି ଆଶୀର୍ବାଦରେ ସେଇ ଲୀଳାମୟ କେଶବଙ୍କ ଶ୍ରୀପଦପଦ୍ମରେ ଏ ମନ, ପ୍ରାଣ, ଶରୀର ଲୀନ ହୋଇଯାଉ ।

**ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!**

**ସ୍ୱର୍ଣ୍ଣକ୍ଷେତ୍ର**

**ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍**

# ଆଶ୍ରମ ସନ୍ଦେଶ

ତା୨୬.୬.୯୮ରିଖ ଶୁକ୍ରବାର : ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ମହାସମାରୋହରେ ପାଳନ କରାଯାଇଅଛି ।

ତା୦୨.୭.୯୮ରିଖ ଗୁରୁବାର : କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମାଚାର୍ଯ୍ୟ ଜତିଶ୍‌ଦାଙ୍କର ବାର୍ଷିକ ଶ୍ରାଦ୍ଧ ଅର୍ପଣ କରାଯାଇଅଛି ।

ତା୦୪.୭.୯୮ରିଖ ଶନିବାର : ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ବାହୁଡ଼ା ଯାତ୍ରା ମହାଆଡ଼ମ୍ବରରେ ପାଳିତ ହୋଇଅଛି ।

ତା୦୭.୭.୯୮ରିଖ ମଙ୍ଗଳବାର : ସ୍ୱର୍ଣ୍ଣକ୍ଷେତ୍ରରେ ଫଲ୍‌ଗୁ ସୌରୀ ତୀର୍ଥ ଗତି ଦିବସ ଉପଲକ୍ଷେ ଯଜ୍ଞର ଅଙ୍କୁରାରୋପଣ, କଳସ ଯାତ୍ରା ଓ ଶ୍ରୀପାଦୁକା ସ୍ଥାପନ କରାଯାଇଅଛି ।

ତା୦୮.୭.୯୮ରିଖ ବୁଧବାର : ଫଲ୍‌ଗୁ ସୌରୀଙ୍କ ସ୍ମରଣେ ''ଯଜ୍ଞାହୂତି'' ଓ ପୂଜାର୍ଚ୍ଚନା କରାଯାଇଅଛି ।

ତା୦୯.୭.୯୮ରିଖ ଗୁରୁବାର : ଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯାଇ ଉତ୍ସବ ସମାପ୍ତ ହୋଇଛି ।

ତା୧୬.୭.୯୮ରିଖ ଗୁରୁବାର : କଟକ ଜିଲ୍ଲା କ୍ଷେତ୍ରପାଳ ଶାଖା ଅନ୍ତର୍ଗତ ଗୁରୁଭଗ୍ନୀ ସସ୍ମିତା ସାମଲ (ସ.ପ.ନଂ.୯୨୮)ଙ୍କର ଦେହାନ୍ତ ହୋଇଅଛି ।

ତା୧୮.୭.୯୮ରିଖ ଶନିବାର : ଗଜପତି ଜିଲ୍ଲା ଚମ୍ପାପୁର ଗ୍ରାମର ଗୁରୁଭ୍ରାତା ବୃନ୍ଦାବନ ବସୁବତି (ସ.ପ.ନଂ.୬୦୪୮)ଙ୍କର ଦେହାନ୍ତ ହୋଇଅଛି ।

ତା.୨୬.୭.୯୮ରିଖ ରବିବାର : କଟକ ଜିଲ୍ଲା କ୍ଷେତ୍ରପାଳ ଶାଖା ଅନ୍ତର୍ଗତ ଗୁରୁଭଗ୍ନୀ ସସ୍ମିତା ସାମଲ (ସ.ପ.ନଂ.୯୨୮)ଙ୍କର ତିଳ ତର୍ପଣ ଓ ସତ୍‌ସଂଗ ଅନୁଷ୍ଠାନ କରାଯାଇଅଛି ।

ତା୦୭.୮.୯୮ରିଖ ଶୁକ୍ରବାର ଠାରୁ ତା୦୯.୮.୯୮ରିଖ ରବିବାର : ଶ୍ରୀସ୍ୱାମୀଙ୍କର ଶ୍ରୀ ପାଦୁକା ସ୍ନାନ, ବନ୍ଦନା ଓ ଶ୍ରୀପାଦୁକା ଯଜ୍ଞ ମହା ଆଡ଼ମ୍ବରରେ ବୈଦିକ ବିଧି ବିଧାନ ଅନୁଯାୟୀ ପାଳିତ ହୋଇଅଛି । ଏଥିରେ ସହସ୍ରାଧିକ ଭକ୍ତ, ଅନୁଗତ, ଶିଷ୍ୟମାନେ ଯୋଗଦାନ କରି ଉତ୍ସବଟିକୁ ପୂର୍ଣ୍ଣ ସାଫଲ୍ୟ କରାଇଅଛନ୍ତି । ଏହି ଉପଲକ୍ଷେ, ''ଶ୍ରୀପାଦୁକା ଭଜନମାଳା'' ଓ ''ସ୍ମରଣିକା'' ଉନ୍ମୋଚନ ହୋଇଅଛି ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି